## ସଂକ୍ଷେପରେ

### ବାଇକ୍ ଦୁର୍ଘଟଣାରେ ଜଣେ ମୃତ

ବରୀ,୧୦।୮(ମହେନ୍ଦ୍ର ସ୍ୱାଇଁ):



ବରୀ-ରାମଚନ୍ଦ୍ରପୁର ଥାନା ଅଧୀନ ଅଚିରା ପଞ୍ଚାୟତ ମହମ୍ମଦପୁର ଗ୍ରାମର ପ୍ରହ୍ଲାଦ ଦାସ(୫୪)ଙ୍କ ବାଇକ୍ ଦୁର୍ଘଟଣାରେ ମୃତ୍ୟୁ ହୋଇଛି। ସେ ଶୁକ୍ରବାର ସନ୍ଧ୍ୟାରେ ବାଲିଆପାଳ ଛକଠାରୁ ସାନ୍ଧ୍ୟାଭ୍ରମଣ ସାରି ଫେରୁଥିବାବେଳେ ଜଣେ ବାଇକ୍ ଚାଳକ ଦ୍ରୁତ ଗତିରେ ଆସି ପଛ ପଟରୁ ତାଙ୍କୁ ଧକ୍କା ଦେଇ ଫେରାର ହୋଇଯାଇଥିଲେ। ଫଳରେ ଘଟଣାସ୍ଥଳରେ ଦାସ ଗୁରୁତର ହୋଇଥିଲେ। ତାଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ସୁଜନପୁର ପ୍ରାଥମିକ ଚିକିତ୍ସା କେନ୍ଦ୍ରକୁ ନେଇଥିଲେ। ପରେ ତାଙ୍କୁ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରୁ କଟକ ବଡ଼ ମେଡିକାଲକୁ ପଠାଯିବା ସମୟରେ ତାଙ୍କର ମୃତ୍ୟୁ ହୋଇଥିଲା। ଗ୍ରାମଶ୍ମଶାନରେ ତାଙ୍କ ଶବ ସତ୍କାର କରାଯାଇଛି। ତାଙ୍କ ମୃତ୍ୟୁ ଖବର ପାଇ ପୂର୍ବତନ ବରୀ ବିଧାୟିକା ସୁନନ୍ଦା ଦାସ, ରାଜ୍ୟ ବିଜେଡି ସମ୍ପାଦକ ଦେବେନ୍ଦ୍ର ଦାସ, ସରପଞ୍ଚ କୈଳାଶ ମଲ୍ଲିକ, ସମିତିସଭ୍ୟ ପ୍ରୀତି ରଞ୍ଜନ ଜେନା, ସାମାଜିକ କର୍ମୀ ଅରବିନ୍ଦ ମହାନ୍ତି, ନରହରି ପରିଡ଼ାଙ୍କ ସମେତ ସ୍ଥାନୀୟ ଅଞ୍ଚଳର ବହୁ ବୁଦ୍ଧିଜୀବୀ ପହଞ୍ଚି ଶେଷ ଦର୍ଶନ କରିବା ସହ ଶୋକ ସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଇଛନ୍ତି। ଅନ୍ୟପକ୍ଷରେ ଦୁର୍ଘଟଣା ସମ୍ପର୍କରେ ଦାସଙ୍କ ପୁଅ ସଞ୍ଜୟ କୁମାର ଦାସ ଶନିବାର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ନଂ.୪୫୮/୨୪ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ଥାନା ଅଧିକାରୀ ସୁମତି କୁମାରୀ ମହାନ୍ତି ପ୍ରକାଶ କରିଛନ୍ତି।

### ବୁଦ୍ଧଦେବ ଭଟ୍ଟାଚାର୍ଯ୍ୟଙ୍କୁ ଶ୍ରଦ୍ଧାଞ୍ଜଳି

ପାଣିକୋଇଲି,୧୦।୮(ବିକାଶ ମଲ୍ଲିକ):

ସିପିଆଇ(ଏମ) ଭୁବନେଶ୍ୱରପୁର ଆଞ୍ଚଳିକ କମିଟି ପକ୍ଷରୁ ସାମ୍ୟଭବନ ପରିସରରେ ପଶ୍ଚିମବଙ୍ଗର ପୂର୍ବତନ ମୁଖ୍ୟମନ୍ତ୍ରୀ ଏବଂ ସିପିଆଇଏମ୍‌ର ପଲିଟିକାଲ ବ୍ୟୁରୋ ସଦସ୍ୟ କମ୍ରେଡେ ବୁଦ୍ଧଦେବ ଭଟ୍ଟାଚାର୍ଯ୍ୟଙ୍କ ବିୟୋଗରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ମାଧବ କୁଣ୍ଡୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଜିଲା ସମ୍ପାଦକ ମଣ୍ଡଳୀ ସଭ୍ୟ ଗଣେଶ ସାହୁ, ଡା. ନିର୍ମଳ ରଥ, ଜିଲା କମିଟି ସଭ୍ୟ ସୁରେଶ ସାହୁ, ଆଞ୍ଚଳିକ କମିଟିର ଅଭୟ ଓଝା, ନରେନ୍ଦ୍ର ସାହୁ, ସୁରେଶ କୁମାର ସାହୁ ପ୍ରମୁଖ ଯୋଗଦେଇ ଭଟ୍ଟାଚାର୍ଯ୍ୟଙ୍କ ସ୍ମୃତିଚାରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁବ୍ରତ ଜେନା, ପ୍ରମୋଦ ସାହୁ, ପ୍ରତ୍ୟୁଷ ସାହୁ, ଅଶୋକ ସାହୁ ପ୍ରମୁଖ ଯୋଗ ଦେଇଥିଲେ।

# ଦଶରଥପୁରରେ ମାଳ ମାଳ ବେଆଇନ ଔଷଧ ଦୋକାନ

ଝୁମ୍ପୁରୀ,୧୦।୮(ସରୋଜ ନାୟକ):

ଦଶରଥପୁର ବ୍ଲକ୍ ଅଞ୍ଚଳର ବିଭିନ୍ନ ବଜାରରେ ମାଳମାଳ ବେଆଇନ ଔଷଧ ଦୋକାନ ଓ ପାଥୋଲାବ୍ ଖୋଲିଛି। ଏସବୁ ଦୋକାନ ସମ୍ପର୍କରେ ଜିଲା ସ୍ୱାସ୍ଥ୍ୟ ବିଭାଗ ନିକଟରେ କୌଣସି ଖବର ନ ଥିବା ଜଣାପଡ଼ିଛି। ଅଧିକାଂଶ ଦୋକାନ ବିନା ପଞ୍ଜୀକରଣରେ ଚାଲିଥିବାବେଳେ କିଛି ଦୋକାନୀଙ୍କ ଲାଇସେନ୍ସ ମଧ୍ୟ ନାହିଁ। ଏସବୁ ସତ୍ତ୍ୱେ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏହିସବୁ ଦୋକାନକୁ ଆଦୌ ଯାଞ୍ଚ କରାଯାଉ ନ ଥିବା ଅଭିଯୋଗ ହୋଇଛି। ଏହିସବୁ ଦୋକାନରେ ଅନଭିଜ୍ଞ ଯୁବକମାନେ ମେଡିସିନ୍ ବିକ୍ରି କରୁଥିବାବେଳେ ପାଥୋଲାବ୍‌ଗୁଡ଼ିକରେ ବିନା ଟ୍ରେନିଂରେ ଯୁବକମାନେ ବିଭିନ୍ନ ପ୍ରକାର ପରୀକ୍ଷା କରୁଛନ୍ତି। ଫଳରେ ସାଧାରଣ ରୋଗୀଙ୍କ ଜୀବନ ଏଥିପାଇଁ ବିପଦ ମଧ୍ୟକୁ ଠେଲି ହୋଇଯାଉଛି। ଗତକିଛିଦିନ ତଳେ ଏହି ବ୍ଲକ୍‌ର ମନ୍ଦାରଖଣ୍ଡ ଛକରେ ଥିବା ଏକ ଔଷଧ ଦୋକାନରେ ଇଞ୍ଜେକସନ୍ ନେବାବେଳେ ଜଣେ ଶିଶୁର ମୃତ୍ୟୁ ହୋଇଥିଲା। ଏହି ଘଟଣାକୁ ନେଇ ସେତେବେଳେ ତୁମ୍ବିତୋଫାନ



ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର।

ଘଟିଥିବାବେଳେ ଦଶରଥପୁର ଓ ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଏହା ଉପରେ କୌଣସି ପଦକ୍ଷେପ ନିଆଯାଇ ନ ଥିଲା। ଏବେବି ଦଶରଥପୁର ବ୍ଲକ୍‌ରେ ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ଔଷଧ ଦୋକାନ ଖୋଲିଥିବାବେଳେ ସେଥିମଧ୍ୟରୁ ଅର୍ଦ୍ଧାଧିକ ଦୋକାନର ଲାଇସେନ୍ସ ଓ ପଞ୍ଜୀକରଣ ନ ଥିବା ଜଣାପଡ଼ିଛି। ଏହିସବୁ ଦୋକାନରେ ଥିବା ଯୁବକମାନେ ମନଇଚ୍ଛା ରୋଗୀଙ୍କୁ ଔଷଧ ଦେଉଛନ୍ତି। ଡାକ୍ତର ଲେଖିଥିବା ଚିଠା ବଦଳରେ ସେମାନେ ଅନ୍ୟ ଔଷଧ ଦେଉଛନ୍ତି। ଏପରି ବିନା ପ୍ରଶିକ୍ଷଣ ଓ ବିନା ପଞ୍ଜୀକରଣ ଏବଂ ଅନଭିଜ୍ଞ ବ୍ୟକ୍ତିମାନଙ୍କୁ ନେଇ ଔଷଧ ଦୋକାନ ଚାଲୁଥିବାବେଳେ ରୋଗୀଙ୍କୁ ସେମାନେ ଭୁଲ୍ ଇଞ୍ଜେକସନ୍, ସାଲାଇନ୍, ଔଷଧ ଦେଉଥିବାର ନଜରକୁ ଆସୁଛି। ଏହି ବେଆଇନ ଔଷଧ ଦୋକାନ ସମ୍ପର୍କରେ ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମେଡିକାଲ ଅଫିସର ଡାକ୍ତର ବିନ୍ଦୁସାଗର ସାମଲଙ୍କୁ ପଚାରିବାରୁ ସେ କହିଛନ୍ତି, ଏପରି ଔଷଧ ଦୋକାନ ଓ ପାଥୋଲାବ୍ ଚାଲିଥିବାର ନିର୍ଦ୍ଦିଷ୍ଟ ଅଭିଯୋଗ ଆସିଲେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ଫାଇଲେରିଆ ନିରାକରଣ ଅଭିଯାନ ଶୁଭାରମ୍ଭ

ବିଞ୍ଝାରପୁର,୧୦।୮(ରାମକୃଷ୍ଣ ଦାସ):

ଲିମ୍ଫାଟିକ୍ ଫାଇଲେରିଆ ନିରାକରଣ ପାଇଁ ଅଭିଯାନ ଆରମ୍ଭ ହୋଇଛି। ବିଞ୍ଝାରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ବିଞ୍ଝାରପୁର ପଞ୍ଚାୟତ ସମିତି ଅଧ୍ୟକ୍ଷା ରଞ୍ଜିତା ଦାସ ନିଜେ ଫାଇଲେରିଆ ନିରାକରଣ ଔଷଧ ଖାଇ ଏହାର ଶୁଭାରମ୍ଭ କରିଛନ୍ତି। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଡା. କ୍ଷୀତିଶ ନାୟକଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ତ ଡାକ୍ତର ଓ କର୍ମଚାରୀ ଯୋଗଦେଇଥିଲେ। ପରେ ମୁଖ୍ୟ ଚିକିତ୍ସାଧିକାରୀ ଓ ଅନ୍ୟ ଡାକ୍ତର ଏବଂ କର୍ମଚାରୀ ମଧ୍ୟ ଫାଇଲେରିଆ ନିରାକରଣ ପାଇଁ ଔଷଧ ସେବନ କରିଥିଲେ। ୧୯ ତାରିଖ ମଧ୍ୟରେ ପ୍ରତି ଗ୍ରାମ, ପ୍ରତି ବିଦ୍ୟାଳୟରେ ସଚେତନତା କାର୍ଯ୍ୟକ୍ରମ ସହିତ ଔଷଧ ସେବନ କରାଯିବ ବୋଲି ଡା. ନାୟକ ପ୍ରକାଶ କରିଛନ୍ତି। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବିପିଏମ୍ ଶୁଭ୍ରାଜ୍ୟୋତି ସାମଲ, ପିଏଚ୍‌ଇଓ ସସ୍ମିତା ସିଂହ ଓ ସ୍ୱାସ୍ଥ୍ୟକର୍ମୀ ପ୍ରେମାନନ୍ଦ ଦାସ ପ୍ରମୁଖ ଉପସ୍ଥିତ ଥିଲେ।



ପଞ୍ଚାୟତ ସମିତି ଅଧ୍ୟକ୍ଷା ରଞ୍ଜିତା ଦାସ ଫାଇଲେରିଆ ନିରାକରଣ ଅଭିଯାନ ଶୁଭାରମ୍ଭ କରୁଛନ୍ତି।

# ଗଙ୍ଗାଧର ମେହେର ଜୟନ୍ତୀ ପାଳିତ



କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀରେ ଉପସ୍ଥିତ ଇନ୍ଦିରା ଗାନ୍ଧୀ ମହିଳା ଡିଗ୍ରୀ ମହାବିଦ୍ୟାଳୟର ଓଡ଼ିଆ ସମ୍ମାନ ବିଭାଗର ଛାତ୍ରୀମାନେ।

ଯାଜପୁରରୋଡ୍,୧୦।୮ (ପବିତ୍ର ରଞ୍ଜନ ମହାନ୍ତି):

ବ୍ୟାସନଗର ପୌରପରିଷଦ ଅନ୍ତର୍ଗତ ଦଳାସ୍ଥିତ ଇନ୍ଦିରା ଗାନ୍ଧୀ ମହିଳା ଡିଗ୍ରୀ ମହାବିଦ୍ୟାଳୟର ଓଡ଼ିଆ ସମ୍ମାନ ବିଭାଗ ପକ୍ଷରୁ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ବିଭାଗୀୟ ଅଧ୍ୟାପକ ମଳୟ କୁମାର ମଲ୍ଲିକ ପ୍ରଥମେ ଗଙ୍ଗାରଧରଙ୍କ ତୈଳଚିତ୍ରରେ ପୁଷ୍ପାର୍ଘ୍ୟ ପ୍ରଦାନ କରିବା ସହ କବିଙ୍କ ଜୀବନଚର୍ଯ୍ୟା ଆଲୋଚନା କରିଥିଲେ। 'ଏ ବିଶ୍ୱ ମଧୁମୟ ଓ ସେହି ମଧୁର ଝରଣାରେ ସମସ୍ତଙ୍କର ସବୁ ପାପ ତାପି ଏବଂ ମରଣର ଭୟ ହରଣ ହୋଇଥାଏ' ବୋଲି କବିଙ୍କ ଉକ୍ତିକୁ ସେ ଶୁଣାଇଥିଲେ। ଅଧ୍ୟାପିକା ଝୁନୁମଣୀ ଜେନା ମେହେରଙ୍କ ପ୍ରସିଦ୍ଧ ସାହିତ୍ୟ କୃତୀ ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ଛାତ୍ରୀ ତୁଳସୀ ସାମଲ, ପ୍ରିୟଙ୍କା ପ୍ରିୟଦର୍ଶିନୀ ବ୍ରହ୍ମ, ସ୍ମୃତିରେଖା ସାହୁ, ପ୍ରଜ୍ଞାପାରମିତା ପତି, ସ୍ମୃତି ସାରିକା ଜେନା, ସିଲି ସେଠୀ, ସାଗରିକା ଜେନା, ମମତାରାଣୀ ମାଝୀ, ଭାନୁମତୀ ମଲ୍ଲିକ, ରମାରାଣୀ ମଲ୍ଲିକ, ଇତିଶ୍ରୀ ମାଝୀ, ଲିସାରାଣୀ ସାମଲ ଓ ଦୀପାରାଣୀ ଜେନା ପ୍ରମୁଖ ଯୋଗଦେଇ ଗଙ୍ଗାଧରଙ୍କ ଉପରେ ବକ୍ତବ୍ୟ ରଖିଥିଲେ। ପ୍ରାରମ୍ଭରେ ଛାତ୍ରୀ ପ୍ରିୟଙ୍କା ପ୍ରିୟଦର୍ଶିନୀ ମହାନ୍ତି, ଶିବାନୀ ସେଠୀ, ଅଭାଜ୍ୟୋତି ମଲ୍ଲିକ, ମୋନାଲିସା ମଲ୍ଲିକଙ୍କ ଦ୍ୱାରା କବିଙ୍କ ଜୀବନୀ ଉପରେ ଆଧାରିତ ସଙ୍ଗୀତ ପରିବେଷଣ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ମୃଣ୍ମୟୀ ତରାଇ, ପାର୍ବତୀ ତାପେ, ପ୍ରଭାସିନୀ ପତି, ସୁପ୍ରିୟା ମହାଳିକ, ମମତାରାଣୀ ବେହେରା, ମାନିନୀ ବେହେରା, ସ୍ମିତା ସାହୁ, ଏଲିଜା ପ୍ରିୟଦର୍ଶିନୀ ବ୍ରହ୍ମ, ସାଗରିକା ଜେନା(ଖ), ଅନିସା ପ୍ରିୟଦର୍ଶିନୀ ରାୟ, କମଳା ସାହୁ, ଶୁମସ୍ମିତା ସାହୁ, ବିଜୟଲକ୍ଷ୍ମୀ ରାଉତ, କବିତା ସେଠୀ ଓ ମମତା ମଲ୍ଲିକ ପ୍ରମୁଖ ଛାତ୍ରୀ ଉପସ୍ଥିତ ଥିଲେ। ଛାତ୍ରୀ ସ୍ମୃତିସାରିକା ଜେନା ଧନ୍ୟବାଦ ଦେଇଥିଲେ।

### ସାପ କାମୁଡ଼ାରେ ମହିଳାଙ୍କ ମୃତ୍ୟୁ

ଛତିଆ,୧୦।୮(ସୌମ୍ୟ ରଞ୍ଜନ ସାହୁ):

ବଡ଼ଚଣା ବ୍ଲକ ଅନ୍ତର୍ଗତ ସୋଲର ପଞ୍ଚାୟତ ପାଇକରାପୁର ଗ୍ରାମର ଜଣେ ମହିଳାଙ୍କ ଶନିବାର ସାପ କାମୁଡ଼ାରେ ମୃତ୍ୟୁ ହୋଇଛି। ସେ ହେଲେ ଗ୍ରାମର ରାମଚନ୍ଦ୍ର ମଲିକଙ୍କ ସ୍ତ୍ରୀ ରେଣୁବାଳା ମଲିକ(୫୦)। ଘର ପଛପଟ ବାଡ଼ିରେ ରେଣୁବାଳା କୌଣସି କାମ କରୁଥିବା ସମୟରେ ତାଙ୍କୁ ସାପ କାମୁଡ଼ି ଦେଇଥିଲା। ଫଳରେ ସେ ଘଟଣାସ୍ଥଳରେ ଚେତାଶୂନ୍ୟ ହୋଇପଡ଼ିଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ୫ ଘର ଭାଙ୍ଗିଲା ଦନ୍ତା

ପାଟଣା,୧୦।୮(ବୀରକିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ରେଞ୍ଜ ସାହାରପଡ଼ା ସେକ୍ସନ ରାଇଡିହା ବିଟ୍‌ରେ ଶୁକ୍ରବାର ରାତିରେ ଗୋଠଛଡା ଦନ୍ତା ୫ ଘର ଭାଙ୍ଗିଦେଇଛି। ରେଞ୍ଜ ଅଧୀନ ରାଇଡ଼ିହା ବିଟ୍ ତୁଟିଆପଶି ଗ୍ରାମର ପ୍ରଫୁଲ୍ଲ ମୁଣ୍ଡାଙ୍କ ଟାଇଲ ଘର, କରଞ୍ଜିଆ ପଡ଼ାର ଲକ୍ଷ୍ମୀଧର ମହାନ୍ତଙ୍କ ଖପର ଘର, ଅଜୁ ପଇଦାଙ୍କ ଆଜବେଷ୍ଟସ ଘର, ଭାଲିଆ ଡ଼ାଳର ଦୈଇତାରୀ ଦଳଦଶିଆ ଓ ଟିବୁରୁ ନାଏକଙ୍କ ଟାଇଲ ଘର ଭାଙ୍ଗି ଦେଇଛି। ଶନିବାର ହାତୀ ଅସନ ବାହାଳୀ ଗ୍ରାମ୍ୟ ଜଙ୍ଗଲରେ ଡେରା ପକାଇଥିବା ସହାରପଡ଼ା ବନପାଳ ଭୂପତି ସେଠୀ କହିଛନ୍ତି।

### ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

କେନ୍ଦୁଝର,୧୦।୮(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ସଦର ଥାନା ଶୁଆକାଟି ବିଟ ଅଧୀନ ଶୁଆକାଟିଠାରେ ଘର ଭିତରୁ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ପୋଲିସ ଜବତ କରିଛି। ସେ ହେଲେ ଘଟଗାଁ ଥାନା ତରା ପଞ୍ଚାୟତ ହଳଧରପୁର ଗ୍ରାମର କୁଳମଣି ରାଉତଙ୍କ ପୁଅ ସୁବ୍ରତ(୨୬)। ସେ ଓଏମ୍‌ସି ଖଣିରେ ୪ ବର୍ଷ ହେବ ଇଲେକ୍ଟ୍ରିସିଆନ ଭାବେ କାର୍ଯ୍ୟରତ ଥିଲେ। ଖବର ପାଇ ପୋଲିସ ଓ ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ସମେତ ମୋବାଇଲ ଜବତ କରି ତଦନ୍ତ ଆରମ୍ଭ କରିଛି। ଥାନାରେ ଏକ ମାମଲା(ନଂ.୪୯/୨୪) ରୁଜୁ ହୋଇଛି। ଘଟଣାସ୍ଥଳରେ ଜଣେ ଯୁବତୀ ସୁବ୍ରତଙ୍କ ସହିତ ସମ୍ପର୍କରେ ଥିଲେ ବୋଲି କହି କାନ୍ଦୁଥିବା ଦେଖିବାକୁ ମିଳିଛି। ଏ ନେଇ ଶୁଆକାଟି ବିଟ୍‌ରେ କାକା ନଗେନ କୁମାର ରାଉତ ପୁତୁରା ସୁବ୍ରତଙ୍କୁ ସୁଚିନ୍ତିତ ହତ୍ୟା କରାଯାଇଥିବା ଲିଖିତ ଅଭିଯୋଗ କରିଛନ୍ତି। ଜିଲା ମୁଖ୍ୟ ଚିକିତ୍ସାଳୟରେ ବ୍ୟବଚ୍ଛେଦ ପରେ ମୃତଦେହ ପରିବାରଙ୍କୁ ହସ୍ତାନ୍ତର କରାଯାଇଛି। ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ପୋଲିସ କହିଛି।

### ସିଂହପୁର ୟୁଥ୍ ୟୁନିୟନ ପକ୍ଷରୁ ଚାରାରୋପଣ

ସିଂହପୁର,୧୦।୮(ଅନଙ୍ଗ ଉଦୟ ବେଉରିଆ):

ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ସିଂହପୁର ୟୁଥ୍ ୟୁନିୟନ ପକ୍ଷରୁ ସିଂହପୁର ଅଞ୍ଚଳର ଅଧିଷ୍ଠାତ୍ରୀ ମା'ଦରିଆ ନାହାକାଣୀ ପୀଠରେ ଚାରାରୋପଣ କରାଯାଇଛି। ୟୁନିୟନ୍‌ର ଏଭଳି କାର୍ଯ୍ୟକୁ ସାଧାରଣରେ ପ୍ରଶଂସା କରାଯାଇଛି। ଆଗାମୀ ଦିନରେ ବିଭିନ୍ନ ସ୍ଥାନରେ ଗଛ ଲଗାଯିବ ବୋଲି ୟୁନିୟନ ପକ୍ଷରୁ କୁହାଯାଇଛି।




ଚାରା ରୋପଣ କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ସିଂହପୁର ୟୁଥ୍ ୟୁନିୟନର ସଦସ୍ୟମାନେ।

# ଶିଶୁ ସାହିତ୍ୟିକ ଅଜୟ ଜେନା ସମ୍ବର୍ଦ୍ଧିତ



ଶିଶୁ ସାହିତ୍ୟିକ ଡ. ଅଜୟ କୁମାର ଜେନାଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ବରୀ,୧୦।୮(ମହେନ୍ଦ୍ର ସ୍ୱାଇଁ):

ଶିଶୁ ସାହିତ୍ୟ ଓ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବରୀ ବ୍ଲକ୍ ଅଧୀନ ବାଲିଆ ଅଭିମନ୍ୟୁ ସାମନ୍ତସିଂହାର ମହାବିଦ୍ୟାଳୟ ପରିସରରେ ଶିଶୁ ସାହିତ୍ୟିକ ଡ. ଅଜୟ କୁମାର ଜେନାଙ୍କୁ ସେବା ନିବୃତ୍ତ କର୍ମଚାରୀ ସଂଘ ଓ ମହାବିଦ୍ୟାଳୟ ପକ୍ଷରୁ ଶନିବାର ସମ୍ବର୍ଦ୍ଧିତ କରାଯାଇଛି। ସଂଘ ପକ୍ଷରୁ ଗଗନ ବିହାରୀ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ସାହିତ୍ୟିକ ତଥା ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବେଣୁଧର ପତି, ସମ୍ମାନିତ ଅତିଥିଭାବେ ଯୁକ୍ତ ୨ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଜିତେନ୍ଦ୍ର କୁମାର ଦାଶ ଓ ଯୁକ୍ତ ୩ ମହାବିଦ୍ୟାଳୟର ଅଧ୍ୟକ୍ଷ ସୁଧୀର କୁମାର ରାଉତ ଯୋଗଦେଇ ଜେନାଙ୍କ ବହୁମୁଖି ପ୍ରତିଭା ସମ୍ପର୍କରେ ପ୍ରକାଶ କରିଥିଲେ। କର୍ମଚାରୀ ସଂଘ, ଦୁଇ ମହାବିଦ୍ୟାଳୟ ପକ୍ଷରୁ ଜେନାଙ୍କୁ ମାନପତ୍ର, ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ବର୍ଦ୍ଧନାର ଉତ୍ତରରେ ଜେନା ଗାଁ ମାଟିରେ ଏବଂ ନିଜ ଶିକ୍ଷାନୁଷ୍ଠାନରେ ପ୍ରଦାନ କରାଯାଇଥିବା ସମ୍ବର୍ଦ୍ଧନା କୌଣସି ବିଶ୍ୱସ୍ତରୀୟ ସମ୍ବର୍ଦ୍ଧନାଠାରୁ କମ ନୁହେଁ ବୋଲି କହିଥିଲେ। ସେବା ନିବୃତ୍ତ କର୍ମଚାରୀ ସଂଘ ସଭାପତି ଗୋପବନ୍ଧୁ ଦାସଙ୍କ ପରାମର୍ଶକ୍ରମେ ଅନୁଷ୍ଠିତ ସଭାରେ ବଳରାମ ପଣ୍ଡା, ମକର ଚରଣ ଘଡ଼ାଇ, କପିଳ ଚରଣ ସାମଲ, ବଟକୃଷ୍ଣ ସେଠୀ, ଗୁନଚରଣ ନାୟକ, ନଟବର ଜେନା, ଅନନ୍ତ ଚରଣ ମଲିକ, ଶୁକଦେବ ସାହୁ, ହରିଶ୍ଚନ୍ଦ୍ର ଦାସ, ବିଶ୍ୱନାଥ ଭୂୟାଁ, ସୁଶାନ୍ତ ସେନାପତି, ପୂର୍ବତନ ସରପଞ୍ଚ ବିଜୟ ନାୟକ, ବିଦଗ୍ଧାର ନିର୍ଦ୍ଦେଶକ ଶରତ କୁମାର ଜେନା, ମହାବିଦ୍ୟାଳୟ କର୍ମଚାରୀ ପ୍ରମୋଦ କୁମାର ଜେନା, ବଙ୍ଗାଳି ଚରଣ ବାରିକ, ପ୍ରଫୁଲ୍ଲ ମଲ୍ଲିକ, ପ୍ରତାପ ମଲିକ, ସୁଧାଂଶୁ ଶେଖର ଜେନା, ଗଣମାଧ୍ୟମ ପ୍ରତିନିଧି ଚୈତନ୍ୟ ଚରଣ ଜେନା, ପ୍ରଦୀପ କୁମାର ମହାରଣା, ପ୍ରଶାନ୍ତ କୁମାର କବି ଓ ସନ୍ତୋଷ କୁମାର ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

### ଛାତ୍ରଙ୍କୁ ମାଡ଼ ଘଟଣା: ଶିକ୍ଷୟିତ୍ରୀଙ୍କ ବଦଳି ପ୍ରସ୍ତାବ

କେନ୍ଦୁଝର,୧୦।୮(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ସଦର ବ୍ଲକ୍ ମଇଦାନକେଲ ସରକାରୀ ପ୍ରାଥମିକ ବିଦ୍ୟାଳୟର ସ୍ୱଳ୍ପ ବ୍ୟୟ ହଷ୍ଟେଲରେ ରହି ପଢୁଥିବା ଛାତ୍ରଙ୍କୁ ମାଡ ଘଟଣାରେ ଶିକ୍ଷୟିତ୍ରୀଙ୍କ ବଦଳି ପାଇଁ ଶିକ୍ଷା ବିଭାଗ ଜିଲାପାଳଙ୍କୁ ସୁପାରିଶ କରିଛି। ତେବେ ଛାତ୍ରଙ୍କୁ ଶିକ୍ଷୟିତ୍ରୀ ମାଡ଼ ମାରି ନ ଥିବା ତଦନ୍ତରେ ଜଣାପଡ଼ିଛି। ଅନ୍ୟ ଜଣେ ଛାତ୍ର ପିଲାଙ୍କୁ ମାଡ଼ ମାରିଥିଲେ। ପିଲାଙ୍କ ଦାୟିତ୍ୱରେ ଥିବା ଶିକ୍ଷୟିତ୍ରୀଙ୍କ ଅବହେଳା ପାଇଁ ବଦଳି କରିବାକୁ ପ୍ରସ୍ତାବ ଦିଆଯାଇଛି। ଜିଲାପାଳ ପଦକ୍ଷେପ ନେବେ ବୋଲି ଜିଲା ଶିକ୍ଷା ଅଧିକାରିଣୀ ଗୌରିରାଣୀ ନାୟକ କହିଛନ୍ତି। ତଦନ୍ତରେ ଜଣାପଡ଼ିଥିଲା, ଜଣେ ଛାତ୍ର ବାହାରକୁ ଯାଉଥିବା ବେଳେ ଭୟ ଲାଗିବାରୁ ଅନ୍ୟ କେତେଜଣଙ୍କୁ ସାଙ୍ଗରେ ଯିବାକୁ କହିଥିଲେ। କେହି ନ ଶୁଣିବାରୁ ସେଠାରେ ମଶାରୀ ବାନ୍ଧିବାକୁ ଥିବା ପାଇପରେ ୬ ଜଣ ଛାତ୍ରଙ୍କୁ ମାଡ଼ ମାରିଥିବା ଶିକ୍ଷା ବିଭାଗ ପକ୍ଷରୁ କୁହାଯାଇଛି। ତେବେ ଶିକ୍ଷୟିତ୍ରୀ ମାଡ଼ ମାରି ଛାତ୍ରଙ୍କୁ ଲହୁଲୁହାଣ କରିଥିବା ଅଭିଯୋଗ ହୋଇଥିଲା। ତଦନ୍ତ ବେଳେ ଛାତ୍ରମାନେ ଶିକ୍ଷୟିତ୍ରୀ ମାଡ ମାରି ନ ଥିବା ବୟାନ ଦେଇଥିଲେ। ମାତ୍ର ଦେଖାରଖା ଦାୟିତ୍ୱରେ ଅବହେଳା କାରଣରୁ ଶିକ୍ଷୟିତ୍ରୀଙ୍କ ବଦଳି ପାଇଁ ଶିକ୍ଷା ବିଭାଗ ସୁପାରିଶ କରିଛି।

# ଧର୍ମଶାଳାରେ ନାମ ଲେଖାଇଲେ ୨,୧୨୭ ଛାତ୍ରୀଛାତ୍ର

- ସରିଲା ଯୁକ୍ତ ୨ ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା
- ୩୮୪ ସିଟ୍ ବଳକା

ଧର୍ମଶାଳା,୧୦।୮(ବଟକୃଷ୍ଣ ପରିଡ଼ା):

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଯୁକ୍ତ ୨ କଳା, ବିଜ୍ଞାନ ଓ ବାଣିଜ୍ୟ ପାଠ୍ୟକ୍ରମରେ ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ଶନିବାର ଶେଷ ହୋଇଛି। ଧର୍ମଶାଳା ବ୍ଲକର ୯ ଜୁନିୟର କଲେଜରେ କଳା, ବିଜ୍ଞାନ ଓ ବାଣିଜ୍ୟରେ ୨୫୧୨ ସିଟଥିବାବେଳେ ଦ୍ୱିତୀୟ ପର୍ଯ୍ୟାୟ ଶେଷ ସୁଦ୍ଧା ୨,୧୨୭ ଛାତ୍ରୀଛାତ୍ର ନାମ ଲେଖାଇଛନ୍ତି। ୩୮୪ ସିଟ ବଳକା ରହିଛି। ଉପରୋକ୍ତ କଲେଜ ଗୁଡିକରେ କଳାରେ ୧୫୩୬ ସିଟ ମଧ୍ୟରୁ ୧୩୯୮ ଜଣ ନାମ ଲେଖାଇଥିବାବେଳେ ୧୩୮ ସିଟ ବଳକା ରହିଛି। ସେହିପରି ବିଜ୍ଞାନରେ ୯୨୮ସିଟ ମଧ୍ୟରୁ ୭୧୬ ଜଣ ନାମ ଲେଖାଇଥିବାବେଳେ ୨୧୨ସିଟ ବଳକା ରହିଛି। ବାଣିଜ୍ୟରେ ୪୮ ସିଟ ମଧ୍ୟରୁ ୧୪ ଜଣ ନାମ ଲେଖାଇଥିବାବେଳେ ୩୪ ସିଟ ବଳକା ରହିଛି।

ଧର୍ମଶାଳା ଜୁନିୟର କଲେଜରେ କଳାରେ ୨୫୬ ସିଟ ଥିବା ବେଳେ ୨୩୬ଜଣ ନାମ ଲେଖାଇଛନ୍ତି। ପୂର୍ବରୁ ବିଭିନ୍ନ ବିଷୟରେ ନାମ ଲେଖାଇଥିବା ୧୩୭ଜଣ ସେମାନଙ୍କ ନାମ ଲେଖା ଆବେଦନ ଫେରାଇ ନେଇଛନ୍ତି। ଧର୍ମଶାଳା ଜୁନିୟର କଲେଜରେ କଳାରେ ୨୫୬ ସିଟ ମଧ୍ୟରୁ ୨୪୩ ଜଣ ନାମ ଲେଖାଇଥିବାବେଳେ ୧୩ଟି ସିଟ ବଳକା ରହିଛି। ବିଜ୍ଞାନରେ ୧୯୨ ସିଟରୁ ୧୧୦ ଜଣ ନାମ ଲେଖାଇଥିବାବେଳେ ୮୨ଟି ସିଟ ବଳକା ରହିଛି। ବାଣିଜ୍ୟରେ ୪୮ ସିଟ ଥିବାବେଳେ ୧୪ ଜଣ ନାମ ଲେଖାଇଛନ୍ତି। ୩୪ଟି ସିଟ ବଳକା ରହିଛି। ବଳରାମପୁରସ୍ଥିତ ମୁକୁନ୍ଦପାତ୍ର ଜୁନିୟର କଲେଜରେ କଳାରେ ୨୫୬ ସିଟ ମଧ୍ୟରୁ ୨୪୬ ଜଣ ନାମ ଲେଖାଇଥିବାବେଳେ ୧୦ଟି ସିଟ ବଳକା ରହିଛି। ବିଜ୍ଞାନରେ ୧୯୨ ସିଟ ମଧ୍ୟରୁ ୧୧୬ ଜଣ ନାମ ଲେଖାଇଥିବାବେଳେ ୭୬ ସିଟ ବଳକା ରହିଛି। ଚଢ଼େଇଧରା ଜଗନ୍ନାଥ ଜୀଉ କଲେଜରେ କଳାରେ ୨୫୬ ସିଟ ମଧ୍ୟରୁ ୧୯୮ଜଣ ନାମ ଲେଖାଇଥିବାବେଳେ ୫୮ଟି ସିଟ ବଳକା ରହିଛି। ବିଜ୍ଞାନରେ ୬୪ ସିଟ ମଧ୍ୟରୁ ୬୩ ଜଣ ନାମ ଲେଖାଇଥିବାବେଳେ ୧ ସିଟ ବଳକା ରହିଛି। କୋଟପୁରସ୍ଥିତ ବଜ୍ରଗିରି ଜୁନିୟର କଲେଜରେ କଳାରେ ୩୨୦ ସିଟ ମଧ୍ୟରୁ ୩୧୮ ଜଣ ନାମ ଲେଖାଇଥିବାବେଳେ ୨ଟି ସିଟ ବଳକା ରହିଛି। ବିଜ୍ଞାନରେ ୧୨୮ ସିଟରୁ ୧୨୩ ଜଣ ନାମ ଲେଖାଇଥିବାବେଳେ ୫ ସିଟ ବଳକା ରହିଛି। ଧର୍ମଶାଳା ମହିଳା ଜୁନିୟର କଲେଜରେ କଳାରେ ୧୨୮ ସିଟ୍ ମଧ୍ୟରୁ ୧୨୨ ଜଣ ନାମ ଲେଖାଇଥିବାବେଳେ ୬ ସିଟ ବଳକା ରହିଛି। ଜେନାପୁର ଜୁନିୟର କଲେଜରେ କଳାରେ ୨୫୬ ସିଟ ମଧ୍ୟରୁ ୨୩୫ଜଣ ନାମ ଲେଖାଇଥିବାବେଳେ ୨୧ ସିଟ ବଳକା ରହିଛି। ରେନେସା ଘରୋଇ ଜୁନିଅର କଲେଜରେ କଳାରେ ୬୪ସିଟରୁ ୩୬ଜଣ ନାମ ଲେଖାଇଥିବାବେଳେ ୨୮ ସିଟ ବଳକା ରହିଛି। ବିଜ୍ଞାନରେ ୧୬୦ ସିଟ ମଧ୍ୟରୁ ୧୫୬ ଜଣ ନାମ ଲେଖାଇଥିବାବେଳେ ୪ଟି ସିଟ ବଳକା ରହିଛି। ଜାରକା ଗୋକର୍ଣ୍ଣିକା ଜୁନିୟର କଲେଜରେ ବିଜ୍ଞାନରେ ୬୪ ସିଟ ମଧ୍ୟରୁ ୨୭ଜଣ ନାମ ଲେଖାଇଥିବାବେଳେ ୩୭ଟି ସିଟ ବଳକା ରହିଛି। ଜାମୁବଣିଆସ୍ଥିତ ଜୁନିୟର ଜେନିଥ କଲେଜରେ ବିଜ୍ଞାନରେ ୧୨୮ ସିଟ ମଧ୍ୟରୁ ୧୨୧ଜଣ ନମ ଲେଖାଇଥିବାବେଳେ ୭ ସିଟ ବଳକା ରହିଛି ବୋଲି ସମ୍ପୃକ୍ତ କଲେଜ ଅଧ୍ୟକ୍ଷମାନେ ସୂଚନା ଦେଇଛନ୍ତି।

୧୦

# ଧାର୍ମିକ, ପରିବେଶ, ପର୍ଯ୍ୟଟନ କ୍ଷେତ୍ର ଅବହେଳିତ

■ ସାମାଜିକ, ଅର୍ଥନୈତିକ ବିକାଶରେ ସହାୟକ ହେବ

■ ସମ୍ବେଦନଶୀଳ ନୁହନ୍ତି ପ୍ରଶାସକ, ରାଜନେତା

■ ମାନ୍ୟତା ହରାଇବା ଅପେକ୍ଷାରେ ଜାତୀୟ ଉଦ୍ୟାନ




କେନ୍ଦ୍ରାପଡ଼ା, ୧୦।୮ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ଜିଲାରେ ରାଜ୍ୟର ଏକମାତ୍ର ଜାତୀୟ ଉଦ୍ୟାନ ଅଛି। ଏଥିସହ ତୁଳସୀକ୍ଷେତ୍ର ଭାବେ ଏହି ଜିଲା ଧାର୍ମିକ ପର୍ଯ୍ୟଟନ ପାଇଁ ପରିଚିତି ଲାଭ କରିଛି। ପରିବେଶ, ଧାର୍ମିକ ଓ ପର୍ଯ୍ୟଟନ ପାଇଁ ପର୍ଯ୍ୟାପ୍ତ ଭିତ୍ତିଭୂମି ଥିଲେ ମଧ୍ୟ ଏହାକୁ ଏକ ଶିଳ୍ପର ମାନ୍ୟତା ଦେବା ପାଇଁ ଉଦ୍ୟମ ହୋଇନାହିଁ। ପର୍ଯ୍ୟଟନ ସହିତ କର୍ମ ନିଯୁକ୍ତିକୁ ଯୋଡ଼ିବାକୁ ସ୍ଥାନୀୟ ପ୍ରଶାସକ ଓ ରାଜନେତା ସମ୍ବେଦନଶୀଳ ନୁହନ୍ତି। ଜାତୀୟ ଉଦ୍ୟାନ ଭିତରକନିକାର ସାମୁଦ୍ରିକ ଉଦ୍ୟାନ ପାଇଁ ବିରଳ ଅଲିଭ୍‌ରିଡ୍‌ଲେ କଇଁଛ, ଡଲଫିନ, ବିଦେଶାଗତ ପକ୍ଷୀଙ୍କ ସମାହାର ହେଉଥିବା ବେଳେ ଏହାକୁ ସାମାଜିକ ଓ ଅର୍ଥନୈତିକ ବିକାଶ ପାଇଁ ବ୍ୟବହାର ହେଉନାହିଁ। ଧାର୍ମିକ ସ୍ଥଳର ଉନ୍ନତୀକରଣର ଆବଶ୍ୟକତା ଥିବାବେଳେ ବିଭିନ୍ନ କାରଣରୁ ଭିତରକନିକା ଜାତୀୟ ଉଦ୍ୟାନ ମାନ୍ୟତାରୁ ବଞ୍ଚିତ ହେବା ସମ୍ଭାବନା ଦେଖାଦେଇଛି।

ଏ ସମ୍ପର୍କରେ ସାମାଜିକ କର୍ମୀ ଗୌତମ କୁମାର ବେହେରା କହିଛନ୍ତି, ଇଚ୍ଛାପୁରର ଶ୍ରୀବଳଦେବଜୀଉ, ସହରର ଗୋବିନ୍ଦଜୀଉ, ତମାଳଶାସନର ଦଧିବାମନଜୀଉ, ସନ୍ଥପୁରାର ଶିବ ମନ୍ଦିର, ଆଳିର ଲକ୍ଷ୍ମୀବରାହ ଜୀଉ ମନ୍ଦିର, କୁଦାନଗରୀ, ସଖୀବଟ, ଗଦାଧର ପୀଠ, କର୍ଣ୍ଣେଶ୍ୱର ମନ୍ଦିର, ଅନ୍ଧବର, ଗୋଠେଶ୍ୱର ପୀଠ, ହୁକିଟୋଲା ଓ ବଡିଘର ଆଦିକୁ ରାଜ୍ୟ ପର୍ଯ୍ୟଟନସ୍ଥଳର ମାନ୍ୟତା ମିଳିଛି। ଏସବୁ କ୍ଷେତ୍ର ଜିଲାରେ ପର୍ଯ୍ୟଟନସ୍ଥଳୀ ବୋଲି ଅଧିକାଂଶ ଜିଲାବାସୀଙ୍କୁ ଅଜ୍ଞାତ ଅଛନ୍ତି। ପ୍ରଚାର ପ୍ରସାର ସହ ପର୍ଯ୍ୟଟନସ୍ଥଳୀକୁ ଉତ୍ତମ ରାସ୍ତା ନାହିଁ। ଗୋପ, ମଥୁରା, ବୃନ୍ଦାବନ ଆଦି ଅଞ୍ଚଳରେ ଶ୍ରୀକୃଷ୍ଣଙ୍କ ବାଲ୍ୟଲୀଳା ସମ୍ପର୍କରେ ବୈଷୟିକ ଜ୍ଞାନ କୌଶଳରେ ବିଭିନ୍ନ ସ୍ଥାନରେ ପ୍ରଦର୍ଶିତ କରାଯାଉଛି। ଯାହା ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିବା ସହିତ ପର୍ଯ୍ୟଟକଙ୍କ ଭିଡ ବଢୁଛି। ଏହି ଜିଲାରେ ମଧ୍ୟ ଶ୍ରୀବଳଦେବଜୀଉଙ୍କ ବିଭିନ୍ନ ଲୀଳାକୁ ପ୍ରଦର୍ଶନ କରାଯାଇ ଆର୍ଥିକ ବିକାଶ କରାଯାଇପାରିବ। ଗବେଷକ ଡ. ସର୍ବେଶ୍ୱର ସେଣ କହିଛନ୍ତି, ରାଜନଗର ବ୍ଲକ ରିଘାଗଡର ବଳଦେବଜୀଉ ମନ୍ଦିର, ରାଜକନିକାର ଗୋକର୍ଣ୍ଣେଶ୍ୱର ମନ୍ଦିର, ସିକୋର ଅଷ୍ଟଶମ୍ଭୁ, ଡେରାବିଶର ଦଧିବାମନଜୀଉ, ପଟ୍ଟାମୁଣ୍ଡାଇର ଛୁଆଳିଆ ଆଦି ରାଜ୍ୟ ପର୍ଯ୍ୟଟନସ୍ଥଳୀ ମାନ୍ୟତା ଅପେକ୍ଷାରେ ଅଛି। ଏହାବ୍ୟତୀତ ଜିଲାର ବିଭିନ୍ନ ସ୍ଥାନରେ ଥିବା ମତ୍ସ୍ୟେନ୍ଦ୍ରନାଥ, ଶୈଳନାଥ ସମାଧି, ଇଚ୍ଛନାଥ ସମାଧି ସହିତ ବୌଦ୍ଧ ଧର୍ମର ପ୍ରତୀକ ଚକ୍ରପାଣି, ସ୍ଥିରଚକ୍ର ମଞ୍ଜୁଶ୍ରୀ, ଅବଲୋକିତେଶ୍ୱର, ତାରା ଆଦି ମୂର୍ତ୍ତିର ରକ୍ଷଣାବେକ୍ଷଣ ନାହିଁ। ଏହା ବ୍ୟତୀତ ପୁରୁଣା ବସ୍‌ଷ୍ଟାଣ୍ଡରେ ଥିବା ଡାଇମଣ୍ଡ ଜୁବିଲି ପାଠାଗାର, ସୂର୍ଯ୍ୟଘଡି, ନୋଳ ସାହି ରାଜନଅର, ଆଳି ନଅର, ଜମ୍ବୁଦ୍ୱୀପ ନଅର ଆଦି ଏହି ଜିଲାରେ ଥିଲେ ମଧ୍ୟ ପର୍ଯ୍ୟଟନ ବିଭାଗର ଅବହେଳାର ଶିକାର ହୋଇଛି। କେନ୍ଦ୍ର ସରକାରଙ୍କ ସ୍ୱଦେଶ ଦର୍ଶନରେ କେନ୍ଦ୍ରାପଡ଼ା ସାମିଲ ହେବା ସହିତ ଐତିହ୍ୟ ସାମଗ୍ରୀ ରଖିବା ପାଇଁ ମ୍ୟୁଜିୟମ ଆବଶ୍ୟକ। ଅଧ୍ୟାପକ କ୍ଷିତୀଶ କୁମାର ସିଂହ କହିଛନ୍ତି, ଭିତରକନିକାର ଧଳା କୁମ୍ଭୀର ଗୋରୀ ଓ ଅଲିଭରିଡଲେ କଇଁଛ ଗୋଲୁ ମାସ୍‌କଟ ଭାବେ ରାଜ୍ୟ ସରକାର ବ୍ୟବହାର କରିଛନ୍ତି। ଇକୋ ରିଟ୍ରିଟ୍ ଆୟୋଜନ କରାଯାଇ ଏହି ଜାତୀୟ ଉଦ୍ୟାନ ପ୍ରତି ପର୍ଯ୍ୟଟକଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ତେବେ ବର୍ଷସାରା ଜାତୀୟ ଉଦ୍ୟାନ ଭିତରକନିକାରେ ପର୍ଯ୍ୟଟକଙ୍କ ପାଇଁ ଭିତ୍ତିଭୂମି ପ୍ରସ୍ତୁତ ହେଉନାହିଁ। ମଧୁର ପାଣିର ଅଭାବ, ତଟକ୍ଷୟ, ଚିଙ୍ଗୁଡି ଘେରି, ଭିତରକନିକା ଆଭ୍ୟନ୍ତର ଅଞ୍ଚଳରୁ ଲୋକବସତିକୁ ସ୍ଥାନାନ୍ତର, ଇକୋ ସେନସିଟିଭ ଜୋନର ପରିଚାଳନା ଆଦିରେ ଛନ୍ଦି ହୋଇଛି। ପ୍ରଶାସକ ଓ ରାଜନେତା ଏଥିପ୍ରତି ସମ୍ବେଦନଶୀଳ ନୁହନ୍ତି। ଫଳରେ ୨୦୧୭ ମସିହାରେ ଭିତରକନିକା ବିଶ୍ୱ ଐତିହ୍ୟ ତାଲିକାରେ ସାମିଲ ହୋଇ ପାରି ନ ଥିବା ବେଳେ ଏବେ ଜାତୀୟ ଉଦ୍ୟାନ ମାନ୍ୟତା ହରାଇବାକୁ ଯାଉଛି। ଶିକ୍ଷାବିତ୍ ଭୁବନ ମୋହନ ଜେନା କହିଛନ୍ତି, ଜିଲାର ଆର୍ଥିକ ବିକାଶରେ ପର୍ଯ୍ୟଟନ ଶିଳ୍ପ ସହାୟକ ହୋଇପାରିବ। ଧାର୍ମିକ ପୀଠର ଉନ୍ନତୀକରଣ ଓ ପ୍ରଚାର ପ୍ରସାରର ଆବଶ୍ୟକତା ଅଛି। ସେହିପରି ପ୍ରାକୃତିକ ପରିବେଶର ଉପଯୋଗ ଦରକାର। ଗାଇଡ, ଫଟୋଗ୍ରାଫି, କୁଟୀର ଶିଳ୍ପର ମଣ୍ଡିଠାରୁ ଆରମ୍ଭ କରି ବେଳାଭୂମିକୁ ପର୍ଯ୍ୟଟକ ଉପଯୋଗୀ ଭିତ୍ତିଭୂମିର ବିକାଶ ଦ୍ୱାରା ଜିଲାର ଅର୍ଥନୈତିକ ବିକାଶ ହେବ। ମହୁ, ଝୁଣା ଆଦି ବନଜାତ ଦ୍ରବ୍ୟକୁ ଯୁବବର୍ଗଙ୍କ କର୍ମନିଯୁକ୍ତି ସହିତ ଯୋଡିବାକୁ ପଡିବ। ସାମୁଦ୍ରିକ ଓ ବନ୍ୟ ଜୀବ ସମ୍ପର୍କରେ ବିଶ୍ୱବିଦ୍ୟାଳୟ ଓ ଗବେଷଣାଗାର ଏ ସମ୍ପର୍କରେ ଶିକ୍ଷାକୁ ପ୍ରୋତ୍ସାହିତ କରିବ। ଗଣମାଧ୍ୟମ, ସାମାଜିକ ଗଣମାଧ୍ୟମ ସହିତ ସରକାରୀ ପ୍ରୋତ୍ସାହନରେ ଜିଲାର ବିଭବକୁ ଅଧିକ ପ୍ରଚାର ପ୍ରସାର ହୋଇପାରିଲେ ଜିଲାର ଆର୍ଥିକ ବିକାଶ ହୋଇପାରିବ।

## ଜାତୀୟ କୃମିନାଶ ଦିବସ ପାଳିତ



କୃମିନାଶକ ଦିବସ ସଚେତନତା କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ରାଜକନିକା, ୧୦।୮ (ସଞ୍ଜୟ କୁମାର ଦାଶ)

ରାଜକନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଆନୁକୂଲ୍ୟରେ ଜାତୀୟ କୃମି ନାଶକ ଦିବସ ଶନିବାର ସ୍ଥାନୀୟ କୋଠସାହି ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ପିଏଚ୍‌ଇଓ ତୃପ୍ତି ରାଉତ, ବିପିଏମ୍‌ଓ ବିଶ୍ୱରଞ୍ଜନ ଜେନା ଏବଂ ଜରିସାହି କ୍ଲଷ୍ଟରର ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାରପ୍ରାପ୍ତ ସିଆରସିସି ଖଗେଶ୍ୱର ପଢିହାରୀ ପ୍ରମୁଖ ଯୋଗଦେଇଥିଲେ। ପ୍ରଧାନ ଶିକ୍ଷକ ରାଜକିଶୋର ପାଢ଼ୀଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ବିଦ୍ୟାଳୟ, ମହାବିଦ୍ୟାଳୟ ଓ ଅଙ୍ଗନୱାଡି ଯାଉଥିବା ଏବଂ ଘରେ ଥିବା ୧ ବର୍ଷରୁ ୧୯ ବର୍ଷ ଯାଏଁ ସମସ୍ତ ପିଲାଙ୍କୁ ଶିକ୍ଷୟିତ୍ରୀ, ଶିକ୍ଷକ ଓ ଅଙ୍ଗନୱାଡି କର୍ମୀ ଏବଂ ଆଶା କର୍ମୀମାନେ ଅଗଷ୍ଟ ୧୦ରେ କୃମି ବଟିକା କିମ୍ବା ସିରପ ଖାଇବାକୁ ଦେବେ। ଯେଉଁ ପିଲାମାନେ ୧୦ ତାରିଖରେ ଅନୁପସ୍ଥିତ ଥିବେ ସେମାନଙ୍କୁ ଆଗାମୀ ଅଗଷ୍ଟ ୧୭ରେ ଔଷଧ ଖାଇବାକୁ ଦିଆଯିବ ବୋଲି ବିପିଏମ୍‌ଓ ସୂଚନା ଦେଇଛନ୍ତି। କୃମି ଯୋଗୁ ପିଲାଙ୍କର ପୁଷ୍ଟିହୀନତା, ରକ୍ତହୀନତା, ଦୁର୍ବଳତା, ମାନସିକ ଓ ଶାରୀରିକ ଅଭିବୃଦ୍ଧିରେ ବାଧା ଜନିତ ସ୍ମରଣ ଶକ୍ତି ହ୍ରାସ ହେଉଛି। କୃମିଠାରୁ ପିଲାମାନେ କିପରି ନିଜକୁ ଦୂରେଇ ରଖିପାରିବେ ଏବଂ କୃମି ନିୟନ୍ତ୍ରଣର ଉପାୟମାନ ସମ୍ପର୍କରେ ପିଲାମାନଙ୍କୁ ସବିଶେଷ ସୂଚନା ଦିଆଯାଇଥିଲା। କାର୍ଯ୍ୟକ୍ରମରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ୧୨୦ ଜଣ ପିଲାଙ୍କୁ କୃମି ଔଷଧ ଖାଇବାକୁ ଦିଆଯାଇଥିଲା। ବିଦ୍ୟାଳୟର ସହକାରୀ ଶିକ୍ଷକ ରମାକାନ୍ତ ନାୟକ, ଶିକ୍ଷୟିତ୍ରୀ ପ୍ରତିଭା ବେହୁରା, ମୀନାରାଣୀ ବେହେରା ଏବଂ ବିଦ୍ୟାଳୟ ପରିଚାଳନା କମିଟିର ସଭ୍ୟାସଭ୍ୟ କାର୍ଯ୍ୟକ୍ରମରେ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ହିନ୍ଦୁମାନଙ୍କ ଆତ୍ମାର ସଦ୍‌ଗତି ପାଇଁ ସମୂହ ଦୀପଦାନ



କନିକେଶରୀ ମା'ଦୁର୍ଗାଙ୍କ ମନ୍ଦିର ସମ୍ମୁଖରେ ସମୂହ ଦୀପଦାନ କରାଯାଉଛି।

ରାଜକନିକା, ୧୦।୮ (ସଞ୍ଜୟ କୁମାର ଦାଶ)

ରାଜକନିକା ଭାଜପା ପକ୍ଷରୁ ବାଂଲାଦେଶ ଆନ୍ଦୋଳନକାରୀଙ୍କ ଆକ୍ରମଣରେ ପ୍ରାଣ ହରାଇଥିବା ହିନ୍ଦୁ ଭଉଣୀଭାଇଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ଶନିବାର ସମୂହ ଦୀପଦାନ କରାଯାଇଛି। ସ୍ଥାନୀୟ କନିକେଶରୀ ମା'ଦୁର୍ଗାଙ୍କ ମନ୍ଦିରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପ୍ରାଧ୍ୟାପକ ବୈକୁଣ୍ଠନାଥ ପରିଡା, ନିହାର ରଞ୍ଜନ ସ୍ୱାଇଁ, ବୈକୁଣ୍ଠନାଥ ବେହେରା, ନୀଳମଣି ସେନାପତି, ପରମେଶ୍ୱର ବିଶ୍ୱାଳ, ମନୋରଞ୍ଜନ ନାୟକ, ସୁଧୀର ବେହେରା, ପ୍ରଶାନ୍ତ କୁମାର ଦାସ, ଦୀପକ ମହାନ୍ତି, କୃଷ୍ଣ ଚନ୍ଦ୍ର ରାଉତ, ରାଜେନ୍ଦ୍ର ଖଟୁଆ, ଉମାକାନ୍ତ ବେହେରା ଓ ଭୀମଚରଣ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ହୋଇଥିଲେ।

## କେନ୍ଦ୍ରାପଡ଼ାକୁ ଗୌରବାନ୍ୱିତ କରିଥିଲେ ସଂଗ୍ରାମୀ ମକର

### ପ୍ରଥମ ଶ୍ରାଦ୍ଧ ବାର୍ଷିକୀରେ ଶ୍ରଦ୍ଧାଞ୍ଜଳି ସଭା

ଡେରାବିଶ, ୧୦।୮ (ବେବର୍ତ୍ତା ଅଜୟ ଦାସ)



ସ୍ୱାଧୀନତା ସଂଗ୍ରାମୀଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ଉତ୍ସବରେ ଯୋଗଦେଇଥିବା ଅତିଥିମାନେ।

ପରାଧୀନ ଭାରତକୁ ବ୍ରିଟିଶ କବଳରୁ ମୁକ୍ତ କରିବା ପାଇଁ ଗାନ୍ଧିଜୀଙ୍କ ନେତୃତ୍ୱରେ ହୋଇଥିବା ସ୍ୱାଧୀନତା ଆନ୍ଦୋଳନ ପୁରପଲ୍ଲୀରେ ବ୍ୟାପୀ ଯାଇଥିଲା। ୧୯୩୪ ମସିହା କେନ୍ଦ୍ରାପଡ଼ା ଅଞ୍ଚଳକୁ ଗାନ୍ଧିଜୀଙ୍କ ଐତିହାସିକ ପଦଯାତ୍ରା ସମୟରେ ଜିଲାର ବହୁ ଛାତ୍ର ଯୁବକ ନିଜ ଜୀବନକୁ ଉତ୍ସର୍ଗ କରିଥିଲେ। ଡେରାବିଶ ବ୍ଲକ ଅଧୀନ ବସୁପୁର ପଞ୍ଚାୟତ ହାଟବାଣପୁର ଗ୍ରାମର ମକର ଦାସ ଗାନ୍ଧିଜୀଙ୍କ ଜୀବନାଦର୍ଶରେ ଅନୁପ୍ରାଣୀତ ହୋଇ ସ୍ୱାଧୀନତା ଆନ୍ଦୋଳନରେ ନିଜକୁ ସାମିଲ କରିଥିଲେ। ସ୍ୱାଧୀନତା ସଂଗ୍ରାମରେ ତାଙ୍କ ଯୋଗଦାନ କେନ୍ଦ୍ରାପଡ଼ା ଜିଲାକୁ ଗୌରବାନ୍ୱିତ କରିଥିଲା ବୋଲି ବହୁ ବିଶିଷ୍ଟ ବ୍ୟକ୍ତିମାନେ ମତବ୍ୟକ୍ତ କରିଛନ୍ତି। ସଂଗ୍ରାମୀ ମକରଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ଶନିବାର ନିଜ ଗାଁ ହାଟବାଣପୁରଠାରେ ପାଳିତ ହୋଇଥିଲା। ଏହି ସଭାରେ ବରିଷ୍ଠ ସଂଗ୍ରାମୀ ଓ ସଂଗ୍ରାମୀଙ୍କ ଦାୟାଦ ଓ ବହୁ ବୁଦ୍ଧିଜୀବୀ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ ସହିତ ଉପରୋକ୍ତ ବକ୍ତବ୍ୟ ରଖିଥିଲେ।

ସ୍ୱାଧୀନତା ସଂଗ୍ରାମୀ ଉତ୍ତର ଦାୟାଦ ସଙ୍ଗଠନର ରାଜ୍ୟ ସମ୍ପାଦକ ତୁଷାରକାନ୍ତି ଘୋଷଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଜିଲାର ବରିଷ୍ଠ ସ୍ୱାଧୀନତା ସଂଗ୍ରାମୀ ବିମ୍ବାଧର ମୁଦୁଲି ଓ ଫକୀର ମୋହନ ଦାସ ଯୋଗ ଦେଇ ସ୍ୱାଧୀନତା ଆନ୍ଦୋଳନରେ ମକର ଦାସଙ୍କ ଉଲ୍ଲେଖନୀୟ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ସଭାରେ ଡେରାବିଶ ବ୍ଲକ୍‌ର ପୂର୍ବତନ ଅଧ୍ୟକ୍ଷ ସରୋଜକାନ୍ତ ସାହୁ, ମହିଳାନେତ୍ରୀ ମନିଷା ପଣ୍ଡା, ରାଜେଶ ପଣ୍ଡା, ବିଜୟ କୁମାର ତ୍ରିପାଠୀ, ଓୟୁଜେ ଜିଲା ସଭାପତି ପରେଶ ଦାସ, ଶିବ ପ୍ରସାଦ ମିଶ୍ର, ସର୍ବୋଦୟ ମଣ୍ଡଳ ସଭାପତି ମିହିର ପ୍ରସାଦ ଦାସ, କୁଳମଣି ରାଉତ, ଶରତ ପ୍ରଧାନ, ପଦ୍ମନାଭ ଦାସ ପ୍ରମୁଖ ଅତିଥିଭାବେ ଯୋଗଦେଇ ମକରଙ୍କ ସ୍ମୃତି ଚାରଣ କରିଥିଲେ। ଅବସରପ୍ରାପ୍ତ ଶିକ୍ଷକ ପଞ୍ଚାନନ ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରଥମେ ରାମଧୁନ ସହ ଗାନ୍ଧିଜୀଙ୍କ ପ୍ରିୟ ଭଜନ ଗାନ ପରେ ନୀରବ ପ୍ରାର୍ଥନା କରାଯାଇଥିଲା। ପରେ ଅତିଥିମାନଙ୍କ ଦ୍ୱାରା ସଂଗ୍ରାମୀ ମକର ଓ ତାଙ୍କ ସ୍ତ୍ରୀ ଦୁଲଣୀଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରାଯାଇଥିଲା।

ସୂଚନାଯୋଗ୍ୟ, ୧୯୨୪ରେ ହାଟବାଣପୁର ଗ୍ରାମରେ ପିତା ଆକୁଳି ଓ ମାତା ପଦ୍ମାବତୀଙ୍କ କୋଳରେ ଜନ୍ମ ନେଇଥିବା ମକର ମାତ୍ର ୧୦ ବର୍ଷ ବୟସରେ ୧୯୩୪ ମେ ୨୬ ତାରିଖରେ ଗାନ୍ଧିଜୀଙ୍କ ଐତିହାସିକ ପଦଯାତ୍ରାରେ ଡେରାବିଶ ଅନ୍ତର୍ଗତ ଖମୋଳ ପଞ୍ଚାୟତ ସଲାର ମଠଠାରେ ସ୍ୱାଧିନତା ସଂଗ୍ରାମରେ ଯୋଗ ଦେଇଥିଲେ। ପରେ ୧୯୪୨ ମସିହା ଭାରତ ଛାଡ଼ ଆନ୍ଦୋଳନରେ ଯୋଗଦେଇ ମକର ଦାସ ଇଂରେଜ ସରକାରଙ୍କ ବିରୋଧରେ ସ୍ଲୋଗାନ ଦେଇ କେନ୍ଦ୍ରାପଡ଼ା କୋର୍ଟ ନିକଟରେ ତ୍ରିରଙ୍ଗା ପତାକା ଉଡ଼ାଇଥିଲେ। ଯେଉଁଥିପାଇଁ ଇଂରେଜମାନେ ତାଙ୍କୁ ବନ୍ଦୀକରି କେନ୍ଦ୍ରାପଡ଼ା ଜେଲରେ ଆଠଦିନ ଓ ପରେ କଟକ ଜେଲ୍‌ରେ ୩ ମାସ, ସେଠାରୁ ବ୍ରହ୍ମପୁର ଜେଲ୍‌ରେ ୩ ମାସ ରଖିଥିଲେ।

## ସିମ୍ୟାନ୍ ଟ୍ରେନିଂ ଇନ୍‌ଷ୍ଟିଚ୍ୟୁଟ୍ ପାଇଁ ସ୍ମାରକପତ୍ର

କେନ୍ଦ୍ରାପଡ଼ା, ୧୦।୮ (ଜଗନ୍ନାଥ ଧଳ)

ବଙ୍ଗଳାଦେଶ ଛାତ୍ର ଆନ୍ଦୋଳନ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି କରିଛି। ବାଂଲାଦେଶୀ ଏହି ଉତ୍ପୀଡନରୁ ରକ୍ଷା ପାଇଁ ଭାରତକୁ ଅନୁପ୍ରବେଶ କରୁଛନ୍ତି। ଏହାକୁ ରୋକିବା ସହିତ ଜିଲା ଓ ରାଜ୍ୟର ଯୁବବର୍ଗଙ୍କୁ କର୍ମନିଯୁକ୍ତି ନିମନ୍ତେ ଦକ୍ଷ ପାଇଁ ଇଣ୍ଡିଆନ ନାଭାଲ ସିପ୍ (ଆଇଏନ୍‌ଏସ୍)ର ସିମ୍ୟାନ ଟ୍ରେନିଂ ଇନ୍‌ଷ୍ଟିଚ୍ୟୁଟ କେନ୍ଦ୍ରପଡ଼ା ସମୁଦ୍ର ତଟରେ ଖୋଲାଯାଉ। ଏହି ମର୍ମରେ ପଟ୍ଟାମୁଣ୍ଡାଇ ଉତ୍କଳମଣି ଯୁବକ ସଂଘ ପକ୍ଷରୁ ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀଙ୍କ ସମେତ ବିଭାଗୀୟ ଅଧିକାରୀଙ୍କୁ ଏକ ସ୍ମାରକପତ୍ର ଶନିବାର ଦିଆଯାଇଛି। ଏସମ୍ପର୍କରେ ଯୁବକ ସଂଘ ସଭାପତି ଗୌତମ କୁମାର ବେହେରା କହିଛନ୍ତି, ପାକିସ୍ଥାନ ଓ ବଙ୍ଗଳାଦେଶ ଯୁଦ୍ଧ ସମୟରେ ୧୯୭୧ ମସିହାରେ ମୋଟ ୧୨୩୭ ହିନ୍ଦୁ ଶରଣାର୍ଥୀଙ୍କୁ କେନ୍ଦ୍ରାପଡ଼ା ଜିଲାରେ ଥଇଥାନ କରାଯାଇଥିଲା। ୨୦୧୧ ଜନଗଣନାରେ ଏହି ଜିଲାରେ ୭୬ ହଜାରରୁ ଊର୍ଦ୍ଧ୍ୱ ବଙ୍ଗଭାଷୀ ଥିବା ତଥ୍ୟ ମିଳିଛି। ଏବେ ଏହି ସଂଖ୍ୟା ଲକ୍ଷାଧିକ ହୋଇଥିବା ବେଳେ ଏଥିରୁ ୮୦ ହଜାରରୁ ଊର୍ଦ୍ଧ୍ୱ ଅନୁପ୍ରବେଶକାରୀ ଅଛନ୍ତି। ଏହି ଅନୁପ୍ରବେଶକାରୀ ମୁଖ୍ୟତଃ କେନ୍ଦ୍ରାପଡ଼ା ଜିଲାର ଖୋଲାମେଲା ୪୮ କିଲୋମିଟର ସମୁଦ୍ର ମଧ୍ୟ ଦେଇ ପଶି ଆସୁଛନ୍ତି। ରାଜନଗର ଓ ମହାକାଳପଡ଼ା ସମୁଦ୍ରାଞ୍ଚଳରେ ସିମ୍ୟାନ ଟ୍ରେନିଂ ଇନ୍‌ଷ୍ଟିଚ୍ୟୁଟ ହୋଇପାରିଲେ ଏହି ଜିଲାରେ ଅନୁପ୍ରବେଶ ରୋହେବା ସହିତ ଜିଲା ଓ ରାଜ୍ୟର ଯୁବବର୍ଗ କର୍ମନିଯୁକ୍ତି ପାଇଁ ଦକ୍ଷତା ଅର୍ଜନ କରିପାରିବେ। ଏଥିସହିତ ଏହି ଜିଲାରେ ହେଉଥିବା ବନ୍ୟା, ସାମୁଦ୍ରିକ ଝଡ଼ ଆଦି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଏହି ଇନ୍‌ଷ୍ଟିଚ୍ୟୁଟ କାର୍ଯ୍ୟରେ ଲାଗିପାରିବ। ସେହିପରି ବିଶ୍ୱପ୍ରସିଦ୍ଧ ଗହୀରମଥା ଓ ଜାତୀୟ ଉଦ୍ୟାନ ଭିତରକନିକା ସୁରକ୍ଷିତ ହେବ ବୋଲି ସ୍ମାରକପତ୍ରରେ ଉଲ୍ଲେଖ ଥିବା ସଭାପତି ବେହେରା ପ୍ରକାଶ କରିଛନ୍ତି।

## ସାମାଜିକ କର୍ମୀ ଅନିରୁଦ୍ଧ ମହଲାଙ୍କ ଶ୍ରାଦ୍ଧବାର୍ଷିକୀ



ଶ୍ରାଦ୍ଧବାର୍ଷିକୀରେ ଅତିଥିମାନେ ମୁଖପତ୍ର ଉନ୍ମୋଚନ କରୁଛନ୍ତି।

ରାଜକନିକା, ୧୦।୮ (ସଞ୍ଜୟ କୁମାର ଦାଶ)

ବିଶିଷ୍ଟ ସାମାଜିକ କର୍ମୀ ଅନିରୁଦ୍ଧ ମହଲାଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଶନିବାର ରାଜକନିକାର ଓଳାଭର ଇଚ୍ଛାପୁରସ୍ଥିତ ତାଙ୍କ ବାସଭବନରେ ଅନୁଷ୍ଠିତ ହୋଇଯାଇଛି। ଓଳାଭର ଯୁବକସଂଘ ଆନୁକୂଲ୍ୟରେ ମନୋଜ କୁମାର ପରିଡ଼ାଙ୍କ ସଭାପତିତ୍ୱରେ ଆୟୋଜିତ ସ୍ମୃତି ଚାରଣ ସଭାରେ ମୁଖ୍ୟଅତିଥି ଭାବେ ଓଡ଼ିଶା ଦନ୍ତ ପରିଷଦ ସଭାପତି ତଥା କଟକ ଏସସିବି ମେଡିକାଲ କଲେଜ ଦନ୍ତ ବିଭାଗୀୟ ଡାକ୍ତର ଆଶିଷ କୁମାର ବାରିକ, ମୁଖ୍ୟବକ୍ତା ଭାବେ ଯୁବକସଙ୍ଘର ସମ୍ପାଦକ ଶ୍ରୀନିବାସ ଓଝା ଓ ସମ୍ମାନିତ ଅତିଥି ଭାବେ ବରିଷ୍ଠ ଶିକ୍ଷାବିତ୍ ସନାତନ ପୃଷ୍ଟି, ଶିକ୍ଷାବିତ୍ ବନମାଳୀ ପଣ୍ଡା, ସାମାଜିକ କର୍ମୀ ନଳିନୀ କାନ୍ତ ପୃଷ୍ଟି, ଯୁବକସଙ୍ଘର ପ୍ରାକ୍ତନ ସମ୍ପାଦକ କୈଳାସ ଚନ୍ଦ୍ର ବେହୁରା ପ୍ରମୁଖ ଯୋଗଦେଇ ସ୍ମୃତି ଚାରଣ କରିଥିଲେ। ଏହି ପ୍ରରିପ୍ରେକ୍ଷୀରେ ଓଳାଭର ଯୁବକସଂଘ ଓ ଅନିରୁଦ୍ଧ ମହଲା ସ୍ମୃତି କମିଟି ଦ୍ୱାରା ଏକ ସ୍ମରଣିକା 'ଝରାଫୁଲ'କୁ ମୁଖ୍ୟଅତିଥି ଓ ଉପସ୍ଥିତ ଅତିଥିମାନେ ଉନ୍ମୋଚିତ କରିଥିଲେ। କ୍ଷୀତିଶ କୁମାର ଜଗତି ଧନ୍ୟବାଦ ଅର୍ପଣ କରିଥିଲେ।

## ମେଧାବୃତ୍ତି ସମ୍ମାନ ପ୍ରଦାନ ଉତ୍ସବ



ମେଧାବୃତ୍ତି ସମ୍ମାନ ପ୍ରଦାନ ଉତ୍ସବରେ ମଞ୍ଚାସୀନ ଅତିଥି।

ରାଜକନିକା, ୧୦।୮ (ସଞ୍ଜୟ କୁମାର ଦାଶ)

ଇଂ. ଶ୍ରୀମନ୍ତ କୁମାର ଦାସ ମେମୋରିଆଲ ଚାରିଟେବୁଲ ଟ୍ରଷ୍ଟ ଆନୁକୂଲ୍ୟରେ ରାଜକନିକାର ଓଳାଭର ମହାବିଦ୍ୟାଳୟ ପରିସରରେ ମେଧାବୃତ୍ତି ସମ୍ମାନ ପ୍ରଦାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ସଭାରେ ଶୈଳେନ୍ଦ୍ର ନାରାୟଣ ମହାବିଦ୍ୟାଳୟର ଅଧ୍ୟାପକ ପ୍ରଦୀପ କୁମାର ଦାସଙ୍କ ପୌରୋହିତ୍ୟ କରିଥିଲେ। ମୁଖ୍ୟଅତିଥି ଭାବେ ଓଳାଭର ମହାବିଦ୍ୟାଳୟର ଅଧ୍ୟକ୍ଷ ହଳଧର ବେହେରା ଯୋଗଦେଇଥିବା ବେଳେ, ମୁଖ୍ୟବକ୍ତା ଭାବେ ପଟ୍ଟାମୁଣ୍ଡାଇ ମହାବିଦ୍ୟାଳୟର ଅଧ୍ୟାପକ ଫକୀର ଚରଣ ପ୍ରଧାନ, ସମ୍ମାନିତ ଅତିଥି ଭାବେ ଓଡ଼ିଶା ଦନ୍ତ ପରିଷଦର ସଭାପତି ତଥା କଟକ ଏସ୍‌ସିବି ମେଡିକାଲ କଲେଜ ଦନ୍ତ ବିଭାଗୀୟ ଡାକ୍ତର ଆଶିଷ କୁମାର ବାରିକ, ଅଧ୍ୟାପକ ମୁରଲୀଧର କର, ଅଧ୍ୟାପକ ଡ଼କ୍ଟର ସୁଧୀର କୁମାର ବାରିକ ପ୍ରମୁଖ ଉପସ୍ଥିତ ଥିଲେ। କୃତି ଛାତ୍ରୀଛାତ୍ରଙ୍କ ମଧ୍ୟରୁ ହରପ୍ରିୟା ଲେଙ୍କା, ଅନନ୍ୟା ବାରିକ, ସୌଭାଗ୍ୟ ଦାସ, ପଦ୍ମଜା ଦାସ, ସଞ୍ଜିତ ପରିଡ଼ା, ସୌମ୍ୟରଞ୍ଜନ କୁଣ୍ଡ, ଶୁଭଲକ୍ଷ୍ମୀ ଲେଙ୍କା, ଅନିମାରାଣୀ ଭୂୟାଁ, ସାଗରିକ ସାମଲ, ଶୁଭଶ୍ରୀ ନାଥ, ହରପ୍ରିୟା ପଣ୍ଡା, ପ୍ରିୟଙ୍କା ପାଲ, ଶେଷନାଞ୍ଜଳି ବେହେରା, ସୁରଭି ଦାସ, ସାଦିକ ଖାନଙ୍କୁ ଅତିଥିମାନେ ଶ୍ରୀମନ୍ତ ଦାସଙ୍କ ସ୍ମୃତିରେ ମେଧାବୃତ୍ତି ସମ୍ମାନ ପ୍ରଦାନ କରି ସମ୍ମାନିତ କରିଥିଲେ। ଟ୍ରଷ୍ଟର ସମ୍ପାଦକ ଶେଖର ଚନ୍ଦ୍ର ବାରିକ, ଚେୟାରମ୍ୟାନ ଉମେଶ ଚନ୍ଦ୍ର ଦାସ ଓ ସଭ୍ୟ ସ୍ମୃତିରଞ୍ଜନ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଆଳି ଟୁଙ୍ଗା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁଶାନ୍ତ କର ଧନ୍ୟବାଦ ଅର୍ପଣ କରିଥିଲେ।

## ମହିଳା ସଶକ୍ତୀକରଣରେ ଶିକ୍ଷାର ଭୂମିକା ଗୁରୁତ୍ୱପୂର୍ଣ୍ଣ

କେନ୍ଦ୍ରାପଡ଼ା, ୧୦।୮ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ସହରର ଗୋପସ୍ଥିତ ତୁଳସୀ ମହାବିଦ୍ୟାଳୟର ୪୬ ତମ ପ୍ରତିଷ୍ଠା ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ରଞ୍ଜିତରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ମହିଳା ସଶକ୍ତିକରଣ ପାଇଁ ଛାତ୍ରୀଙ୍କ ଶିକ୍ଷା ଗୁରୁତ୍ୱପୂର୍ଣ୍ଣ ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଏଥିରେ ଏଡିଏମ୍ ନିଲୁ ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଶିକ୍ଷାବିତ୍ ନନ୍ଦକିଶୋର ପରିଡ଼ା, ଡ. ଅମୀୟ କୁମାର ମହାନ୍ତି, ଅଜୟ ସାମଲ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିମାନେ କହିଥିଲେ, ସମାଜର ମୁଖ୍ୟଧାରାରେ ମହିଳାଙ୍କ ଅବଦାନ କୌଣସି ଗୁଣରେ କମ ନୁହେଁ। ମହିଳା ସଶକ୍ତିକରଣ ପାଇଁ ଶିକ୍ଷା ଜରୁରୀ। ଏଥିପାଇଁ ରାଜ୍ୟ ଓ କେନ୍ଦ୍ର ସରକାର ଏହାକୁ ଗୁରୁତ୍ୱ ଦେଇଛନ୍ତି। ତୁଳସୀ ମହାବିଦ୍ୟାଳୟର ଛାତ୍ରୀମାନେ ନିଜ ଅଧ୍ୟବସାୟ ବଳରେ ନିଜକୁ ଶିକ୍ଷିତ କରାଇବା ସହିତ ସମାଜ ମଙ୍ଗଳ କାର୍ଯ୍ୟରେ ନିଜର ଯୋଗଦାନ ଦେଉଛନ୍ତି, ଯାହା ଆଗାମୀ ପିଢ଼ୀ ପାଇଁ ଶିକ୍ଷଣୀୟ। ଏଥିସହିତ ୨୧ କୃତୀ ଛାତ୍ରୀଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ପ୍ରାରମ୍ଭରେ ପ୍ରତିଷ୍ଠାତା ସ୍ୱର୍ଗତ ଧୀରାମଣୀ ଦେବୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଏହି ଉତ୍ସବକୁ ପ୍ରାଧ୍ୟାପକ ମଥୁରୀ ଚରଣ ନାୟକ, ଅଧ୍ୟାପକ ଡ. ଶକ୍ତିଶେଖର ଦାସ, ପ୍ରାଧ୍ୟାପିକା ଜ୍ୟୋତ୍ସ୍ନାମୟୀ ପତି ପ୍ରମୁଖ ପରିଚାଳନା କରିଥିଲେ।



ତୁଳସୀ ମହାବିଦ୍ୟାଳୟର ପ୍ରତିଷ୍ଠା ଉତ୍ସବରେ ଯୋଗଦେଇଥିବା ଅତିଥି ଓ ଛାତ୍ରୀମାନେ।

## ଅନୁପ୍ରବେଶକାରୀଙ୍କୁ ହଟାଇବା ଦାବି ଜୋର ଧରିଲା

### ମୁଖ୍ୟମନ୍ତ୍ରୀ ଉଦ୍ଦେଶ୍ୟରେ ବିଦ୍ୟାର୍ଥୀ ପରିଷଦର ଦାବିପତ୍ର

ରାଜନଗର, ୧୦।୮ (ଭାସ୍କର ରାଉତରାୟ)

ରାଜନଗର ବ୍ଲକ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ପକ୍ଷରୁ ବେଆଇନ ବଙ୍ଗଳାଦେଶୀ ଅନୁପ୍ରବେଶକାରୀ ଓ ରୋହିଙ୍ଗା ସମସ୍ୟା ନେଇ ରାଜନଗର ତହସିଲଦାର ଅଜୟ କୁମାର ମହାନ୍ତିଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି। ଅନୁପ୍ରବେଶକାରୀମାନେ କାୟାବିସ୍ତାର କରି କେନ୍ଦ୍ରାପଡ଼ା ଜିଲାର ଉପକୂଳବର୍ତ୍ତୀ ରାଜନଗର ଓ ମହାକାଳପଡ଼ା ବ୍ଲକରେ ରହୁଛନ୍ତି। ଏବେ ବଙ୍ଗଳାଦେଶରେ ଯେଉଁ ପରିସ୍ଥିତି ସୃଷ୍ଟି ହୋଇଛି ସେଥିରୁ ରକ୍ଷା ପାଇବା ପାଇଁ ବହୁ ମାତ୍ରାରେ ରୋହିଙ୍ଗାମାନେ ଏବେ ଓଡ଼ିଶାମୁହାଁ ହୋଇଛନ୍ତି, ଯାହା କି ସେହି ଅଞ୍ଚଳର ସୁରକ୍ଷା ପ୍ରତି ବିପଦ ସୃଷ୍ଟି କରିଛି। ବିଗତ ଦିନରେ ଏହି ଅନୁପ୍ରବେଶକାରୀମାନେ ଭିତରକନିକା ଜଙ୍ଗଲ କାଟିବା, ନକଲି ରେଡ଼ିଓ ଷ୍ଟେଶନ ଖୋଲିବା, ମୂର୍ତ୍ତି ଚୋରୀ, ଗୋ ଚାଲାଣ କରିବା ଭଳି ଅନେକ କାର୍ଯ୍ୟରେ ନିଜକୁ ସାମିଲ କରିବାର ନଜର ରହିଛି। ରାଜନଗର ବ୍ଲକରେ ବିନା ପରିଚୟ ପତ୍ରରେ ଏହି ଅନୁପ୍ରବେଶକାରୀ ଓ ରୋହିଙ୍ଗାମାନେ ବସବାସ କରୁଛନ୍ତି। ସେମାନଙ୍କୁ ଚିହ୍ନଟ କରାଯାଇ ବାହାର କରାଯିବାକୁ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ଲକ୍ଷ୍ମୀପ୍ରିୟା ରାଉତ, ବାଲ୍ମୀକି ସେଠୀ, କାଜଲ ସେଠୀ, ନୟାନନ୍ଦ ବେହେରା, ସନ୍ଧ୍ୟାରାଣୀ ମହାରଣା, ଲିଜା ମହାରଣା, ସ୍ୱର୍ଣ୍ଣଲତା ଦାସ ପ୍ରମୁଖ ଶତାଧିକ ଛାତ୍ରୀଛାତ୍ର ସାମିଲ ହୋଇ ତହସିଲଦାରଙ୍କୁ ଏହି ଦାବିପତ୍ର ପ୍ରଦାନ କରିଛନ୍ତି।

## ଜାତୀୟ କୁର୍ମିନାଶ ଦିବସ ପାଳିତ

ରାଜନଗର, ୧୦।୮ (ଭାସ୍କର ରାଉତରାୟ)

ରାଜନଗରସ୍ଥିତ ସେଣ୍ଟ ଜାଭିଆର ପବ୍ଲିକ ସ୍କୁଲ ପରିସରରେ ଜାତୀୟ କୁର୍ମି ନାଶକ ଦିବସ ପାଳିତ ହୋଇଯାଇଛି। ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସା ଅଧିକାରୀ ଡ.ରଶ୍ମିରଞ୍ଜନ ମହାନ୍ତିଙ୍କ ପୌରୋହିତରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରତିଭା ପାତ୍ର, ସମ୍ମାନନୀୟ ଅତିଥି ଭାବେ ରାଜନଗର ସରପଞ୍ଚ ସୁଶ୍ରୀସଙ୍ଗୀତା ମିଶ୍ର, ସମିତି ସଭ୍ୟା ସୁମିତ୍ରା ସେଠୀ, ତରୁଲତା ନାୟକ ପ୍ରମୁଖ ଯୋଗ ଦେଇ କୁର୍ମିନାଶକ ବଟିକା ସେବନ ଓ ଏହାର ନିରାକରଣ ଉପରେ ମତ ରଖିଥିଲେ। ପବ୍ଲିକ ସ୍କୁଲର ଅଧ୍ୟକ୍ଷ ଶୁକଦେବ ପରିଡ଼ାଙ୍କ ତତ୍ତ୍ୱାବଧାନରେ ଶିକ୍ଷୟିତ୍ରୀ, ଶିକ୍ଷକ, ଓ ଛାତ୍ରୀଛାତ୍ରମାନେ କୁର୍ମି ନାଶକ ବଟିକା ସେବନ କରିଥିଲେ। ଏହି କାର୍ଯ୍ୟକ୍ରମତରେ ବିଦ୍ୟାଳୟର ବ୍ରଜ କିଶୋର ପ୍ରଧାନ, ରଞ୍ଜିତ କୁମାର ସୁତାର, ଲୋପାମୁଦ୍ରା ସିଂହ, ଅମିତା ନାୟକ, କନକଲତା ମଲିକ, ଅମୃତା ଲେଙ୍କା, ସ୍ୱର୍ଣ୍ଣଲତା ବଳ, ସୁଚିସ୍ମିତା ଦାସ, ଅନୁସୟା କର, ସୁଶାନ୍ତ ପ୍ରଧାନ, ପ୍ରକାଶ ଦାସ ଏବଂ ସ୍ୱାସ୍ଥ୍ୟକର୍ମୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରସ୍ର କର୍ମଚାରୀ ନିର୍ମଳ କୁମାର ଦାସ ପରିଚାଳନା କରିଥିଲେ।

# ବିଇଓଙ୍କ କାର୍ଯ୍ୟାଳୟରେ ଅବସରପ୍ରାପ୍ତ ଶିକ୍ଷକଙ୍କ ରାଜ୍

ବାଲେଶ୍ୱର, ୧୦।୮(ବାଞ୍ଛାନିଧି ଦେ): ବାଲେଶ୍ୱର ଜିଲା ଅଧୀନ ବସ୍ତା ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ (ବିଇଓ)ଙ୍କ କାର୍ଯ୍ୟାଳୟରେ ଜଣେ ଅବସରପ୍ରାପ୍ତ ଶିକ୍ଷକଙ୍କ ମନମୁଖୀ କାର୍ଯ୍ୟକୁ ବିରୋଧ କରାଯାଇଛି। କାର୍ଯ୍ୟାଳୟର ଅଧିକାରୀ, କିରାଣି ନିଜର ଦାୟିତ୍ୱ ଓ କର୍ତ୍ତବ୍ୟ ସୂଚାରୁ ରୂପେ ତୁଲାଉଥିଲେ ହେଁ ଅବସରପ୍ରାପ୍ତ ଶିକ୍ଷକ ଜଣକ ପ୍ରତିଦିନ କାର୍ଯ୍ୟାଳୟକୁ ଯାଇ ବାଧା ସୃଷ୍ଟି କରୁଛନ୍ତି। ଶିକ୍ଷକଙ୍କର ବେତନ ବୃଦ୍ଧି କରିବା, ଦରମା ଖଲାସ କରିବା, ଘର ଭଡ଼ା କରାଇବା, ପ୍ରମୋସନ ଲିଷ୍ଟ ଯାଞ୍ଚ କରିବା, ପେନସନ କରାଇବା କାର୍ଯ୍ୟରେ ସେ ଲିପ୍ତ ରହୁଛନ୍ତି। ଏଥିପାଇଁ ବିଭିନ୍ନ ଶ୍ରେଣୀର ଶିକ୍ଷକଙ୍କଠାରୁ ମୋଟା ଅଙ୍କର ଅର୍ଥ କାରବାର କରାଯାଉଥିବା ଅଭିଯୋଗ ହୋଇଛି। କାର୍ଯ୍ୟାଳୟର ଅଧିକାରୀମାନେ ମନା କଲେ ମଧ୍ୟ ସେ ଏହାକୁ ବେଖାତିର କରୁଛନ୍ତି। ଏନେଇ କେତେ ଜଣ ଶିକ୍ଷକ ତାଙ୍କ ନାମରେ ଜିଲାପାଳଙ୍କ ନିକଟରେ ପୂର୍ବରୁ ଅଭିଯୋଗ କରିଥିଲେ। ଏ ସମ୍ପର୍କରେ ଭାରପ୍ରାପ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ସୁଧାଂଶୁ ଶେଖର ଜେନାଙ୍କୁ ପଚାରିବାରୁ ସେ ଅଭିଯୋଗ ସମ୍ପର୍କରେ ତଦନ୍ତ ପୂର୍ବକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି କହିଛନ୍ତି।

# ଉପକୂଳରେ ସୁରକ୍ଷା କଡ଼ାକଡ଼ି

■ ଡାକବାଜି ଯନ୍ତ୍ର ଦ୍ୱାରା କରାଯାଉଛି ସଚେତନ

■ ସାମୁଦ୍ରିକ ଥାନାରେ ପଦବୀ ଫାଙ୍କା

ବାଲେଶ୍ୱର, ୧୦।୮(ବାଞ୍ଛାନିଧି ଦେ)

ବାଂଲାଦେଶରେ ରାଜନୈତିକ ଅସ୍ଥିରତା ପରେ ଭାରତର ସୀମା ଓ ଉପକୂଳରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ଓଡ଼ିଶାରେ ମଧ୍ୟ ହାଇଆଲର୍ଟ ଜାରି ହୋଇଛି। ବାଂଲାଦେଶ ନିକଟବର୍ତ୍ତୀ ଜିଲା ମୁଖ୍ୟତଃ ବାଲେଶ୍ୱର, ଭଦ୍ରକ ଓ କେନ୍ଦ୍ରାପଡ଼ାରେ ଥିବା ସମସ୍ତ ସାମୁଦ୍ରିକ ଥାନାକୁ ସଜାଗ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ମୁକୁଳା ଜଳପଥରେ ଓଡ଼ିଶା ଭିତରକୁ ବାଂଲାଦେଶୀ ପରିବାର ପ୍ରବେଶ କରିବାର ଆଶଙ୍କା ରହିଛି। ବାଲେଶ୍ୱର ଜିଲାକୁ ସାମୁଦ୍ରିକ ପଥରେ ଅନୁପ୍ରବେଶ ସମ୍ଭାବନା ଅଧିକ ଥିବାରୁ ସାମୁଦ୍ରିକ ମତ୍ସ୍ୟ ବିଭାଗ ଓ ପୋଲିସ ପ୍ରଶାସନ ପକ୍ଷରୁ



ସମୁଦ୍ରରେ ଏକ ବୋଟ୍‌କୁ ଯାଞ୍ଚ କରାଯାଉଛି।

ପାଟ୍ରୋଲିଂ ଜାରି ରହିଛି। ବାଲେଶ୍ୱର ଜିଲା ଭୋଗରାଇର ଉଦୟପୁର, ତାଳସାରୀ, କୀର୍ତ୍ତନିଆ, ବାଲିଆପାଳର ଡଗରା, ଚଡ଼ମୁଖ, ସଦର ବ୍ଲକର କଷାଫଳ (ବାହାବଳପୁର), ଚାନ୍ଦିପୁର, ବଳରାମଗଡ଼ି, ବାହାନଗାର ଅଭଣା, ଖରସାହାପୁର, ଆରୁହାବାଡ଼, ବରିପଦା ଆଦି ସମୁଦ୍ର ଉପକୂଳବର୍ତ୍ତୀ ଅଞ୍ଚଳରେ ବହୁ ବାଂଲାଦେଶୀ ପରିବାର ବସବାସ କରୁଛନ୍ତି। ତେଣୁ ମୁକୁଳା ଜଳପଥରେ ସେମାନଙ୍କ ସମ୍ପର୍କୀୟ ପ୍ରବେଶ କରିବାର ଆଶଙ୍କା ରହିଛି। ବାହାବଳପୁର ସାମୁଦ୍ରିକ ଥାନାରେ ଅଧିକାରୀ ଓ କର୍ମଚାରୀ ଅଭାବ ଯୋଗୁ ସୁରକ୍ଷା ବ୍ୟବସ୍ଥା ଢିଲା ବୋଲି ମତ୍ସ୍ୟଜୀବୀ ଓ ମତ୍ସ୍ୟ ବ୍ୟବସାୟୀ ସଂଘ ପକ୍ଷରୁ ଅଭିଯୋଗ ହୋଇଛି। ଏହି ଥାନାରେ ଆଇଆଇସିଙ୍କ ବଦଳରେ ଜଣେ ସବ୍‌ଇନ୍ସପେକ୍ଟର ଥାନା ଦାୟିତ୍ୱରେ ଅଛନ୍ତି। ଅନ୍ୟ ଦୁଇଜଣ ସବ୍‌ଇନ୍ସପେକ୍ଟର ପଦବୀ ଫାଙ୍କା ପଡ଼ିଛି। ୪ଜଣ ଏଏସ୍‌ଆଇଙ୍କ ସ୍ଥାନରେ ମାତ୍ର ଜଣେ ଅଛନ୍ତି। ୫ଜଣ ହାବିଲଦାର ପଦବୀ ଫାଙ୍କା ପଡ଼ିଛି। ୨୨ଜଣ କନଷ୍ଟେବଲଙ୍କ ସ୍ଥାନରେ ମାତ୍ର ୫ଜଣ ଅଛନ୍ତି। ଅନୁରୂପ ଭାବେ ବଳରାମଗଡ଼ି ଓ ତାଳସାରୀ ମେରାଇନ୍ ଥାନାରେ ମଧ୍ୟ ସମାନ ସ୍ଥିତି ଦେଖିବାକୁ ମିଳିଛି। ଏଭଳି ପରିସ୍ଥିତିରେ ତଟ ସୁରକ୍ଷା ବ୍ୟବସ୍ଥା ଢ଼ିଲା ସହ ଅନୁପ୍ରବେଶକାରୀଙ୍କୁ କିଭଳି ମୁକାବିଲା କରାଯିବ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏ ସମ୍ପର୍କରେ ସହ-ସାମୁଦ୍ରିକ ମତ୍ସ୍ୟ ଅଧିକାରୀ ନଳିନୀ କାନ୍ତ ଦାସ କହିଛନ୍ତି, ସାମୁଦ୍ରିକ ଥାନା ପୋଲିସ ଓ ମତ୍ସ୍ୟ ବିଭାଗ ତରଫରୁ ଅନୁପ୍ରବେଶ ନେଇ ସଚେତନ କରାଯାଇଛି। ମାଇକ୍ ଯୋଗେ ମତ୍ସ୍ୟଜୀବୀ ଓ ଜନସାଧାରଣଙ୍କୁ ଅବଗତ କରାଯାଇଛି। ସାମୁଦ୍ରିକ ଥାନାମାନଙ୍କରେ ବୋଟ୍ ରହିଛି। ତଟରକ୍ଷୀ ବାହିନୀ ଓ ପୋଲିସ ପକ୍ଷରୁ ସମୁଦ୍ରରେ ପାଟ୍ରୋଲିଂ କରାଯାଇ ଆଧାରକାର୍ଡ଼, ଭୋଟ୍ ପରିଚୟପତ୍ର ଓ ଫିସିଂ ଲାଇସେନ୍ସ ଆଦି ଯାଞ୍ଚ କରାଯାଉଥିବା ପ୍ରକାଶ କରିଥିଲେ।

# ଅନୁପ୍ରବେଶ ରୋକିବାକୁ ଏସ୍‌ପିଙ୍କ ସହ ବିଧାୟକଙ୍କ ଆଲୋଚନା



ଏସ୍‌ପି ସାଗରିକା ନାଥଙ୍କ ସହ ଆଲୋଚନା କରୁଛନ୍ତି ବିଧାୟକ ମାନସ ଦତ୍ତ।

ବାଲେଶ୍ୱର,୧୦।୮(ବାଞ୍ଛାନିଧି ଦେ)

ବାଂଲାଦେଶର ଅଶାନ୍ତ ପରିସ୍ଥିତିରୁ ବର୍ତ୍ତିବା ପାଇଁ ଭାରତକୁ ବେଆଇନ ଅନୁପ୍ରବେଶ ଆଶଙ୍କା ସୃଷ୍ଟି ହୋଇଛି। ବିଶେଷ କରି ସମୁଦ୍ର ଉପକୂଳ ବାଲେଶ୍ୱର, ଭଦ୍ରକ ଓ କେନ୍ଦ୍ରପଡ଼ା ଜିଲାକୁ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କର ପ୍ରବେଶ କରିବାର ସମ୍ଭାବନା ଅଧିକ। ସେଥିପାଇଁ ବାଲେଶ୍ୱର ଜିଲା ସମୁଦ୍ର ତଟବର୍ତ୍ତୀ ଉପକୂଳ ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରିବା ପାଇଁ ବିଧାୟକ ମାନସ କୁମାର ଦତ୍ତ ଶନିବାର ଏସ୍‌ପି ସାଗରିକା ନାଥଙ୍କୁ ଭେଟି ଆଲୋଚନା କରିଛନ୍ତି।

ଜିଲା ଅଧୀନ ସମସ୍ତ ମେରାଇନ୍ ଥାନାର ଶକ୍ତି ବୃଦ୍ଧି ପାଇଁ ପରାମର୍ଶ ଦେଇଛନ୍ତି। ଉପକୂଳ ଅଞ୍ଚଳରେ ବସବାସ କରୁଥିବା ବାଂଲାଦେଶୀ ଅନୁପ୍ରବେଶକାରୀଙ୍କୁ ଚିହ୍ନଟ ପାଇଁ ତ୍ୱରିତ ପଦକ୍ଷେପ ଗ୍ରହଣ କରିବା, ଉପକୂଳ ଅଞ୍ଚଳର ଜନସାଧାରଣଙ୍କୁ ନେଇ ପୋଲିସ-ନାଗରିକ ସହାୟତା ସମିତି ଗଠନ କରିବାକୁ ପ୍ରସ୍ତାବ ଦେଇଛନ୍ତି। ଫଳରେ ଅନୁପ୍ରବେଶକାରୀଙ୍କ ଗତିବିଧି ଉପରେ ନଜର ଦିଆଯାଇପାରିବ। ରାଜ୍ୟ ପୋଲିସ ମହାନିର୍ଦ୍ଦେଶକଙ୍କ ନିର୍ଦ୍ଦେଶକ୍ରମେ ଜଳପଥରେ ସନ୍ଦିଗ୍ଧଙ୍କ ଗତିବିଧି ନିରୀକ୍ଷଣ କରାଯିବା ସହ ସମୁଦ୍ର ତଟବର୍ତ୍ତୀ ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି ବୋଲି ଏସ୍‌ପି କହିଥିଲେ। ଆଲୋଚନା ବେଳେ ବରିଷ୍ଠ ଭାଜପା ନେତା ରବି ନାରାୟଣ ମହାପାତ୍ର, ଗୌରାଙ୍ଗ ଦାସ, ଗଙ୍ଗାଧର ରାଉତ, ଜିଲାପରିଷଦ ସଦସ୍ୟ ଗୟାଧର ବେହେରା, ଆଇନଜୀବୀ ତ୍ରୈଲୋଚନ ଦାସ, ସରପଞ୍ଚ ରବିନାରାୟଣ ପ୍ରଧାନ ଓ ରାଜେନ୍ଦ୍ର ଚାଟାର୍ଜୀ ପ୍ରମୁଖ ଉପସ୍ଥିତ ଥିଲେ।

# କେନ୍ଦ୍ର ଆଦିବାସୀ କଲ୍ୟାଣ ମନ୍ତ୍ରୀଙ୍କୁ ଭେଟିଲେ ଏମ୍‌ପି

ବାଲେଶ୍ୱର, ୧୦।୮(ବାଞ୍ଛାନିଧି ଦେ)

ବାଲେଶ୍ୱର ଲୋକସଭା ସଂସଦୀୟ କ୍ଷେତ୍ରର ଆଦିବାସୀଙ୍କ ବିକାଶ ପାଇଁ କେନ୍ଦ୍ର ଆଦିବାସୀ କଲ୍ୟାଣ ମନ୍ତ୍ରୀ ଜୁଏଲ ଓରାମଙ୍କୁ ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ସାକ୍ଷାତ କରିଛନ୍ତି। ଏଥିସହ ସେ ୬ ଦଫା ସମ୍ବଳିତ ଦାବିପତ୍ର କେନ୍ଦ୍ରମନ୍ତ୍ରୀଙ୍କୁ ପ୍ରଦାନ କରିଛନ୍ତି। ସଂସଦୀୟ କ୍ଷେତ୍ରର ମୋଟ୍ ଲୋକସଂଖ୍ୟାର ୧୨% ଆଦିବାସୀ ବାସ କରୁଛନ୍ତି। ଯାହାକି ଆଦିବାସୀଙ୍କ ଜନସଂଖ୍ୟା ସାଢ଼େ ୩ଲକ୍ଷ ଅଟେ। ଆଦିବାସୀଙ୍କ କଳା, ସଂସ୍କୃତିର ଉନ୍ନତି ଏବଂ ପ୍ରଚଳିତ ରୀତିନୀତିକୁ ଉଜ୍ଜୀବିତ ରଖିବା ପାଇଁ ମୟୂରଭଞ୍ଜର ବେତନଟୀଠାରେ ଏକ ମ୍ୟୁଜିୟମ୍ ପ୍ରତିଷ୍ଠା କରିବା, ଆଦିବାସୀଙ୍କ ହସ୍ତଶିଳ୍ପ, କଳା, ହ୍ୟାଣ୍ଡଲୁମସ୍, ଜଙ୍ଗଲଜାତ ଦ୍ରବ୍ୟର ପ୍ରଦର୍ଶନୀ ଓ ବିକ୍ରି ପାଇଁ ବଡ଼ସାହି ବ୍ଲକରେ ଏକ ସ୍ୱତନ୍ତ୍ର ହାଟ ସ୍ଥାପନ କରିବା, ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଆଦିବାସୀଙ୍କ ପାଇଁ କଲଚୁରାଲ ଏକ୍ସଚେଞ୍ଜ ସେଣ୍ଟର ସ୍ଥାପନ କରିବା, ବାଲେଶ୍ୱର କିମ୍ବା ମୟୂରଭଞ୍ଜ ଜିଲାରେ ଏକ ଆଦିବାସୀ ବିଶ୍ୱବିଦ୍ୟାଳୟ



କେନ୍ଦ୍ର ଆଦିବାସୀ କଲ୍ୟାଣ ମନ୍ତ୍ରୀଙ୍କୁ ଦାବିପତ୍ର ଦେଉଛନ୍ତି ଏମ୍‌ପି ପ୍ରତାପ ଷଡ଼ଙ୍ଗୀ।

ପ୍ରତିଷ୍ଠା, ଉଭୟ ଜିଲାକୁ ନେଇ ପ୍ରତିବର୍ଷ ଏକ ବଡ଼ଧରଣର ଆଦିବାସୀ ସମାବେଶ କରାଯାଇ ଆଦିବାସୀଙ୍କ ନୀତି, ପରମ୍ପରା, ଆଇନ ଆଦିକୁ ଆନ୍ତର୍ଜାତିକସ୍ତରରେ ପ୍ରଚାର ଓ ପ୍ରସାର କରିବା, ବେତନଟୀଠାରେ ଆଦିବାସୀ ଛାତ୍ରୀନିବାସ ସହ ଦକ୍ଷତା ବିକାଶ କେନ୍ଦ୍ର ଖୋଲାଯିବା ପାଇଁ ଏହି ଦାବିପତ୍ରରେ ଉଲ୍ଲେଖ ରହିଛି। ଦାବି ପୂରଣ ଦିଗରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି କେନ୍ଦ୍ରମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି।

# ଦେବସେନା ପକ୍ଷରୁ ଦାବିପତ୍ର

ବସ୍ତା, ୧୦।୮(ହରିଶଙ୍କର ପାଢ଼ୀ)

## ବାଂଲାଦେଶୀ ଅନୁପ୍ରବେଶକୁ ବିରୋଧ

ବାଲେଶ୍ୱର ଜିଲା ବସ୍ତା ବ୍ଲକ ଦେବସେନା ପକ୍ଷରୁ ଶୁକ୍ରବାର ସ୍ଥାନୀୟ ଗାନ୍ଧି ଛକଠାରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ବେଆଇନ ଭାବେ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଦେବସେନା ପକ୍ଷରୁ ଦାବି ହୋଇଛି। ପ୍ରତିବାଦ ସଭାରେ ଜିଲା ଅଧ୍ୟକ୍ଷ ଶଙ୍କର କୁମାର ଜେନା ଅଧ୍ୟକ୍ଷତା କରି ବିଭିନ୍ନ ଅଞ୍ଚଳରେ ଥିବା ବାଂଲାଦେଶୀଙ୍କୁ ବିତାଡ଼ିତ କରିବା ପାଇଁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବସ୍ତା ବ୍ଲକ ସଭାପତି ଅନ୍ତର୍ଯ୍ୟାମୀ ରାଉଳ, ଆଇଟି ସେଲ ପ୍ରକୋଷ୍ଠ ଅଧ୍ୟକ୍ଷ ସତ୍ୟରଞ୍ଜନ ପାଣି, ଗୋ-ସୁରକ୍ଷା କମିଟି ସଂଯୋଜକ ମନୋଜ ସାମଲ, ପରାମର୍ଶଦାତା କୁମୁଦ ରଞ୍ଜନ ଗିରି, ଜିଲା



ପ୍ରତିବାଦ ସଭାରେ ଦେବସେନାର ସଦସ୍ୟମାନେ।

ସେବା ପ୍ରକୋଷ୍ଠ ଅଧ୍ୟକ୍ଷ ନୀଳମାଧବ ସିଂ, ଝୁନାରାଣୀ ବେହେରା, ବିନୟକେତନ ଜେନା, ଶରତ ବାରିକ ଓ ପିନାକୀ ନାରାୟଣ ପ୍ରହରାଜ ପ୍ରମୁଖ ଯୋଗଦେଇ ବାଂଲାଦେଶୀ ଅନୁପ୍ରବେଶକଙ୍କୁ ରୋକିବା ଦିଗରେ ପଦକ୍ଷେପ ଗ୍ରହଣ କରିବା ପାଇଁ ବସ୍ତା ଥାନା ଆଇଆଇସିଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ।

# କବି କଶ୍ୟପ ବାଞ୍ଛାନିଧି ପଣ୍ଡାଙ୍କ ସ୍ମୃତିଚାରଣ ସଭା

ଖଇରା, ୧୦।୮(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ବଣପାରିଆ ଗ୍ରାମରେ ଶୁକ୍ରବାର କବି କାଶ୍ୟପ ବାଞ୍ଛାନିଧି ପଣ୍ଡାଙ୍କର ଚତୁର୍ଦ୍ଦଶ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ସ୍ମୃତି ପରିଷଦ ସଭାପତି ପଣ୍ଡିତ କୃଷ୍ଣଚନ୍ଦ୍ର ପତ୍ରୀ ଏଥିରେ ସଭାପତିତ୍ୱ କରିଥିଲେ। ପଣ୍ଡିତ ବୁଦ୍ଧିରାମ ପାଣିଗ୍ରାହୀଙ୍କ ଗୀତାପାଠ ପରେ ତୈଳଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ରଘୁନାଥ ପତ୍ରୀଙ୍କ ସମ୍ପାଦକୀୟ ପରେ କବି ପଦ୍ମନାଭ ଶନିବିଗ୍ରହ ଓ କୈଳାସ ଚନ୍ଦ୍ର ପୃଷ୍ଟି କବିତା ମାଧ୍ୟମରେ ଦିବଂଗତ କବିଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଖଇରା ସାହିତ୍ୟ ସଂସଦ ସଭାପତି ମାୟାଧର ନାୟକ, କବି ହରିହର ପାଣିଗ୍ରାହୀ, ପଦ୍ମନାଭ ପଣ୍ଡା, ଶ୍ରୀଧର ପଲେଇ, ବାସୁଦେବ ପଣ୍ଡା ଓ ଶ୍ୟାମସୁନ୍ଦର ପଣ୍ଡା ପ୍ରମୁଖ ସ୍ମୃତିଚାରଣ କରିଥିଲେ। ରମେଶ ଚନ୍ଦ୍ର ପଣ୍ଡା ପ୍ରାରମ୍ଭିକ ସୂଚନା ଓ ପ୍ରମୋଦ କୁମାର ସୂତାର ଧନ୍ୟବାଦ ଅର୍ପଣ କରିଥିଲେ।

# ମିଳିତ ଉଦ୍ୟମରେ ୧୩୩ ୟୁନିଟ୍ ରକ୍ତ ସଂଗ୍ରହ



ନିର୍ବାହୀ ଯନ୍ତ୍ରୀ ଅଶୋକ କୁମାର ମଲ୍ଲିକ ଶିବିରକୁ ଉଦ୍‌ଘାଟନ କରୁଛନ୍ତି।

ଖଇରା, ୧୦।୮(ଉତ୍କଳବନ୍ଧୁ ପଣ୍ଡା)

## ରକ୍ତ ଅଭାବ ପୂରଣ ପାଇଁ ଟାଟା ପାୱାରର ପ୍ରୟାସ

ବାଲେଶ୍ୱର ଜିଲା ଟାଟା ପାୱାର ଖଇରା ସବ୍‌ଡିଭିଜନ ଆନୁକୂଲ୍ୟରେ ନହଙ୍ଗ ଗ୍ରାମ ନିକଟସ୍ଥ ଏକ କଲ୍ୟାଣ ମଣ୍ଡପରେ ଶନିବାର ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ଟିପିଏନ୍‌ଓଡିଏଲର ନିର୍ବାହୀଯନ୍ତ୍ରୀ ଇଂ. ଅଶୋକ କୁମାର ମଲ୍ଲିକ ଉଦ୍‌ଘାଟନ କରିଥିଲେ। ସହକାରୀ ଯନ୍ତ୍ରୀ ଇଂ. ପ୍ରଭାସ ରଞ୍ଜନ ବିଶ୍ୱାଳ, ଖଇରା କନିଷ୍ଠଯନ୍ତ୍ରୀ ଇଂ. ଶଶାଙ୍କ ଶେଖର ପଣ୍ଡା, ଔପଦାର ଇଂ. ସୁଖଦେବ ସାହୁ, ଡୁଙ୍ଗୁରାର ଇଂ. ରାଜେଶ ମହାରଣା, ଗଣ୍ଡିବେଡର ଇଂ. ଅଭିନବ କୁମାରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୧୩୩ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ଟିପିଏନଓଡିଏଲର ସମସ୍ତ କର୍ମଚାରୀ ଶିବିର ପରିଚାଳନାରେ ସହଯୋଗ କରିଥିଲେ। ବର୍ତ୍ତମାନ ରାଜ୍ୟରେ ରକ୍ତର ଅଭାବ ଦେଖାଦେଇଥିବା ବେଳେ ଏହାର ଆବଶ୍ୟକତା ପୂରଣ ପାଇଁ କମ୍ପାନୀର ଏହା ଏକ ଛୋଟ ପ୍ରୟାସ ବୋଲି ସହକାରୀ ଯନ୍ତ୍ରୀ ପ୍ରଭାସ ରଞ୍ଜନ ବିଶ୍ୱାଳ କହିଛନ୍ତି।

# ମାନଗଡ଼ରେ ହାତୀ ଉପଦ୍ରବ

ନୀଳଗିରି, ୧୦।୮(ପ୍ରଶାନ୍ତ ବିଶ୍ୱାଳ)

ନୀଳଗିରି ଉପଖଣ୍ଡ ଅଧୀନ କୁଲଡ଼ିହା ଅଭୟାରଣ୍ୟର ପାଦଦେଶ ବାଉଁଶବଣିଆ ପଞ୍ଚାୟତର ମାନଗଡ଼ ଗ୍ରାମରେ ହାତୀ ଉପଦ୍ରବକୁ ନେଇ ଗ୍ରାମବାସୀ ଭୟଭୀତ ଅବସ୍ଥାରେ ଜୀବନ ବିତାଉଛନ୍ତି। ପ୍ରତି ସନ୍ଧ୍ୟାରେ ୩ରୁ ୪ଟି ହାତୀ ଖାଦ୍ୟ ଅନ୍ୱେଷଣରେ ଅଭୟାରଣ୍ୟରୁ ବାହାରି ଜନବସତିମୁହାଁ ହେଉଛନ୍ତି। ତଳିପକାଠାରୁ ଆରମ୍ଭ କରି ରୁଆଯାଇଥିବା ଚାଷଜମି, କଦଳୀ ଗଛ, ନଡ଼ିଆ ଗଛ ସମେତ ବିଭିନ୍ନ ଫସଲ ନଷ୍ଟ କରୁଥିବା ଦେଖିବାକୁ ମିଳିଛି। ବନ ବିଭାଗ କୁମ୍ଭକର୍ଣ୍ଣ ନିଦ୍ରାରେ ଅଛି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଶୁକ୍ରବାର ରାତିରେ ଏକ ଦନ୍ତା ହାତୀ ଆସି ହରିଶ୍ଚନ୍ଦ୍ର ବାରିକ, ସୁଦର୍ଶନ ବାରିକ, ବନମାଳୀ ବାରିକ, ପଦ୍ମଲୋଚନ ବାରିକ, ଅଜୟ ବାରିକ, ବିଜୟ ବାରିକ, ବେଣୁଧର ବାରିକଙ୍କ ଚାଷ ଜମିଠାରୁ ଆରମ୍ଭ କରି ଘର ତାର ବାଡ଼କୁ ଭାଙ୍ଗି ଦେଇଛି। ପୂର୍ବରୁ ଏହି ଘଟଣା ଘଟିଆସୁଥିବା ବେଳେ ସୋଲାରବାଡ କରାଯିବାର ବନବିଭାଗ ପ୍ରତିଶ୍ରୁତି ଦେଇ କାର୍ଯ୍ୟ କରି ନାହାନ୍ତି। ତୁରନ୍ତ ବିଭାଗ ପକ୍ଷରୁ ହାତୀ ଘଉଡ଼ାଇବାରେ ସ୍ଥାୟୀ ସମାଧାନ ଗ୍ରହଣ କରା ନ ଗଲେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

# ବିପଦସଙ୍କୁଳ ଅବସ୍ଥାରେ ବାଲିଛନ୍ଦା ଘାଟ ପୋଲ

ସୋର, ୧୦।୮(ଜନ୍ମେଜୟ ମିଶ୍ର)

ବାଲେଶ୍ୱର ଜିଲା ସୋର ବ୍ଲକରେ ୩୦ବର୍ଷ ତଳେ ନିର୍ମାଣ ହୋଇଥିବା ବାଲିଛନ୍ଦା ଘାଟ ପୋଲ ଏବେ ବିପଦଶଙ୍କୁଳ ଅବସ୍ଥାରେ ରହିଛି। ପୋଲ ଉପରେ ଯାତାୟାତ କରିବାକୁ ଲୋକେ ଭୟ କରୁଛନ୍ତି। ପୋଲର ଦୁଇଟି ପିଲର ଜରାଜୀର୍ଣ୍ଣ ଅବସ୍ଥାରେ ରହିବା ସହ ଏଥିରୁ ରଡ୍ ଦେଖାଗଲାଣି। କୌଣସି ବି ମୁହୂର୍ତ୍ତରେ ଏଠାରେ ବଡଧରଣର ଅଘଟଣ ଘଟିପାରେ ବୋଲି ଲୋକେ ଅଭିଯୋଗ କରିଛନ୍ତି। ଏଥିନେଇ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ସ୍ଥିତି ପରଖିବା ସହିତ ଏହାର ମରାମତି କରାଇବାକୁ ନିବେଦନ କରାଯାଇଛି। ଏହି ପୋଲ ଉପରେ ବାଲେଶ୍ୱର ଜିଲାର ସୋର ନିର୍ବାଚନମଣ୍ଡଳୀ ଓ ଭଦ୍ରକ ଜିଲାର ବାସୁଦେବପୁର ନିର୍ବାଚନମଣ୍ଡଳୀର ପ୍ରମୁଖ ୧୫ଟି ପଞ୍ଚାୟତର ହଜାର ହଜାର ଲୋକ ପ୍ରତିଦିନ ନିର୍ଭର କରନ୍ତି। ଏହାଛଡା ଧାମରା ବନ୍ଦର ଓ ବାଲେଶ୍ୱର ସହରକୁ ଯାତାୟତ ପାଇଁ ଏହା ଏକ ପ୍ରମୁଖ ରାସ୍ତା ଅଟେ। ପୋଲର ବର୍ତ୍ତମାନ ଅବସ୍ଥାକୁ ଲକ୍ଷ୍ୟ ରଖି ତୁରନ୍ତ ଏହାକୁ ମରାମତି କରାଯିବା ସହିତ ଭରିଯାନ ନିଷେଧ କରିବାକୁ ସ୍ଥାନୀୟ ବାସିନ୍ଦା ଦାବି ଜଣାଇଛନ୍ତି।



# ଉଜୁଡ଼ିଲା ପୋଟଳ, କାକୁଡ଼ି ଚାଷ

ଜଳେଶ୍ୱର, ୧୦।୮(ରବିନାରାୟଣ ପାତ୍ର)

## ଜଳେଶ୍ୱର ବ୍ଲକ

ଚଳିତବର୍ଷ ରୋଗ ଓ ପୋକର ପ୍ରାଦୁର୍ଭାବ ଯୋଗୁ ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ଅଧୀନରେ ଥିବା ପ୍ରାୟ ୨୦ଟି ଗାଁରେ ପୋଟଳ ଓ କାକୁଡି ଚାଷ ଉଜୁଡ଼ିଯାଇଛି। ଏଥିଲାଗି ଉଦ୍ୟାନ ବିଭାଗର ଡେପୁଟି ନିର୍ଦ୍ଦେଶକ ସଦଳବଳେ ଆସନ୍ତା ସୋମବାର ତଦନ୍ତ କରିବେ ବୋଲି କହିଛନ୍ତି । ଚଳିତବର୍ଷ ଜଳେଶ୍ୱର ବ୍ଲକ ଅଞ୍ଚଳରେ ପ୍ରାୟ ୩ହଜାର ହେକ୍ଟର ଜମିରେ ପରିବା ଓ ଡାଲି ଜାତୀୟ ଚାଷ ହୋଇଥିଲା । ଖରିଫ ଋତୁରେ ୧୭ଶହ ହେକ୍ଟର ଜମିରେ ପରିବା ଚାଷ ହୋଇଥିବା ବେଳେ ପ୍ରାୟ ୫ଶହ ହେକ୍ଟର ଜମିରେ ପୋଟଳ ଓ ୨୫୦ ହେକ୍ଟର ଜମିରେ କାକୁଡି ଚାଷ ହୋଇଥିଲା। ଏହା ଏକ ଅଜଣା ରୋଗ, ପୋକ ଯୋଗୁ ଏହି ଚାଷ ଉଜୁଡିବାକୁ ବସିଲାଣି। ଜଳେଶ୍ୱର ବ୍ଲକର ଏକତାଳି ଗାଁର ସୁରେନ୍ଦ୍ର ସାହୁ, ଅଜିତ୍ ଜେନା, ସେକସରାଇ ଗାଁର ରାମଚନ୍ଦ୍ର ଜେନା, ଭରତ ଦାସ, ହରିହର ଦିନ୍ଦା, ରାୟାଁ ରାମଚନ୍ଦ୍ରପୁର ପଞ୍ଚାୟତର ଅଜିତ୍ ପାଳ, ସୁରେନ୍ଦ୍ର ନାଥ, ଜୟନ୍ତ ସାହୁ, ଉମେଶ ପାଳ, ସିତାରାମ ସାହୁ, ଓଲମରା ଓ ବ୍ରହ୍ମାପୁରାର ଉମାକାନ୍ତ ବେହେରା, ସୁବାଶ ବେହେରା, ଅଦ୍ୱୈତ ବେହେରା, ଶିଶିର ଅଧିକାରୀ, ଶ୍ୟାମସୁନ୍ଦର କୁଇଲା, ମାକିଡିଆର ଉତ୍ପଳ ପାଳ, ଗୌରଚନ୍ଦ୍ର ଘୋଷ ଓ ତାରାକାନ୍ତ ପରିଡା ପ୍ରମୁଖ ବହୁ ଚାଷୀ ସର୍ବସ୍ୱ ହରାଇଛନ୍ତି। ଉପରୋକ୍ତ ଗାଁ ବ୍ୟତୀତ ଗଡସାହି ବାଲିଆପାଳ, ଚାଳନ୍ତି, ଗୋବରଘଟା, ନମକନା, ରେଳା, ବାଇଗଣବାଡିଆ, ଖୁଦିଆ ମାଝିସାହି, ଶିଖରପୁର ଅଞ୍ଚଳର ଶହ ଶହ ପୋଟଳ ଓ କାକୁଡି ଚାଷ କରି ମୁଣ୍ଡରେ ହାତମାରି ବସିଛନ୍ତି। ଏ ସମ୍ପର୍କରେ ବାଲେଶ୍ୱରସ୍ଥିତ ଡେପୁଟି ନିର୍ଦ୍ଦେଶକ ତପନ କୁମାର ମହାନ୍ତିଙ୍କ ଦୃଷ୍ଟି ଆକର୍ଷଣ କରାଯିବାରୁ ଆସନ୍ତା ସୋମବାର ଜଳେଶ୍ୱର ବ୍ଲକର ବିଭିନ୍ନ ଅଞ୍ଚଳ ଗସ୍ତ କରି ଅନୁଧ୍ୟାନ କରିବେ ବୋଲି କହିଛନ୍ତି । ଅନ୍ୟପକ୍ଷରେ ଜଳେଶ୍ୱର କାର୍ଯ୍ୟାଳୟର ଜଣେ କର୍ମଚାରୀ କେଦାରନାଥ ଜେନା କେତେକ ଅଞ୍ଚଳ ବୁଲି ଦେଖିଛନ୍ତି ।



ପୋକ ଲାଗି ଶୁଖିଯାଇଥିବା ପୋଟଳ ଓ କାକୁଡି ଫସଲକୁ ଚାଷୀ ଦେଖାଉଛନ୍ତି।

# ଆଦିବାସୀଙ୍କ ମୌଳିକତାକୁ ବଞ୍ଚାଇ ରଖିବା ଆମ ଦାୟିତ୍ୱ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିଙ୍କ ଗହଣରେ ଅନ୍ୟମାନେ।

ବାଲେଶ୍ୱର, ୧୦।୮(ବାଞ୍ଛାନିଧି ଦେ)

## ବିଶ୍ୱ ଆଦିବାସୀ ଦିବସ ପାଳିତ

ବାଲେଶ୍ୱର ନୂଆପାଢ଼ୀସ୍ଥିତ ଫକୀର ମୋହନ ବିଶ୍ୱବିଦ୍ୟାଳୟରେ ବିଶ୍ୱ ଆଦିବାସୀ ଦିବସ ପାଳିତ ହୋଇଯାଇଛି। ଉତ୍ସବରେ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଅଧ୍ୟକ୍ଷତା କରି ଆଦିବାସୀଙ୍କୁ ମୁଖ୍ୟସ୍ରୋତରେ ସାମିଲ କରିବା ସହ ସେମାନଙ୍କୁ ଶିକ୍ଷା, ସ୍ୱାସ୍ଥ୍ୟ ଓ ବିଦ୍ୟୁତ ସେବା ଆଦି ମୌଳିକ ଅଧିକାର ପ୍ରଦାନ ଦିଗରେ ଯତ୍ନବାନ ହେବା ଦିଗରେ ଗୁରୁତ୍ୱାରୋପ କରିଥିଲେ।

ମୁଖ୍ୟବକ୍ତା 'ଅନୁସୂଚିତ ଜାତି ଏବଂ ଜନଜାତି ଅନୁସନ୍ଧାନ ଏବଂ ତାଲିମ ପ୍ରତିଷ୍ଠାନ' ଓ ଓଡ଼ିଶା ରାଜ୍ୟ ଆଦିବାସୀ ସଂଗ୍ରହାଳୟର ପୂର୍ବତନ ନିର୍ଦ୍ଦେଶକ ପ୍ରଫେସର ଅଖିଳ ବିହାରୀ ଓତା ଯୋଗଦେଇ ସମଗ୍ର ବିଶ୍ୱରେ ଆଦିବାସୀଙ୍କ ସ୍ଥିତିର ସମୀକ୍ଷା, ସମସ୍ୟା, ବାସ୍ତବତା, ସାମାଜିକ ସମର୍ଥନ ଓ ଉନ୍ନତୀକରଣ ଦିଗରେ ସରକାରଙ୍କ ପ୍ରଯୋଜିତ କାର୍ଯ୍ୟକ୍ରମ ଏବଂ ଅଧିକାର ପ୍ରସଙ୍ଗରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ଭୁବନେଶ୍ୱରସ୍ଥିତ କଳିଙ୍ଗ ଇନଷ୍ଟିଚ୍ୟୁଟ ଅଫ୍ ସୋସିଆଲ ସାଇନ୍ସର ଆନ୍ଥ୍ରୋପୋଲୋଜି ବିଭାଗର ପ୍ରଫେସର ନିର୍ମଳ ଚନ୍ଦ୍ର ଦାଶ ଯୋଗଦେଇ ଆଦିବାସୀଙ୍କ ଜୀବନର ମୂଲ୍ୟବୋଧ, ଜୀବନଯାପନ ପ୍ରଣାଳୀ, ସଂସ୍କୃତି, ଜ୍ଞାନ ତଥା ସେମାନଙ୍କ ମୌଳିକତାକୁ ବଞ୍ଚାଇ ରଖିବାର ପ୍ରୟାସ ଆମର ଦାୟିତ୍ୱ ବୋଲି ବକ୍ତବ୍ୟରେ କହିଥିଲେ। ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା ଏହି ଦିବସ ପାଳନର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମର ସଂଯୋଜକ ଡ. ସଚ୍ଚିଦାନନ୍ଦ ସା ଅତିଥି ପରିଚୟ ପ୍ରଦାନ କରିଥିଲେ। ଡ. ବିଶ୍ୱଜିତ ପରିଡ଼ା କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଡ. ଆକାଶ ମଲ୍ଲିକ ଧନ୍ୟବାଦ ଦେଇଥିଲେ।

**ସଂକ୍ଷେପରେ**

## ବ୍ୟବସାୟୀଙ୍କ ଆତ୍ମହତ୍ୟା

**ରସୁଲପୁର,୧୦।୮(ରଞ୍ଜିତ ରାଉତ):**

କୁଆଖିଆ ଥାନା ଅନ୍ତର୍ଗତ ମୁଗୁପାଳ ପଞ୍ଚାୟତରେ ଶୁକ୍ରବାର ରାତିରେ ମାନସିକ ଦୁଶ୍ଚିନ୍ତା କାରଣରୁ ଜଣେ ଆଚାର ବ୍ୟବସାୟୀ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ସେ ହେଲେ ଭରଦ୍ୱାଜ ପଣ୍ଡା(୪୮)। ପୋଲିସ ଶନିବାର ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରି ତଦନ୍ତ ଆରମ୍ଭ କରିଛି। ଭରଦ୍ୱାଜ ଆଚର ବ୍ୟବସାୟକରି ପରିବାର ପ୍ରତିପୋଷଣ କରୁଥିଲେ। ତାଙ୍କର ପ୍ରଥମ ସ୍ତ୍ରୀଙ୍କ ମାନସିକ ଅବସ୍ଥା ଭଲ ନ ଥିବାରୁ ସେ ଭରଦ୍ୱାଜଙ୍କ ଠାରୁ ଅଲଗା ରହି ଆସୁଛନ୍ତି। ପରେ ଭରଦ୍ୱାଜ ଦ୍ୱିତୀୟ ବିବାହ କରିଥିଲେ। ପ୍ରଥମ ସ୍ତ୍ରୀଙ୍କ ୨ ସନ୍ତାନ ଥିବାବେଳେ ଦ୍ୱିତୀୟ ସ୍ତ୍ରୀଙ୍କ ଆଉ ଏକ ସନ୍ତାନ ରହିଛନ୍ତି। ତାଙ୍କ ପରିବାରକୁ ପ୍ରତିପୋଷଣ କରିବା ପାଇଁ ଭରଦ୍ୱାଜ ଅକ୍ଷମତା ପ୍ରକାଶ କରିଆସୁଥିଲେ। ଦୁର୍ବଳ ଆର୍ଥିକ ସ୍ଥିତିକୁ ନେଇ ସେ ଅନେକ ସମୟରେ ମାନସିକ ଚାପରେ ରହି ଆସୁଥିଲେ। ବ୍ୟବସାୟରେ ଅଗ୍ରଗତି ନ ଘଟିବା ଓ ପରିବାର ପ୍ରତିପୋଷଣ ପାଇଁ ଆବଶ୍ୟକ ଅର୍ଥ ରୋଜଗାର କରି ନ ପାରିବାରୁ ନିଜ ଶୋଇବା ଘରେ ରଶି ଲଗାଇ ସେ ଆତ୍ମହତ୍ୟା କରିଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜଣାପଡିଛି। ପରିବାର ଲୋକେ ଭରଦ୍ୱାଜଙ୍କୁ ଶୋଇବା ଘରେ ଝୁଲୁଥିବା ଦେଖି ପୋଲିସକୁ ଖବର ଦେଇଥିଲେ। ଏଏସ୍‌ଆଇ ଦେବପଦ ମହାନ୍ତି ଘଟଣାର ତଦନ୍ତ କରୁଛନ୍ତି।

# ୩୬ ଟଙ୍କାରେ ଆଳୁ ବିକିବେ ରିଟେଲର

- ଆଳୁ ଅଭାବୀ ଦୂର କରିବା ପାଇଁ ଯୋଗାଣ ବିଭାଗ ପକ୍ଷରୁ ତତ୍ପରତା
- ପ୍ରଥମ ପର୍ଯ୍ୟାୟରେ ୭ ରିଟେଲର ନିଯୁକ୍ତ

**ରସୁଲପୁର,୧୦।୮(ରଂଜିତ ରାଉତ):**


ଯୋଗାଣ ଅଧିକାରୀ ଆଳୁ ଗୋଦାମ ମାଲିକଙ୍କ ସହ ଆଲୋଚନା କରୁଛନ୍ତି।

ରସୁଲପୁର ବ୍ଲକ ଯୋଗାଣ ବିଭାଗ ପକ୍ଷରୁ ଆତ୍ୟାବଶକୀୟ ସାମଗ୍ରୀ ଆଳୁର ଅଭାବ ଦୂର ପାଇଁ ତତ୍ପରତା ପ୍ରକାଶ ପାଇଛି। ବିଭାଗ ପକ୍ଷରୁ ଯୋଗାଣ ଅଧିକାରୀ ଟୁନାରାଣୀ ସାହୁ କୁଆଖିଆ ବଜାର ଅଞ୍ଚଳରେ ଥିବା ବିଭିନ୍ନ ଆଳୁ ଗୋଦାମ ପରିଦର୍ଶନ କରିବା ସହ ଗୋଦାମରେ ଗଚ୍ଛିତ ଥିବା ଆଳୁର ପରିମାଣ, ହୋଲସେଲ ଦରରେ ବିକ୍ରି ହେଉଥିବା ଆଳୁର ଦର ସମ୍ପର୍କରେ ପଚାରି ବୁଝିଛନ୍ତି। ସରକାର ଆଳୁ କିଲୋ ପିଛା ୩୦ଟଙ୍କା ବିକ୍ରି କରିବେ ବୋଲି ଘୋଷଣା କରିଥିବାବେଳେ ଗୋଦାମ ଦର ଉଚ୍ଚା ରହୁଥିବାରୁ ଗାଁରେ ଲୋକଙ୍କୁ ଆଳୁ ୩୬ଟଙ୍କା ମୂଲ୍ୟରେ ପ୍ରଦାନ କରିବା ପାଇଁ ବ୍ୟବସ୍ଥା କରାଯାଇଛି। ବ୍ଲକ ଅଧୀନରେ ପ୍ରାୟଃ ୮୦ରୁ ଅଧିକ ରିଟେଲର ଥିବାବେଳେ ପ୍ରଥମ ପର୍ଯ୍ୟାୟରେ ୭ଜଣ ରିଟେଲରଙ୍କ ଜରିଆରେ ଯୋଗାଣ ବିଭାଗ ପକ୍ଷରୁ ଆଳୁ ବିକ୍ରି କରିବାକୁ ସ୍ଥିର କରାଯାଇଛି। ୭ଜଣ ରିଟେଲରଙ୍କ ଉପରେ ଆଳୁ ବିକ୍ରି ଦାୟିତ୍ୱ ନ୍ୟସ୍ତ କରାଯାଇଛି। ଏଥିରେ ଭୋଟକା ପଞ୍ଚାୟତରେ ୨ଜଣ, ବାହାଦଲାପୁରରେ ୨ଜଣ, ରାହାମ୍ବା, ରସୁଲପୁର, ମୁଗୁପାଳ ପଞ୍ଚାୟତରେ ଜଣେ ଲେଖାଏ ରିଟେଲରଙ୍କୁ ଦାୟିତ୍ୱ ଦିଆଯାଇଛି। ଶନିବାର ସନ୍ଧ୍ୟାରେ ୧୫ କୁଇଣ୍ଟାଲରୁ ଊର୍ଦ୍ଧ୍ୱ ଆଳୁ ରିଟେଲରମାନଙ୍କୁ ନିକଟକୁ ପଠାଯାଇଛି। ରିଟେଲରମାନଙ୍କଠାରୁ ପଞ୍ଚାୟତର ଯେକୌଣସି ଖାଉଟି ଆଳୁ କ୍ରୟ କରି ପାରିବେ। ଆବଶ୍ୟକତା ଅନୁଯାୟୀ ରିଟେଲରମାନଙ୍କୁ ଆଳୁ ଯୋଗାଇ ଦିଆଯିବ। ପ୍ରତ୍ୟେକ ବ୍ୟକ୍ତିଙ୍କୁ ସର୍ବାଧିକ ୨କେ.ଜି. ଆଳୁ ଦିଆଯାଇ ପାରିବ। ବିଭାଗର ଏଭଳି ପଦକ୍ଷେପ ଯୋଗୁ ଲାଭଖୋର ବ୍ୟବସାୟୀଙ୍କ ଆଳୁ କଳାବଜାରୀ, ମନଇଚ୍ଛା ବଜାର ଦର ବଢାଇବାରେ ରୋକ ଲଗାଯାଇ ପାରିବ। ଏହି ଧାରା ଆଉ ସ୍ୱଳ୍ପ ଅବଧି ପର୍ଯ୍ୟନ୍ତ ଜାରି ରହିବ। ଆଳୁ ଆମଦାନୀ ବଢ଼ିବା ସହ ବଜାର ଦର ନିୟନ୍ତ୍ରଣକୁ ଆସିଯିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

ଆଳୁର ଅଭାବ ଯୋଗୁଁ ବଜାର ଦର ୬୦ଟଙ୍କାକୁ ବୃଦ୍ଧି ପାଇଥିଲା। ଗାଁଗହଳିର ଦୋକାନୀମାନେ ଆଳୁ ଦର ମନଇଚ୍ଛା ବଢାଇ ଦେଉଥିଲେ। ସରକାର ଲୋକଙ୍କୁ ୩୦ଟଙ୍କାରେ ଆଳୁ ଯୋଗାଇ ଦେବେ ବୋଲି ଘୋଷଣା କରିଥିଲେ। ଏହି କାର୍ଯ୍ୟ ତୃଣମୂଳସ୍ତରରେ କାର୍ଯ୍ୟକାରୀ ହୋଇଛି। ଖୁବ୍‌ଶୀଘ୍ର ଆଳୁ ଦରକୁ ନିୟନ୍ତ୍ରଣକୁ ଅଣାଯିବା ସହ ବାରମ୍ବାର ଚଢାଉ କରାଯାଇ ଆଳୁର ସୁଷମ ବଣ୍ଟନ ଉପରେ ଧ୍ୟାନ ଦିଆଯିବ। ଆଳୁ କାରବାରରେ ଅନିୟମିତତା ଦେଖାଦେଲେ ଅସାଧୁ ବ୍ୟବସାୟୀମାନଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଯୋଗାଣ ଅଧିକାରୀ ପ୍ରକାଶ କରିଛନ୍ତି।

# ଭେକ୍ଟରବାହିତ ରୋଗ ପ୍ରତି ସଚେତନକରିବ ଟାଟାଷ୍ଟିଲ

**କଳିଙ୍ଗନଗର,୧୦।୮(ଶୁଭାଶିଷ ରାଉତ):**

ଭେକ୍ଟରବାହିତ ରୋଗ ପ୍ରତି ସଚେତନତା ସୃଷ୍ଟି ପାଇଁ ଟାଟା ଷ୍ଟିଲ ଫାଉଣ୍ଡେଶନ ପକ୍ଷରୁ ଶୁକ୍ରବାର ସୁକିନ୍ଦା ଓ ବ୍ରାହ୍ମଣିପାଳଠାରେ 'ସଚେତନତା ରଥ' ଅଭିଯାନ ଆରମ୍ଭ ହୋଇଛି। ଏହା ମାଧ୍ୟମରେ ସ୍ଥାନୀୟ ଲୋକଙ୍କୁ ଭେକ୍ଟରବାହିତ ରୋଗ ବିଷୟରେ ସଚେତନ କରାଯିବ। ଲୋକଙ୍କୁ ଫାଇଲେରିଆ, ଡେଙ୍ଗୁ ଓ ମ୍ୟାଲେରିଆ ଭଳି ମାରାତ୍ମକ ରୋଗ ପ୍ରତି ସଚେତନ କରିବା ଅଭିଯାନର ପ୍ରମୁଖ ଲକ୍ଷ୍ୟ ରହିଛି। ସୁକିନ୍ଦାଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଟାଟା ଷ୍ଟିଲର ଫିରୋ ଆଲଏଜ ଆଣ୍ଡ ମିନେରାଲ୍ସ ଡିଭିଜନ(ଏଫ୍‌ଏଏମ୍‌ଡି)ର ପ୍ରଶାସନିକ ମୁଖ୍ୟ ପ୍ରମୋଦ କୁମାର, ଟାଟା ଷ୍ଟିଲ ସୁକିନ୍ଦା କ୍ରୋମାଇଟ ମାଇନ୍ସର ବରିଷ୍ଠ ଏରିଆ ମ୍ୟାନେଜର ନିହାର ମିତ୍ର, କାଳିଆପାଣି ସରପଞ୍ଚ ବିକାଶ ପାତ୍ର ଓ ଆଖପାଖ ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର କର୍ମଚାରୀ ଉପସ୍ଥିତ ଥିଲେ। ଏହି ଅଭିଯାନ ମାଧ୍ୟମରେ ୪ଟି ପଞ୍ଚାୟତ ଯଥା; ରସୋଲ, କାଳିଆପାଣି, ଚିଙ୍ଗୁସିପାଳ ଓ କଂସ ଅଧୀନରେ ଥିବା ୨୦ ଗ୍ରାମରେ ସଚେତନତା ସୃଷ୍ଟି କରାଯିବ। ସେହିପରି ବ୍ରାହ୍ମଣିପାଳଠାରେ ଟାଟା ଷ୍ଟିଲ ଫାଉଣ୍ଡେସନର ବ୍ରାହ୍ମଣିପାଳ ୟୁନିଟ ମୁଖ୍ୟ ଡ. ଜୟନ୍ତ କୁମାର ତ୍ରିପାଠୀ, ପଞ୍ଚାୟତିରାଜ ବିଭାଗ(ପିଆରଆଇ) ସଦସ୍ୟ, ସାମାଜିକ କର୍ମୀ ଓ ସ୍ଥାନୀୟ କମ୍ୟୁନିଟି ସଦସ୍ୟଙ୍କ ଉପସ୍ଥିତିରେ ବ୍ରାହ୍ମଣିପାଳସ୍ଥିତ ଫେରୋ ଆଲଏଜ ପ୍ଲାଣ୍ଟର ମୁଖ୍ୟ ଆଦର୍ଶ ଅଗ୍ରୱାଲ ଏହି କାର୍ଯ୍ୟକ୍ରମକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଅଗ୍ରୱାଲ କହିଛନ୍ତି ଯେ, 'ସଚେତନତା ରଥ' ଅଭିଯାନ ଦ୍ୱାରା ଗ୍ରାମାଞ୍ଚଳରେ ରହୁଥିବା ଆଦିବାସୀ ସମ୍ପ୍ରଦାୟର ଲୋକଙ୍କୁ ସିଧାସଳଖ ସଚେତନ କରାଯାଇପାରିବ। ଯାହା ସେମାନଙ୍କୁ ନିଜ ସ୍ୱାସ୍ଥ୍ୟପ୍ରତି ଯତ୍ନବାନ ହେବାକୁ ଉତ୍ସାହିତ କରିବ।



'ସଚେତନତା ରଥ' ଅଭିଯାନକୁ ଅତିଥି ଉଦ୍‌ଘାଟନ କରୁଛନ୍ତି।

## ବିପଦ ସାଜିଛି ଜେଲର ମୁକୁଳା ଟାଙ୍କି

**ରଗଡ଼ି,୧୦।୮(ଯତିଶ କୁମାର ମଲ୍ଲିକ):**

କୋରେଇ ବ୍ଲକ ଅଧୀନ ରଗଡ଼ିଠାରେ ଥିବା ଯାଜପୁର ରୋଡ ଉପକାରାଗାର ଅନ୍ତେବାସୀଙ୍କ ଶୌଚରେ ବ୍ୟବହାର ପାଇଁ ଦକ୍ଷିଣ ପାର୍ଶ୍ୱରେ ନିର୍ମାଣ ହୋଇଥିବା ପାଞ୍ଚ ଫୁଟରୁ ଊର୍ଦ୍ଧ୍ୱ ଗଭୀର ବିଶିଷ୍ଟ ଟାଙ୍କି ଗୋରୁଙ୍କ ପାଇଁ ବିପଦ ସାଜିଛି। ଏହା ଢାଙ୍କୁଣୀରେ ଘୋଡା ନ ଯାଇ ମୁକୁଳା ପଡିଛି। ଗୋରୁ ଚରିବାକୁ ଗଲାବେଳେ ଅଜାଣତରେ ଏହା ମଧ୍ୟକୁ ଖସି ପଡୁଛନ୍ତି। ସେଠାରୁ ସେମାନଙ୍କୁ ଉଦ୍ଧାର କରିବା କଷ୍ଟକର ହେଉଛି। ଏପରିକି ଦୁଇ ତିନି ଦିନ ପର୍ଯ୍ୟନ୍ତ ଏହା ମଧ୍ୟରେ ସେମାନେ ଅଖିଆଅପିଆ ଅତି ଦୟନୀୟ ଅବସ୍ଥାରେ ପଡ଼ି ରହୁଛନ୍ତି। ଏହାବ୍ୟତୀତ ଅନ୍ୟମାନଙ୍କ ପାଇଁ ଯେ ଏହା ବିପଦର କାରଣ ନ ହେବ ତାହା କହି ହେବନାହିଁ। ଜେଲ ପକ୍ଷରୁ ଯଦି ଏହା ଉପରେ ଢାଙ୍କୁଣୀ ଦେବାର ବ୍ୟବସ୍ଥା ହୁଅନ୍ତା ତାହଲେ ଏଭଳି ଘଟଣା ଘଟନ୍ତା ନାହିଁ ବୋଲି ଲୋକେ କହିଛନ୍ତି। ଜେଲ କର୍ତ୍ତୃପକ୍ଷ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହୋଇଛି।


ଯାଜପୁର ରୋଡ୍ ଉପକାରାଗାର ଅନ୍ତେବାସୀଙ୍କ ଶୌଚରେ ବ୍ୟବହାର ପାଇଁ ଥିବା ମୁକୁଳା ଟାଙ୍କି।

# ଯାଜପୁର ଜିଲ୍ଲାରେ ବାଂଲାଦେଶୀ, ରୋହିଙ୍ଗ୍ୟା

**ପ୍ରଶାସନ ସବୁ ଜାଣି ଅଜଣା**

**ଯାଜପୁର ଟାଉନ,୧୦।୮ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):**

ଭାରତର ପଡ଼ୋଶୀ ଦେଶ ବାଂଲାଦେଶ ଏବେ କୋଟାକୁ ନେଇ ଅଶାନ୍ତ। କିନ୍ତୁ କିଛି ମୌଳବାଦୀ ସେଠାରେ ସଂଖ୍ୟାଲଘୁ ହିନ୍ଦୁଙ୍କୁ ନିର୍ମମ ଭାବେ ହତ୍ୟାକରି ଚାଲିଛନ୍ତି। ସେହିପରି ପୂର୍ବତନ ପ୍ରଧାନମନ୍ତ୍ରୀ ସେଖ୍ ହସିନାଙ୍କ ଆଓମିଲିଗ ଦଳର ନେତା ଓ ସମର୍ଥକମାନଙ୍କୁ ହତ୍ୟା କରାଯାଉଛି। ଆନ୍ଦୋଳନକୁ ଅନ୍ୟଦେଶ ଉସୁକାଇ ସେଠାରେ ଗଣ୍ଡଗୋଳ କରିବା ଯୋଗୁ ଅନେକ ବାଂଲାଦେଶୀ ଉଭୟ ହିନ୍ଦୁ ଓ ସେଖ୍ ହସିନାଙ୍କ ସମର୍ଥକ ହୋଇଥିବା ବିଭିନ୍ନ ସଂପ୍ରଦାୟର ଲୋକ ଜୀବନ ବିକଳରେ ଭାରତରେ ଶରଣ ନେବାରକୁ ସୀମାରେ ପହଞ୍ଚିଛନ୍ତି। ଯେଉଁମାନେ ହିନ୍ଦୁ ଓ ଭାରତର ସମର୍ଥକ ସେଠାରୁ ଏକରକମ ତଡିବା ଆରମ୍ଭ ହୋଇଯାଇଛି। ଏଣେ ଉପକୂଳବର୍ତ୍ତୀ ଜିଲ୍ଲା ଯାଜପୁର, କେନ୍ଦ୍ରାପଡା, ଭଦ୍ରକ, ବାଲେଶ୍ୱର, କଟକ, ଜଗତସିଂହପୁର, ପୁରୀ ଆଦିରେ ଦେଶ ବିରୋଧୀ ରୋହିଙ୍ଗ୍ୟା ଏବଂ ବାଂଲାଦେଶୀ ମୁସଲମାନମାନଙ୍କ ସଂଖ୍ୟା ହୁହୁ ହୋଇ ବଢ଼ିଚାଲିଛି। ଶାନ୍ତିପ୍ରିୟ ଜିଲ୍ଲାରେ ଏମାନଙ୍କ ସଂଖ୍ୟା ଅସମ୍ଭବ ଭାବେ ବୃଦ୍ଧିପାଇ ଚାଲିଛି। ଫେରି କରିବା, ବିଭିନ୍ନ ଛୋଟମୋଟ ସାମଗ୍ରୀ ବିକ୍ରି କରିବା, ଗ୍ୟାରେଜରେ କାର୍ଯ୍ୟ କରିବା, ରାଜମିସ୍ତ୍ରୀ, ରଙ୍ଗମିସ୍ତ୍ରୀ ଭାବେ କାର୍ଯ୍ୟକରିବା ନାମରେ ଏମାନେ ଯାଜପୁରସହରଠାରୁ ଆରମ୍ଭ କରି ବ୍ୟାସନଗର, ବଡଚଣା, କୋରେଇ, କଳିଙ୍ଗନଗର, ବାଲିଚନ୍ଦ୍ରପୁର, ଯାଜପୁରସଦର, ବିଂଝାରପୁର, ଅଲକୁଣ୍ଡ, ମଙ୍ଗଳପୁର, ଜଖପୁରା ପ୍ରଭୃତି ଥାନା ଅଂଚଳରେ ବସ୍ତି ବାନ୍ଧିସାରିଲେଣି। ବ୍ୟାସନଗରସହରର ଷ୍ଟାଡିୟମ, ଷ୍ଟାଡିୟମ ଟାଉନହଲ, ବଡଚଣା ଥାନାର ସୁଙ୍ଗୁଡା, ଚଣ୍ଡିଖୋଲ, ଧର୍ମଶାଳା ଥାନାର ଧର୍ମଶାଳା ନେଉଳପୁର, ଯାଜପୁରଟାଉନ ଥାନାର ଯାଜପୁରସହରର ବିଭିନ୍ନ ସଂଖ୍ୟାଲଘୁ ବସ୍ତି ଏବଂ ଉପରୋକ୍ତ ଅନ୍ତର୍ଗତ ବହୁ ବସ୍ତିରେ ଏମାନେ ଅବସ୍ଥାନ କରି ନିଜ ନିଜର ମୂଳ ଅଞ୍ଚଳର ଆହୁରି ସାଥି ସହୋଦରଙ୍କୁ ଡାକି ସେମାନଙ୍କ ସଂଖ୍ୟା ବୃଦ୍ଧିକରି ନିଜକୁ ଶକ୍ତିଶାଳୀ କଲେଣି। ଏମାନେ ମୂଳବାସିନ୍ଦା ଶାନ୍ତସରଳ ସଂଖ୍ୟାଲଘୁମାନଙ୍କୁ ହିନ୍ଦୁ ଧର୍ମାବଲମ୍ବି ଏବଂ ଅନ୍ୟ ସଂଖ୍ୟାଲଘୁମାନଙ୍କ ବିରୋଧରେ ଲଢ଼ିବା ପାଇଁ କୁଶିକ୍ଷା ଦେଉଥିବା ଶୁଣିବାକୁ ମିଳୁଛି। ଯାଜପୁର ଜିଲ୍ଲାରେ ରୋହିଙ୍ଗା ମୁସଲମାନଙ୍କ ସଂଖ୍ୟା ୧୦ହଜାରରୁ ଊର୍ଦ୍ଧ୍ୱ ହେବ। ଏମାନଙ୍କ ସମ୍ପର୍କରେ ଜିଲ୍ଲା ପ୍ରଶାସନ ଏବଂ ରାଜ୍ୟ ସରକାରଙ୍କ ନିକଟରେ ଖବର ଅଛିକି ନାହିଁ ତାହା ଆଲୋଚନାର ବିଷୟ ହୋଇଛି। ତେବେ ଦେଶ ବିରୋଧୀଶକ୍ତି ଏବଂ ଦେଶବାହାରର ବ୍ୟକ୍ତିଙ୍କୁ ତଡିବା ପାଇଁ ଯଦି ରାଜ୍ୟ ସରକାର କୌଣସି ପଦକ୍ଷେପ ଗ୍ରହଣ ନ କରନ୍ତି ପରବର୍ତ୍ତୀ ସମୟରେ ଏହା ଭୟଙ୍କର ହେବ ବୋଲି ଅନୁମାନ କରାଯାଉଛି।



ଚନ୍ଦନପୁର ଗ୍ରାମରେ କ୍ରାନ୍ତି ଦିବସ ପାଳନ କରାଯାଉଛି।

## କ୍ରାନ୍ତି ଦିବସ ପାଳିତ

**ସିଂହପୁର,୧୦।୮(ଅନଙ୍ଗ ଉଦୟ ବେଉରିଆ):**

ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଓଲେଇ ଚନ୍ଦନପୁର ଗ୍ରାମରେ କ୍ରାନ୍ତି ଦିବସ ପାଳିତ ହୋଇଯାଇଛି। ପ୍ରାକ୍ତନ ସରପଞ୍ଚ ରାମଚନ୍ଦ୍ର ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଗୋଲଖ ଚନ୍ଦ୍ର ଦାସ, ଅଲେଖ ଚନ୍ଦ୍ର ମଲ୍ଲିକ, ଦୁର୍ଯ୍ୟୋଧନ ସେଠୀ, ଯୁବ ସାମାଜିକ କର୍ମୀ ଅବିନାଶ ଦାସ, ସତ୍ୟପ୍ରକାଶ ଦାସ, ଅଜିତ କୁମାର ପତି, ନନ୍ଦକିଶୋର ସାହୁ ଓ ସଂଗ୍ରାମ କେଶରୀ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ସାମାଜିକ କର୍ମୀ ଦେବାଶିଷ ସାମଲ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଉପସ୍ଥିତ ବ୍ୟକ୍ତିମାନେ କ୍ରାନ୍ତି ଦିବସ ସମ୍ପର୍କରେ ଆଲୋକପାତ କରିଥିଲେ।

# ଶିଶୁ ମନ୍ଦିରରେ ଜ୍ଞାନବିଜ୍ଞାନ ମେଳା


ବିଜ୍ଞାନମେଳାରେ ଯୋଗଦେଇଥିବା ଅତିଥି।

**ବ୍ରହ୍ମବରଦା,୧୦।୮(ଯଯାତି କେଶରୀ ବେହେରା):**

ରସୁଲପୁର ବ୍ଲକ ଅନ୍ତର୍ଗତ ବ୍ରହ୍ମବରଦା ପଞ୍ଚାୟତସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଜ୍ଞାନବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଆଚାର୍ଯ୍ୟ ରାଜକୁମାର ବାରିକଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭାବେ ବ୍ରହ୍ମବରଦା ହାଜିରହିମିଆଁ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ମନୋରଞ୍ଜନ ବିଶ୍ୱାଳ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ବ୍ରହ୍ମବରଦା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପଦାର୍ଥ ବିଜ୍ଞାନ ଅଧ୍ୟାପକ ରାଜକିଶୋର ପଣ୍ଡା, ବିଦ୍ୟାଳୟ କମିଟି ସଭାପତି ଶିକ୍ଷାବିତ ପଞ୍ଚାନନ ରାଉତ, ବ୍ରହ୍ମବରଦା ବାଳିକା ଉଚ୍ଚ ବିଦ୍ୟାଳୟର ପୂର୍ବତନ ପ୍ରଧାନଶିକ୍ଷୟିତ୍ରୀ ମାଧବୀଲତା ରାଉତ ଯୋଗଦେଇଥିଲେ। ବିଦ୍ୟାଳୟର କୁନି କୁନି ଛାତ୍ରୀଛାତ୍ରୀଙ୍କ ଦ୍ୱାରା କରାଯାଥିବା ବର୍ଷାଜଳ ସଂରକ୍ଷଣ, ସ୍ୱରଶକ୍ତି ଦ୍ୱାରା ରାସ୍ତା ଆଲୋକୀକରଣ, ଯାତାୟାତ ଉପରେ ଆଧାରିତ ନମୁନା, ଗ୍ଲୋବାଲ ୱାରମିଂ, ଶିଳ୍ପାଞ୍ଚଳ ପ୍ରଦୂଷିତ ଜଳର ନିରାକାଣ, ସଂରକ୍ଷଣ ଓ ତାହାର ବ୍ୟବହାର, ବର୍ଷାଜଳର ସୁପରିଚାଳନା ଭିଳି ବିଭିନ୍ନ ପ୍ରକଳ୍ପକୁ ଅତିଥି ପରିଦର୍ଶନ କରି ଛାତ୍ରୀଛାତ୍ରଙ୍କଠାରୁ ପ୍ରକଳ୍ପ ସମ୍ବନ୍ଧରେ ପଚାରି ବୁଝିଥିଲେ। ବିଦ୍ୟାଳୟରେ ଅନୁଷ୍ଠିତ ବିଜ୍ଞାନ ପ୍ରଶ୍ନ ମଞ୍ଚ, ଗଣିତ ପ୍ରଶ୍ନ ମଞ୍ଚ ଓ ସାଂସ୍କୃତିଜ୍ଞାନ ପ୍ରଶ୍ନମଞ୍ଚରେ ୪୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଭାଗନେଇଥିଲେ। କୃତିତ୍ୱ ଅର୍ଜନ କରିଥିବା ସୌମ୍ୟା ଓଝା, ନିର୍ଲିପ୍ତା ମାହାନ୍ତି, କ୍ରିଷ୍ଣାପସାଦ ମଣ୍ଡଳ ଅତିଥିଙ୍କ ଦ୍ୱାରା ପୁରସ୍କୃତ ହୋଇଥିଲେ। ବିଦ୍ୟାମନ୍ଦିର ପରିଚାଳନା କମିଟି ପୂର୍ବତନ ସଭାପତି ପ୍ରତାପ କେଶରୀ ଦେଓ, ପୂର୍ବତନ ସମ୍ପାଦକ ସଞ୍ଜୟ କୁମାର ବେହେରା, ଯୁଗ୍ମ ସମ୍ପାଦକ ବିରେଶ ମାହାନ୍ତି, ସଦସ୍ୟ ପ୍ରତିମା ପାଣିଙ୍କ ସହ ସମସ୍ତ ଗୁରୁଜୀ ଓ ଗୁରୁମା ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ବିଦ୍ୟାଳୟ କମିଟି ସମ୍ପାଦକ ହେମନ୍ତ କୁମାର ସାହୁ ଧନ୍ୟବାଦ ଦେଇଥିଲେ।

# ପେନ୍‌ସନ ଘୋଷଣା ପରେ ସ୍ୱାଧୀନତା ସଂଗ୍ରାମୀ ପରିବାରରେ ଖୁସି

**ରବି ଲାବଣ୍ୟଙ୍କୁ ମନେପକାଇଲେ ସଂଗ୍ରାମୀଙ୍କ ପରିବାର**

**ଧର୍ମଶାଳା,୧୦।୮(ବଟକୃଷ୍ଣ ପରିଡ଼ା):**

ରାଜ୍ୟ ସରକାର ସ୍ୱାଧୀନତା ସଂଗ୍ରାମୀଙ୍କ ପରିବାର ଦାୟାଦଙ୍କୁ ପେନ୍‌ସନ ଦେବା ଲାଗି କ୍ରାନ୍ତି ଦିବସରେ ଘୋଷଣା କରିଛନ୍ତି। ଫଳରେ ଏହାକୁ ନେଇ ସ୍ୱାଧୀନତା ସଂଗ୍ରାମୀ ପରିବାରରେ ଖୁସି ପ୍ରକାଶ ପାଇଛି। ରାଜ୍ୟ ସରକାରଙ୍କ ଏତାଦୃଶ ପଦକ୍ଷେପକୁ ଧର୍ମଶାଳା ନିର୍ବାଚନୀମଣ୍ଡଳୀର ସ୍ୱାଧୀନତା ସଂଗ୍ରାମୀ ପରିବାର ପକ୍ଷରୁ ସ୍ୱାଗତ କରାଯାଇଛି। ଏହି ଅବସରରେ ଧର୍ମଶାଳାର ପୂର୍ବତନ ବିଧାୟକ ସ୍ୱର୍ଗତ ରବି ଲାବଣ୍ୟଙ୍କ ଉଦ୍ୟମକୁ ସଂଗ୍ରାମୀ ପରିବାର ପକ୍ଷରୁ ଭୂୟସୀ ପ୍ରଶଂସା କରାଯାଇଛି।

ଲାବଣ୍ୟଙ୍କ ଉଦ୍ୟମକ୍ରମେ ୨୦୧୪ରେ ଧର୍ମଶାଳା ନିର୍ବାଚନମଣ୍ଡଳୀର ସମସ୍ତ ସ୍ୱାଧୀନତା ସଂଗ୍ରାମୀ ପରିବାରକୁ ରସୁଲପୁର ବ୍ଲକ ନଠୁଆବର ପଞ୍ଚାୟତର ଆଦମପୁରଠାରେ ଏକାଠି କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ପରମାନନ୍ଦ ମହାନ୍ତିଙ୍କ ସ୍ତ୍ରୀଙ୍କ ସମେତ ଆଦମପୁର ଗ୍ରାମର ନଟବର ନାଏକ, ଈଶ୍ୱର ପାତ୍ର, ଈଶ୍ୱର ମଲ୍ଲିକ, ବାଇଧର ପାତ୍ର, ଭୀମସେନ ଦାସ, କ୍ଷୀରୋଦ ବିହାରୀ ପଟ୍ଟନାୟକ, ନବ ପଟ୍ଟନାୟକ, ଧରଣୀଧର ପଣ୍ଡା, ବାଞ୍ଛାନିଧି ନାଏକ, କୋତପୁର ଗ୍ରାମର ନିର୍ମଳ ପ୍ରସାଦ ଜେନା, ଇନ୍ଦ୍ରମଣି ଜେନା, ଧ୍ରୁବାନନ୍ଦ ଜେନା, ବାଞ୍ଛାନିଧି ସାମଲ, ରଘୁନାଥ ଜେନାଙ୍କ ସମେତ ଖଣ୍ଡିତର, ମଧୁବନ, ଶ୍ରୀବନ୍ତପୁର ଆଦି ଗ୍ରାମର ୪୦ରୁ ଊର୍ଦ୍ଧ୍ୱ ସ୍ୱାଧୀନତା ସଂଗ୍ରାମୀ ପରିବାରର ସଦସ୍ୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ମଞ୍ଚରେ ଲାବଣ୍ୟ ସ୍ୱାଧୀନତା ସଂଗ୍ରାମୀ ପରିବାର ଅଭାବ ଅନାଟନରେ ଚଳୁଥିବାରୁ ସେମାନଙ୍କୁ ପେନ୍‌ସନ ଦେବା ଲାଗି ଦାବି ଉପସ୍ଥାପନ କରିଥିଲେ। ତେବେ ବିଳମ୍ବ ହେଲେ ମଧ୍ୟ ଏବେ ରାଜ୍ୟ ସରକାର କୁଟୁମ୍ବ ଯୋଜନାରେ ସ୍ୱାଧୀନତା ସଂଗ୍ରାମୀ ପରିବାରକୁ ପେନ୍‌ସନ ଦେବାକୁ ଘୋଷଣା କରିଥିବାରୁ ସଂଗ୍ରାମୀ ପରିବାରର ଦାୟାଦ ଅଧରକାନ୍ତ ଜେନା, ବୀରେନ୍ଦ୍ର ନାରାୟଣ ଜେନା, ଶିଶିରକାନ୍ତ ଜେନା, ଗିରିଶ ଚନ୍ଦ୍ର ସାମଲ, ଧୀରେନ କୁମାର ଜେନା, ପ୍ରଶାନ୍ତ ନାଏକ ଓ ଦେବପ୍ରସାଦ ପଣ୍ଡା ପ୍ରମୁଖ ରାଜ୍ୟ ସରକାରଙ୍କୁ ସାଧୁବାଦ ଜଣାଇଛନ୍ତି। ଏଥିସହିତ ଲାବଣ୍ୟଙ୍କ ଅବଦାନଙ୍କୁ ମନେପକାଇବା ସହିତ ତାଙ୍କ ଜ୍ୟେଷ୍ଠପୁତ୍ର ପ୍ରାଧ୍ୟାପକ ବଳଭଦ୍ର ଦାଶ ଏବଂ କନିଷ୍ଠ ପୁତ୍ର ଆଇନଜୀବୀ ଶ୍ୟାମପ୍ରସାଦ ଦାଶଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ଚୋରି ଅଭିଯୋଗରେ ଯୁବକ ଗିରଫ

**ଗୋପବନ୍ଧୁ ନଗର,୧୦।୮ (ଶାନ୍ତନୁ କୁମାର ମଣ୍ଡୁଆଳ):**

ମୋବାଇଲ ଚୋରିହୋଇଥିବା ଅଭିଯୋଗରେ ୪ ମାସ ପରେ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ଅଭିଯୁକ୍ତ ଉଦଳା ଥାନା ଅନ୍ତର୍ଗତ ବରଜୁପଦା ଗ୍ରାମର ପରମେଶ୍ୱର ସେନାପତି (୩୫)। ଖୁଣ୍ଟା ଥାନା ଅନ୍ତର୍ଗତ ବାଲିଯୋଡା ଗ୍ରାମକୁ ଏପ୍ରିଲ ୧୪ରେ ପଣା ସମୟରେ ଚାଙ୍ଗୁ ନୃତ୍ୟ କରିବାକୁ ଗୋଡା ଗ୍ରାମରୁ ଏକ ଦଳ ଆସିଥିଲେ। ଗ୍ରାମର ସୁଦର୍ଶନ ଝରିଆଲଙ୍କ ଘରେ ସେମାନେ ଆଣିଥିବା ୩ ମୋବାଇଲକୁ ରଖି ନୃତ୍ୟ କରିବାକୁ ଯାଇଥିଲେ। ମାତ୍ର ନୃତ୍ୟ ସାରି ଫେରିବା ବେଳକୁ ସେମାନଙ୍କ ମୋବାଇଲ ଚୋରି ହୋଇଥିବା ଜାଣି ଚାଙ୍ଗୁ ଦଳର ମୁଖ୍ୟ ଦୀପକ ମାଣିକ ଅଭିଯୋଗ କରିଥିଲେ। ଏ ନେଇ ପୋଲିସ ଏକ ମାମଲା(ନଂ.୧୩୧/୨୪) ରୁଜୁ କରି ତଦନ୍ତ ଚଳାଇଥିଲା। ପରମେଶରଙ୍କଠାରୁ ଚୋରି ମୋବାଇଲ ଜବତ କରିବା ସହ ଗିରଫ କରି କୋର୍ଟଚାଲାଣ କରାଯାଇଛି।

# 'ମେଗା ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟ ତୁରନ୍ତ ଶେଷକର'

କୁଜଙ୍ଗ, ୧୦।୮ (ମନୋଜ ପ୍ରଧାନ)


ସମୀକ୍ଷା ବୈଠକରେ ଶିକ୍ଷାମନ୍ତ୍ରୀ ସମ୍ପଦ ସ୍ୱାଇଁ ଓ ପ୍ରଶାସନିକ ଅଧିକାରୀମାନେ।

କେନ୍ଦ୍ର ସରକାରଙ୍କ ଜଳଜୀବନ ମିଶନ ଯୋଜନାରେ ଜଗତ୍‌ସିଂହପୁର ଜିଲାର କୁଜଙ୍ଗ, ଏରସମା, ତିର୍ତ୍ତୋଲ ଓ ରଘୁନାଥପୁର ବ୍ଲକରେ ନଳ ଯୋଗେ ଜଳ ଯୋଗାଇଦେବା ପାଇଁ ୪୩୨ କୋଟି ଟଙ୍କା ବ୍ୟୟ ଅଟକଳରେ ମେଗା ଜଳଯୋଗାଣ ପ୍ରକଳ୍ପ ଚାଲିଛି। ଏହି କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ମନ୍ତ୍ରୀ ସମ୍ପଦ ସ୍ୱାଇଁ ସମୀକ୍ଷା କରିଛନ୍ତି।

କୁଜଙ୍ଗ ସୂଚନା କେନ୍ଦ୍ରଠାରେ ଶନିବାର ଅପରାହ୍ନରେ ଆୟୋଜିତ ଏହି ବୈଠକରେ ପାଇପ୍‌ଲାଇନ ବିଛା ଓ ଟାଙ୍କି ନିର୍ମାଣରେ ବିଳମ୍ବତାକୁ ନେଇ ବହୁ ଜନ ପ୍ରତିନିଧି ବୈଠକରେ ଅସନ୍ତୋଷବ୍ୟକ୍ତ କରିଛନ୍ତି । ଗ୍ରାମ୍ୟ ପାନୀୟଜଳ ଯୋଗାଣ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ କିଶୋର କୁମାର କବି ସମୀକ୍ଷା ବୈଠକରେ ଯୋଗଦେଇ କହିଥିଲେ, ୱାଟର ଟ୍ରିଟମେଣ୍ଟ ପ୍ଲାଣ୍ଟ ପାଇଁ ଅବଶ୍ୟକ ୧୦ ଏକର ଜମି ଯୋଗାଇ ଦେବାରେ ବିଳମ୍ବତା ପ୍ରକାଶ କରିବାରୁ ପ୍ରକଳ୍ପ କାର୍ଯ୍ୟ ବିଳମ୍ବ ହେଲା । ଏହି ମେଗା ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ୨୦୨୨ରୁ ଆରମ୍ଭ ହୋଇଥିବା ବେଳେ ୨୦୨୪ ଅଗଷ୍ଟ ସୁଦ୍ଧା ଶେଷ ହେବା କଥା। ମାତ୍ର ଏଠାରେ କୁଶଳୀ ଶ୍ରମିକ ନ ମିଳିବାରୁ ଓ ବିଭିନ୍ନ ଅସୁବିଧା ଯୋଗୁ ପ୍ରକଳ୍ପ କାର୍ଯ୍ୟ ବିଳମ୍ବ ହେଉଛି ବୋଲି ଠିକା କମ୍ପାନୀ ପକ୍ଷରୁ କୁହାଯାଇଥିଲା। ଏଥିରେ ମନ୍ତ୍ରୀ ସମ୍ପଦ ଅସନ୍ତୋଷବ୍ୟକ୍ତ କରିବା ସହ ଜଳ ହିଁ ଜୀବନ କହିଥିଲେ। ସମସ୍ତ ଘରକୁ ନଳ ଯୋଗେ ଜଳ ଯୋଗାଇଦେବା ଆମର ନିର୍ବାଚନ ପ୍ରତିଶ୍ରୁତି ଥିଲା। ଯିଏ ନିର୍ମାଣ ଦାୟିତ୍ୱ ନେଇଛି ଅସୁବିଧା ସୁବିଧା ସିଏହିଁ ବୁଝିବ ବୋଲି ମନ୍ତ୍ରୀ ସମ୍ପଦ କହିଥିଲେ। ଏ ସମ୍ପର୍କରେ ପ୍ରକଳ୍ପ ପରିଚାଳକ କହିଥିଲେ, ୨୦୨୫ ଅଗଷ୍ଟ ପର୍ଯ୍ୟନ୍ତ ଏହାର ସମୟ ବୃଦ୍ଧି କରାଯାଇଛି । ମନ୍ତ୍ରୀ ସମ୍ପଦ କହିଥିଲେ, ଏଣିକି ଆଉ ସମୟ ବୃଦ୍ଧି କରାଯିବ ନାହିଁ। ଯଦି ଏହି ସମୟ ଭିତରେ କାମ ନ ସରେ ତେବେ ଠିକା କମ୍ପାନୀକୁ ଅର୍ଥ ଦଣ୍ଡରେ ଦଣ୍ଡିତ କରାଯିବ ବୋଲି ଚେତାବନୀ ଦେଇଥିଲେ । କୁଜଙ୍ଗ ବିଡିଓ ଦୀପକ ପ୍ରସାଦ ସ୍ୱାଇଁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସମୀକ୍ଷା ବୈଠକରେ ଏସ୍‌ଡିଓଙ୍କ ସମେତ ସହକାରୀ ଯନ୍ତ୍ରୀ ମାନସୀ ବେହେରା ଉପସ୍ଥିତ ଥିଲେ। ଜନପ୍ରତିନିଧିଭାବେ କୁଜଙ୍ଗ ସରପଞ୍ଚ ବନ୍ଦିତା ଦାସ, ଗୋପିଆକୁଦ ସରପଞ୍ଚ ଶ୍ରୀନିବାସ ସ୍ୱାଇଁ, ଭୂତମୁଣ୍ଡାଇ ସରପଞ୍ଚ ରୋହିତ ଜେନା, ପ୍ରଜ୍ଞାଦୀପ୍ତ ପଟ୍ଟନାୟକ, ତପନ ତ୍ରିପାଠୀ, ଦୁଷ୍ମନ୍ତ ନାଥଶର୍ମା, ଭରତ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ, ଏହି ମେଗା ପ୍ରକଳ୍ପରେ ଉପରୋକ୍ତ ୪ଟି ବ୍ଲକ ଲାଗି ମୋଟ ୭୬ଟି ଉଚ୍ଚ ପାଣିଟାଙ୍କି ନିର୍ମାଣ ହେଉଛି। ଏନେଇ କୁଜଙ୍ଗ ବ୍ଲକର ୨୮ଟି ଟାଙ୍କିରୁ ୨୨ଟିର କାମ ଆରମ୍ଭ ହୋଇଥିବା ବେଳେ ଏରସମାରେ ୧୪ଟି ଟାଙ୍କି କାମ ଆରମ୍ଭ ହୋଇଛି । ତିର୍ତ୍ତୋଲ ବ୍ଲକର ୨୪ଟାଙ୍କିରୁ ୨୨ଟି କାମ ଆରମ୍ଭ ହୋଇଛି । ଅନ୍ୟପଟେ ରଘୁନାଥପୁରରେ ହେବାକୁ ଥିବା ୧୦ଟାଙ୍କି ମଧ୍ୟରୁ ମାତ୍ର ୩ଟି ଆରମ୍ଭ ହୋଇଛି । ଏରସମା ବ୍ଲକର ଜିରାଇଲୋ ଓ ଗଡକୁଜଙ୍ଗ ପଞ୍ଚାୟତର ପାଣିଟାଙ୍କି କାର୍ଯ୍ୟ ଶେଷ ହୋଇଥିବା ବେଳେ କୁଜଙ୍ଗ ବ୍ଲକର କାଠକୋଟ ପଞ୍ଚାୟତରେ ଟାଙ୍କି କାମ ଶେଷ ହୋଇଛି।

# ପରିବା ଫସଲ ନଷ୍ଟ, ଗାଁ ଦାଣ୍ଡରେ ପାଣି


ପାଣିରେ ପଶି ଲୋକେ ଯାତାୟାତ କରୁଛନ୍ତି।

କୁଜଙ୍ଗ, ୧୦।୮ (ମନୋଜ ପ୍ରଧାନ)

## ଧୋୟା ଅଞ୍ଚଳରେ ବନ୍ୟାଜଳ

କୁଜଙ୍ଗ ବ୍ଲକର ଧୋୟା ଅଞ୍ଚଳର ନଦୀ କୂଳିଆ ଜମିରେ ଶୁକ୍ରବାର ରାତିରେ ମହାନଦୀର ବନ୍ୟାଜଳ ପଶିଛି। ଫଳରେ ବ୍ୟାପକ ପରିବା ଫସଲ ନଷ୍ଟ ହେବା ସାଙ୍ଗକୁ ଗାଁ ଦାଣ୍ଡରେ ପାଣି ଚାଲିଛି। ଏନେଇ ଲୋକମାନେ ବହୁ ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଛନ୍ତି । ପ୍ରକାଶ ଯେ, ଶୁକ୍ରବାର ରାତିରେ ହଠାତ ମହାନଦୀର ଜଳପତ୍ତନ ବୃଦ୍ଧିପାଇ ନଦୀ କୂଳିଆ ଜମିକୁ ମାଡିଯାଇଥିଲା । କୁଜଙ୍ଗ ବ୍ଲକର ସାଇଲୋ ପଞ୍ଚାୟତର ହରିପୁର ଗାଁ ଦାଣ୍ଡରେ ବନ୍ୟାପାଣି ପଶିଯିବା ଫଳରେ ଲୋକମାନେ ଯାତାୟାତରେ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି । ଅନ୍ୟପଟେ ଫସଲ କିଆରିରେ ପାଣି ପଶିଯିବାରୁ ସାଇଲୋ, ବଡବାଲିକଣି, ଜିଲାନାସି, କାଠକୋଟ, ହଂସୁରା ଆଦି ପଞ୍ଚାୟତର ବ୍ୟାପକ ପରିବା ଫସଲ ନଷ୍ଟ ହୋଇଛି।

# କେନାଲରୁ ଯୁବକଙ୍କ ମୃତଦେହ ଜବତ

ବାଲିକୁଦା, ୧୦।୮ (ତାପସ ସ୍ୱାଇଁ)

ବାଲିକୁଦା ଥାନା ଅନ୍ତର୍ଗତ ମାଛଗାଁ କେନାଲର ବାଲିକୁଦା ବଜାର ନିକଟରୁ ଜଣେ ଯୁବକଙ୍କ ମୃତଦେହ ଜବତ କରାଯାଇଛି। ସେ ହେଲେ ବାଲିସାହି ଗ୍ରାମର ଭୋବନାନନ୍ଦ ଦାସଙ୍କ ପୁଅ ବାପି ଦାସ (୩୭)। ଶୁକ୍ରବାର ରାତିରେ ମଇଁଷି ବାନ୍ଧିବା ଲାଗି ଖୁଣ୍ଟ ପୋତିବା ପାଇଁ ଯାଇଥିବା ବେଳେ କୌଣସି କାରଣବଶତଃ ଭାରସାମ୍ୟ ହରାଇ କେନାଲ ଭିତରେ ପଡିଯାଇଥିଲେ। ପରିବାର ଲୋକେ ସକାଳୁ ଖୋଜାଖୋଜି କରିବା ପରେ କେନାଲ ନିକଟରେ ବାପିଙ୍କ ସାଇକେଲ ଦେଖିଥିଲେ। ଏହାପରେ ବାଲିକୁଦା ଅଗ୍ନିଶମ ବିଭାଗକୁ ଖବର ଦିଆଯାଇଥିଲା। ଅଗ୍ନିଶମ ବିଭାଗ ଅଧିକାରୀ ଓ ଟିମ୍ ଘଟଣାସ୍ଥଳରେ ପହଞ୍ଚି କେନାଲ ଭିତରୁ ବାପିଙ୍କୁ ବାହାର କରି ବାଲିକୁଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଖବରପାଇ ବାଲିକୁଦା ପୋଲିସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ମୃତଦେହ ଜବତ କରିଛି। ଏନେଇ ନଂ.୧୮/୨୪ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ମୃତଦେହ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି।

# ୧୬ରୁ ଜେସିସିର ଆନ୍ଦୋଳନ



ଖବରଦାତା ସମ୍ମିଳନୀରେ ଜେସିସିର ନେତୃମଣ୍ଡଳୀ।

ପାରାଦୀପ, ୧୦।୮ (ଶରତ ରାଉତ)

- ଭାରିଯାନ ନିୟନ୍ତ୍ରଣରେ ପ୍ରଶାସନ ବିଫଳ ଅଭିଯୋଗ
- ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ପରିବହନ ବନ୍ଦ ଚେତାବନୀ

କିଛିଦିନର ନୀରବତା ପରେ ପାରାଦୀପର ଜେସିସି (ଜଏଣ୍ଟ କୋ-ଅର୍ଡିନେଶନ କମିଟି)ବଡ ଧରଣର ଆନ୍ଦୋଳନ ପାଇଁ ଶନିବାର ଡାକରା ଦେଇଛି। ଏ ନେଇ ସନ୍ଧ୍ୟାରେ ପାରାଦୀପ ଟ୍ରକ୍ ମାଲିକସଂଘ କାର୍ଯ୍ୟାଳୟ ପରିସରରେ ଖବରଦାତା ସମ୍ମିଳନୀ ଆୟୋଜନ କରାଯାଇଥିଲା। ସେଥିରେ ୩ ବୃହତ୍ ଟ୍ରକ୍ ମାଲିକସଂଘକୁ ନେଇ ଗଠିତ ଜେସିସି ଅଧ୍ୟକ୍ଷ ସୁମନ୍ତ କୁମାର ବିଶ୍ୱାଳ, ସଂଯୋଜକ ରାକେଶ କୁମାର ଜେନା ସବିଶେଷ ବିବରଣୀ ଦେଇଥିଲେ। ସେ କହିଥିଲେ, ପାରାଦୀପ ବନ୍ଦରକୁ ପରିବହନ କରୁଥିବା ଟ୍ରକ୍ ଓ ଅନ୍ୟ ଭାରିଯାନ ଚଳାଚଳ ଶୃଙ୍ଖଳିତ କରିବା ପାଇଁ ଅନେକ ପଦକ୍ଷେପ ନିଆଯାଇଥିଲା। ପ୍ରତ୍ୟେକ ଗାଡ଼ି ଚଣ୍ଡିଖୋଲଠାରୁ ପାରାଦୀପ ପର୍ଯ୍ୟନ୍ତ ଧାଡିରେ ଆସୁଥିଲେ। ସେମାନଙ୍କ ମଧ୍ୟରେ ଯଦି କେହି ଧାଡ଼ି ଭାଙ୍ଗୁଥିଲା ସେତେବେଳେ ସମ୍ପୃକ୍ତ ଗାଡିକୁ କଳା ତାଲିକାଭୁକ୍ତ କରାଯାଉଥିଲା। ଏହାଦ୍ୱାରା ସବୁ ଗାଡ଼ି ସମୟାନୁସାରେ ବନ୍ଦର ମଧ୍ୟରେ ପ୍ରବେଶ କରୁଥିଲେ। ୨୦୨୩ ମାର୍ଚ୍ଚରେ ପ୍ରଶାସନ ଏକ ନିର୍ଦ୍ଦିଷ୍ଟ କମ୍ପାନୀର ଗାଡିକୁ ଧାଡ଼ି ଭାଙ୍ଗି ଡାହାଣ ପଟେ ପ୍ରବେଶ କରିବାକୁ ଅନୁମତି ଦେଇଥିଲେ। ତାହା ରାତି ୧୨ଟାରୁ ଭୋର ୪ଟା ମଧ୍ୟରେ ରହୁଥିଲା। ଏହା ମଧ୍ୟରେ ରାଜନୈତିକ ଓ ପ୍ରଶାସନିକ ପରିବର୍ତ୍ତନ ଘଟିଛି। ଜେସିସି ଯେଉଁ ଭଳି ପାଟ୍ରୋଲିଂ କରୁଥିଲା ତାକୁ ବାଧ୍ୟତାମୂଳକ ଭାବେ ପ୍ରଶାସନ ବନ୍ଦ କରିଛି। ଏବେ ଯେକୌଣସି ଲୋକ ଏବେ ଦଲାଲ ଓ ପୋଲିସ ମାଧ୍ୟମରେ ଧାଡ଼ି ଭାଙ୍ଗି ଟ୍ରକ୍ ଡାହାଣ ପଟେ ବନ୍ଦର ଭିତରକୁ ଯାଉଛନ୍ତି। ଫଳରେ ରାଜପଥ ଜାମ ରହୁଛି। ଏନେଇ ପ୍ରତିଦିନ ଦୁର୍ଘଟଣା ଘଟୁଛି। ଧାଡିରେ ଥିବା ଟ୍ରକ୍ ଚଣ୍ଡିଖୋଲରୁ ପାରାଦୀପ ପର୍ଯ୍ୟନ୍ତ ଯିବା ଲାଗି ୨୫ ଦିନରୁ ଅଧିକ ସମୟ ଲାଗୁଛି। କିନ୍ତୁ ଧାଡ଼ି ଭଙ୍ଗା ଟ୍ରକ ସପ୍ତାହ ମଧ୍ୟରେ ଦୁଇ ଥର ପଣ୍ୟ ନେଇ ଯାଇପାରୁଛି। ଏପରି ବିଶୃଙ୍ଖଳା ପାଇଁ ଜଗତ୍‌ସିଂହପୁର ଜିଲା ପ୍ରଶାସନ ପାଖରେ ଆମେ ଏକାଧିକ ଥର ପ୍ରତିବାଦ କରିଛୁ। ଚିଠି ଦେଇଛୁ। ଗତ ଜୁନ ୨୫ରେ ଆୟୋଜିତ ରୋଡ ସେଫ୍ଟି ବୈଠକରେ ଆଲୋଚନା ହୋଇଛି। ଏହାକୁ ସମାଧାନ କରିବା ପାଇଁ ପାରାଦୀପ ଅତିରିକ୍ତ ଜିଲାପାଳଙ୍କୁ ତତ୍କାଳୀନ ଜିଲାପାଳ ଚିଠି ଲେଖିଥିଲେ। ଏହାସତ୍ତ୍ୱେ ଏହା ଉପରେ କୌଣସି ଆଲୋଚନା ହେଉନାହିଁ। ଗତ ୧୫ ଦିନ ମଧ୍ୟରେ ଏକାଧିକ ଦୁର୍ଘଟଣା ହୋଇଛି। ଏପରିକି ଜଣେ ପୋଲିସ କର୍ମଚାରୀ ଏଭଳି ଦୁର୍ଘଟଣା ଯୋଗୁ ଜୀବନ ହାରିଛନ୍ତି। ସେତେବେଳେ ବିଧାୟକ ତଥା ମନ୍ତ୍ରୀ ସମ୍ପଦ ସ୍ୱାଇଁ ଏହାର ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ । ସବୁଆଡୁ ନିରାଶ ହେବାପରେ ଏବେ ଆମେ ପରିବହନ ବ୍ୟବସ୍ଥା ବନ୍ଦ କରିବା ପାଇଁ ନିଷ୍ପତ୍ତି ନେଇଛୁ। ଆନ୍ଦୋଳନ ବେଳେ ଯଦି କିଛି ଆଇନଶୃଙ୍ଖଳା ପରିସ୍ଥିତି ଉପୁଜେ ସେଥିପାଇଁ ପ୍ରଶାସନ ଦାୟୀ ରହିବ ବୋଲି ସୁମନ୍ତ କହିଛନ୍ତି। ଏ ସମ୍ପର୍କରେ ଅତିରିକ୍ତ ଜିଲାପାଳ ଲଳିତ ମୋହନ ବେହେରାଙ୍କୁ ପଚାରିଲେ କୁହନ୍ତି,ଆମେ ଭିଡ ନିୟନ୍ତ୍ରଣ ପାଇଁ ପୋଲିସକୁ କହିଛୁ। ଆଲୋଚନା ମାଧ୍ୟମରେ ସମସ୍ତ ସମ୍ୟାର ସମାଧାନ ପାଇଁ ଉଦ୍ୟମ କରାଯିବ। ବୈଠକରେ ୩ ସଂଘର ଅନ୍ୟ କର୍ମକର୍ତ୍ତାଙ୍କ ମଧ୍ୟରେ ମାନସ ପାତ୍ର, ସରୋଜ ମହାପାତ୍ର, ରମାକାନ୍ତ ପରିଜା, ସୂର୍ଯ୍ୟକାନ୍ତ ପରିଜା, ସମ୍ମିତ ତ୍ରିପାଠୀ, ସଞ୍ଜୟ କୁମାର ରାଉତ, ରାଜେଶ ମହାନ୍ତି, ବିଶ୍ୱରଞ୍ଜନ ପଲାଇ, ସୁଧୀର କୁମାର ଜେନା ଉପସ୍ଥିତ ଥିଲେ।

# ଗଛ ଲଗାଇଲେ ପରିବେଶ ସୁରକ୍ଷିତ ରହିବ

ତିର୍ତ୍ତୋଲ, ୧୦।୮ (ଗୌରାଙ୍ଗ ଚରଣ ସ୍ୱାଇଁ)

## ବାଲିଘର ତରଫରୁ ପରିବେଶ ସଚେତନତା

ଗଛ ଲଗାଇଲେ ପରିବେଶ ସୁରକ୍ଷିତ ରହିବ' ଓ ମାନବ ସମାଜ ପରିବେଶଜନିତ ବିପଦ ମୁହଁରୁ ରକ୍ଷା ପାଇବ ବୋଲି ବକ୍ତାମାନେ କହଛନ୍ତି। ବାଲିଘର ଫାଉଣ୍ଡେଶନ ତରଫରୁ ପଣ୍ଡୁଆ ପଞ୍ଚାୟତ ଶେଉଳପଦା ନପଙ୍ଗ ହନୁମାନ ଗୋଷ୍ଠୀ କେନ୍ଦ୍ର ପରିସରରେ ଫାଉଣ୍ଡେଶନର ଅଧ୍ୟକ୍ଷ କୈଳାସ ଚନ୍ଦ୍ର ସ୍ୱାଇଁଙ୍କ ତତ୍ତ୍ୱାବଧାନରେଏକ ପରିବେଶ ସଚେତନତା ଓ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ 'ଗଛଟିଏ ଲଗାଅ ପରିବେଶ ବଞ୍ଚାଅ' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ଏଥିରେ ଶିକ୍ଷକ ପ୍ରଦୀପ କୁମାର ନାୟକ ଅଧକ୍ଷତା କରିଥିଲେ । ଏହି ଆଲୋଚନାଚକ୍ରରେ ଧିରେନ୍ଦ୍ର ସେଠୀ, ଆଶୁତୋଷ ବାରିକ, ପ୍ରଜ୍ଞାନନ୍ଦ ଦାସ, ମାନସ ବାରିକ ପ୍ରମୁଖ ଯୋଗଦେଇ ଆମ ପରିବେଶରେ ପ୍ରଦୂଷଣ ମାତ୍ରା ବୃଦ୍ଧି ପାଉଥିବାବେଳେ ପରିବେଶକୁ ସ୍ୱଚ୍ଛ ରଖିବାକୁ ଚାରା ରୋପଣର ଆବଶ୍ୟକତା ଉପରେ ସଚେତନତା ସୃଷ୍ଟି କରିବାକୁ ଆହ୍ୱାନ ଦେଇଥିଲେ । ପରେ ଫାଉଣ୍ଡେଶନ ତରଫରୁ ହନୁମାନ ଗୋଷ୍ଠୀ କେନ୍ଦ୍ର ପରିସରରେ ବିଭିନ୍ନ କିସମର ଚାରା ରୋପଣ କରାଯାଇଥିଲା । ସ୍ମୃତିରଞ୍ଜନ ମହାନ୍ତି, ସଙ୍ଗୀତା ସେଠୀ, ସରସ୍ୱତୀ ସେଠୀ, ଲକ୍ଷ୍ମୀପ୍ରିୟା ରାଉତ, ସନ୍ଦିପ ସେଠୀ, ସାଇକ୍ରିଷ୍ଣା ରାଉତ, ପ୍ରୀତମ ସେଠୀଙ୍କ ସମେତ ସ୍ଥାନୀୟ ବିଦ୍ୟାଳୟର ଛାତ୍ରୀଛାତ୍ର ଓ ଗ୍ରାମବାସୀ ଉପସ୍ଥିତ ରହିଏହି ଚାରାରୋପଣରେ ସହାୟତା କରିଥିଲେ।

# ସଙ୍କୁଳସ୍ତରୀୟ ଜ୍ଞାନବିଜ୍ଞାନ ମେଳା


ଜ୍ଞାନବିଜ୍ଞାନ ମେଳାରେ ଯୋଗଦେଇଥିବା ଅତିଥିମାନେ।

ରଘୁନାଥପୁର, ୧୦।୮ (ରାଜେନ୍ଦ୍ର ନାରାୟଣ ସିଂହ)

ବିରିଡି ବ୍ଲକ ବତିମିରା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଜଗନ୍ନାଥପୁର ସଙ୍କୁଳସମୂହର ସଙ୍କୁଳସ୍ତରୀୟ ଜ୍ଞାନବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ୬ଟି ବିଦ୍ୟାଳୟର ୩ ବର୍ଗରେ ମୋଟ ୫୨ ଜଣ କୁନି ବୈଜ୍ଞାନିକ ଅଂଶଗ୍ରହଣ କରିବା ସହ ନିଜର ବିଜ୍ଞାନଭିତ୍ତିକ ପ୍ରକଳ୍ପଗୁଡିକୁ ପ୍ରଦର୍ଶିତ କରିଥିଲେ। ମୁଖ୍ୟ ଅତିଥିଭାବେ ଡା. ମନୋରଞ୍ଜନ ନନ୍ଦ ଏହି ମେଳାକୁ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟା ସୁବାସିନୀ ମହାପାତ୍ର ଏହାକୁ ସଂଯୋଜନା ଏବଂ ସଙ୍କୁଳ ପ୍ରମୁଖ ଅଶୋକ କୁମାର ରାଉତରାୟ ପରିଚାଳନା କରିଥିଲେ । ସମ୍ମାନିତ ଅତିଥିଭାବେ ସଙ୍କୁଳ ସଂଯୋଜକ ବସନ୍ତ ଲେଙ୍କା, ସରପଞ୍ଚ ଆରତି ଭୂୟାଁ, ସଭାପତି ଉଷା ବୋଷ, ସମ୍ପାଦକ ବିକ୍ରମ ଦାଶ , ସୁବାସିନୀ ମହାପାତ୍ର, ସୁଧାକର ସ୍ୱାଇଁ, ମନୋରମା ବାରିକ, ବଳରାମ ମଲ୍ଲିକ ଓ ପ୍ରମୋଦ ଲେଙ୍କା ପ୍ରମୁଖ ଯୋଗଦେଇଥିଲେ। ପ୍ରଦର୍ଶିତ ପ୍ରକଳ୍ପଗୁଡ଼ିକୁ ବିଭିନ୍ନ ସରକାରୀ ବିଦ୍ୟାଳୟର ଦକ୍ଷ ଶିକ୍ଷକମାନଙ୍କ ଦ୍ୱାରା ମୂଲ୍ୟାୟନ କରାଯାଇଥିଲା । ପରିଶେଷରେ ପୁରସ୍କାର ବିତରଣ ଉତ୍ସବରେ ପୂର୍ବତନ ଜିଲା ବିଜ୍ଞାନ ନିରୀକ୍ଷକ ସୁବାସ ରାଉତ ଓ ଅନୁପ ବୋଷ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଗୁରୁମା', ଗୁରୁଜୀ ସହାୟତା କରିଥିବାବେଳେ ସମସ୍ତ ସଙ୍କୁଳ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟମାନେ ଉପସ୍ଥିତ ଥିଲେ।

# ଇଫ୍‌କୋ ଏମ୍ପ୍ଲୋଇଜ୍ ୟୁନିୟନର କର୍ମକର୍ତ୍ତା ନିର୍ବାଚନ


ଏମ୍ପ୍ଲୋଇଜ ୟୁନିୟନର ବିଜୟୀ କର୍ମକର୍ତ୍ତା ଓ ଅନ୍ୟମାନେ।

ପାରାଦୀପ, ୧୦।୮ (ଶରତ ରାଉତ)

ପାରାଦୀପ ଇଫ୍‌କୋ ୟୁନିଟ ମଧ୍ୟରେ ୩ ବର୍ଷୀୟା ଏମ୍ପ୍ଲୋଇଜ ୟୁନିୟନ କର୍ମକର୍ତ୍ତା ନିର୍ବାଚନ ଶେଷ ହୋଇଛି। ଏଥିରେ ସଭାପତି ଭାବେ ପ୍ରଶାନ୍ତ କୁମାର ସ୍ୱାଇଁ ଓ ସାଧାରଣ ସମ୍ପାଦକ ଭାବେ ତୃପ୍ତିରଞ୍ଜନ ପୂହାଣ ବିଜୟୀ ହୋଇଛନ୍ତି। ଅନ୍ୟ କର୍ମକର୍ତ୍ତା ହେଲେ କାର୍ଯ୍ୟକାରୀ ସଭାପତି ସୁରେନ୍ଦ୍ର ବୈଠ, ଉପସଭାପତି ସ୍ମୃତିରଞ୍ଜନ ଜେନା, ଯୁଗ୍ମ ସମ୍ପାଦକ କାଳୀଚରଣ ପାଢୀ, ସାଙ୍ଗଠନିକ ସମ୍ପାଦକ ପ୍ରବୀର କୁମାର ପ୍ରଧାନ, ପ୍ରଚାର ସମ୍ପାଦକ ପ୍ରଦୀପ୍ତ କୁମାର ସାହୁ ଓ କୋଷାଧ୍ୟକ୍ଷ ବ୍ରହ୍ମାନନ୍ଦ ଦାସ। ଏହା ବ୍ୟତୀତ ୧୨ ଜଣିଆ କାର୍ଯ୍ୟକାରୀ କମିଟି ନିର୍ବାଚିତ ହୋଇଛନ୍ତି। ସମସ୍ତଙ୍କୁ ଇଫକୋ ମୁଖ୍ୟ କେ.ଜେ. ପଟେଲ ଶୁଭେଚ୍ଛା ଜଣାଇଛନ୍ତି।

# ଅସ୍ୱାସ୍ଥ୍ୟକର ପରିବେଶରେ ଚାଲିଛି ପିଲାଙ୍କ ପାଠପଢ଼ା



ଏରସମା, ୧୦।୮ (ଦୀପ୍ତି ଖଣ୍ଡୁଆଳ)

## ସ୍କୁଲ ହତାରେ ନର୍ଦ୍ଦମାପାଣି

ଏରସମା ବ୍ଲକ ଅନ୍ତର୍ଗତ କୃଷ୍ଣଚନ୍ଦ୍ରପୁର ପଞ୍ଚାୟତସ୍ଥିତ କୋଠି ନିମୋଳୋ ସରକାରୀ ପ୍ରାଥମିକ ବିଦ୍ୟାଳୟ ହତା ଭିତରେ ନର୍ଦ୍ଦମା ପାଣି ଜମାହୋଇଛି। ଫଳରେ ଛାତ୍ରୀଛାତ୍ରଙ୍କ ସୁରକ୍ଷା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହାଛଡ଼ା ବିଦ୍ୟାଳୟରେ ଅନ୍ୟାନ୍ୟ ସମସ୍ୟା ମଧ୍ୟ ରହିଛି। ଏହି ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ମଧ୍ୟରେ ୯୨ଜଣ ଛାତ୍ରୀଛାତ୍ର ପାଠ ପଢୁଛନ୍ତି। ସେମାନଙ୍କୁ ପଢ଼ାଇବା ପାଇଁ ପ୍ରଧାନ ଶିକ୍ଷୟିତ୍ରୀ ଜାମିନୀ ପଣ୍ଡାଙ୍କ ସହ ସୁଷମା କୁମାରୀ ଜେନା, ସୁଧୀର ମଲ୍ଲିକ, ବନଜାବାଳା ରାଉତ ଓ ସୁଚିତ୍ରା ପାତ୍ର ନିଯୁକ୍ତ ହୋଇଛନ୍ତି। ଏଥିସହ ହତା ମଧ୍ୟରେ ଅଙ୍ଗନୱାଡ଼ି କେନ୍ଦ୍ର ମଧ୍ୟ ଚାଲିଛି। ମାତ୍ର ସ୍କୁଲ ପରିସର ପୂର୍ବ ପଟେ ୫୦ ଫୁଟ ଲମ୍ବ ଓ ୪୦ ଫୁଟ ପ୍ରସ୍ତ ବିଶିଷ୍ଟ ଏକ ନର୍ଦ୍ଦମା ରହିଛି। ସେଠାରେ ଦୀର୍ଘଦିନ ପାଣି ଜମି ରହିବା ଦ୍ୱାରା ପଚିଶଢ଼ି ଗନ୍ଧ ହେଲାଣି। ତାକୁ କେନ୍ଦ୍ର କରି ହତାର ଅର୍ଦ୍ଧାଧିକ ଅଂଶ ଅନାବନା ଗଛରେ ଭର୍ତ୍ତି ହୋଇଛି। ଫଳରେ ସେ ସ୍ଥାନ ମଶା, ମାଛି ଓ ସରିସୃପଙ୍କ ଆଶ୍ରୟସ୍ଥଳ ପାଲଟିଛି। ବର୍ତ୍ତମାନ ଡେଙ୍ଗୁ ରୋଗର ପ୍ରାଦୁର୍ଭାବ ବୃଦ୍ଧି ପାଇଥିବାବେଳେ ବିଦ୍ୟାଳୟ କୋମଳମତି ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟକୁ ନେଇ ଅଭିଭାବକମାନେ ଚିନ୍ତାବ୍ୟକ୍ତ କରିଛନ୍ତି। ଏଥିସହ ସେଠାରେ ଥିବା ସରକାରୀ ନଳକୂପରୁ ଆଇରନ ପାଣି ବାହାରୁଛି। ସେହି ପାଣି ପାନୀୟ କିମ୍ବା ରୋଷେଇ ପାଇଁ ବ୍ୟବହାର କରିବା ସମ୍ଭବ ନୁହେଁ। ମାଟିତଳେ ପାଇପ ଲାଇନ ଦ୍ୱାରା ବିଛାଯାଇଥିବା ପାଣି ଟାଙ୍କି ଟ୍ୟାପ ଭାଙ୍ଗିଯାଇଛି। ସ୍କୁଲ ହତାରେ ଫୁଲଗଛ ଲଗାହେବା ତ ଦୂରର କଥା,ସେଠାରେ ପ୍ରାଚୀର ମଧ୍ୟ ଭାଙ୍ଗିଯାଇଛି। ଫାଟକ ନ ଥିବାରୁ ଗାଈଗୋରୁଙ୍କ ଅବାଧ ପ୍ରବେଶ ସ୍ଥଳ ପାଲଟିଛି । ଏ ସମ୍ପର୍କରେ ପ୍ରଧାନ ଶିକ୍ଷୟିତ୍ରୀ ଜାମିନୀଙ୍କୁ ପଚାରିବାରେ ମୁଁ ପୂର୍ବତନ ଚେୟାରମ୍ୟାନ, ବର୍ତ୍ତମାନର ଚେୟାରମ୍ୟାନ ଓ ସରପଞ୍ଚଙ୍କୁ ଏ ବିଷୟରେ ଜଣାଇଛି। ଚେୟାରମ୍ୟାନ ସୁକାନ୍ତ କୁମାର ସ୍ୱାଇଁଙ୍କୁ ପଚାରିବାରେ ଖୁବ୍‌ଶୀଘ୍ର ଏସବୁ ସମସ୍ୟାର ସମାଧାନ କରାଯିବ ବୋଲି କହିଥିଲେ।

# ବାଂଲାଦେଶୀଙ୍କ ଅନୁପ୍ରବେଶ ରୋକିବାକୁ ସତର୍କ ରୁହ

ଜଗତ୍‌ସିଂହପୁର, ୧୦।୮ (ପ୍ରମୋଦ କୁମାର ନାୟକ)

## ସମ୍ଭାବ୍ୟ ବନ୍ୟା ପରିସ୍ଥିତିର ସମୀକ୍ଷାକଲେ ଜିଲାପାଳ


ବୈଠକରେ ଜିଲାପାଳ ଜେ. ସୋନାଲ ଓ ଅନ୍ୟମାନେ।

ସମ୍ପ୍ରତି ବାଂଲାଦେଶରେ ଉପୁଜିଥିବା ରାଜନୈତିକ ଅସ୍ଥିରତା ଯୋଗୁ ଅନେକ ବାଂଲାଦେଶୀ ଦେଶାନ୍ତର ହେଉଛନ୍ତି। ଯେହେତୁ ଓଡ଼ିଶା ବିଶେଷକରି ଜଗତ୍‌ସିଂହପୁର ଜିଲାରେ ବହୁ ସଂଖ୍ୟକ ବାଂଲାଦେଶୀ ରହୁଛନ୍ତି ତେଣୁ ସେମାନେ ଏହି ଜିଲାକୁ ପ୍ରବେଶ କରିବାର ସମ୍ଭାବନା ରହିଛି। ଜିଲାରେ ଥିବା ବିସ୍ତୃତ ତଟରେଖା ଦେଇ ବାଂଲାଦେଶୀ ଅନୁପ୍ରବେଶକାରୀମାନେ ଜିଲା ଭିତରକୁ ପ୍ରବେଶ କରିବାକୁ ଉଦ୍ୟମ କରିଥାଇପାରନ୍ତି। ଏ ପରିସ୍ଥିତିରେ ଜିଲାବାସୀଙ୍କୁ ସତର୍କ ରହିବାକୁ ପଡିବ। ଶନିବାର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହରେ ଜିଲାରେ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କ ପ୍ରବେଶରେ କଟକଣା ଓ ମହାନଦୀରେ ସୃଷ୍ଟି ହୋଇଥିବା ସମ୍ଭାବ୍ୟ ବନ୍ୟା ପରିସ୍ଥିତି ସମ୍ପର୍କିତ ସମୀକ୍ଷା ବୈଠକରେ ପୌରୋହିତ୍ୟ କରି ନୂଆ ଜିଲାପାଳ ଜେ. ସୋନାଲ ଏହା କହିଛନ୍ତି। ସେ କହିଥିଲେ, ଅନୁପ୍ରବେଶ ରୋକିବା ପାଇଁ ଭାରତୀୟ ତଟରକ୍ଷୀ ବାହିନୀ ଏବଂ ଓଡ଼ିଶା ମେରାଇନ ପୋଲିସ ସଜାଗ ରହିଛି। କିନ୍ତୁ ସବୁସ୍ତରରେ ସତର୍କତା ଅବଲମ୍ବନ କରିବାକୁ ପଡ଼ିବ। ବିଡିଓମାନେ ସରପଞ୍ଚମାନଙ୍କ ମାଧ୍ୟମରେ ସମୁଦ୍ରକୂଳିଆ ଗ୍ରାମଗୁଡ଼ିକରେ କୌଣସି ନୂଆ ଲୋକ କିମ୍ବା ଅନୁପ୍ରବେଶକାରୀ ଦେଖିଲେ ତୁରନ୍ତ ପୋଲିସ, ପ୍ରଶାସନକୁ ଜଣାଇବା ଉଚିତ ବୋଲି ଜିଲାପାଳ କହିଥିଲେ। ଏହାପରେ ସେ ମହାନଦୀରେ ସୃଷ୍ଟି ହୋଇଥିବା ସମ୍ଭାବ୍ୟ ବନ୍ୟା ପରିସ୍ଥିତି ସମ୍ପର୍କରେ ଜିଲାର ବରିଷ୍ଠ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। ହୀରାକୁଦରେ ଚଳିତବର୍ଷର ପ୍ରଥମ ବନ୍ୟା ଜଳ ନିଷ୍କାସନ ହୋଇସାରିଛି। ତେଣୁ ଜିଲାରେ ସମ୍ଭାବ୍ୟ ବନ୍ୟା ନିମନ୍ତେ ବ୍ୟାପକ ପ୍ରସ୍ତୁତି ସମ୍ପର୍କରେ ସେ ଅତିରିକ୍ତ ଜିଲାପାଳ ସମ୍ମିତ କୁମାର ରାଉତଙ୍କଠାରୁ ପଚାରି ବୁଝିଥିଲେ। କୌଣସି ଅଭାବନୀୟ ପରିସ୍ଥିତି ସୃଷ୍ଟିହେଲେ ତା'ର ତୁରନ୍ତ ପ୍ରତିକାର କରାଯିବା ଆବଶ୍ୟକ। ଏହା ପୂର୍ବରୁ କି ପ୍ରକାର ପ୍ରସ୍ତୁତି ଗ୍ରହଣ କରାଯାଇଛି ଯଥା ପଲିଥିନ, ଶୁଖିଲା ଖାଦ୍ୟ, ଆସ୍କା ଲାଇଟ୍, ବୋଟ୍ ଆଦିର ଉପଲବ୍ଧତା ଓ ରିଲିଫ ସେଣ୍ଟରର ଅବସ୍ଥା ସମ୍ପର୍କରେ ପଚାରି ବୁଝିଥିଲେ। ଏ ପରିସ୍ଥିତିରେ କେବଳ ପ୍ରଶାସନିକ ଅଧିକାରୀ ନୁହେଁ ବରଂ ଜିଲାବାସୀ ନିଜର ମାନବିକତା ଦୃଷ୍ଟିକୋଣରୁ ସହଯୋଗର ହାତ ବଢ଼ାଇବାକୁ ଜିଲାପାଳ ଆଶାପୋଷଣ କରିଥିଲେ। ବନ୍ୟା ଆଶ୍ରୟସ୍ଥଳିଗୁଡିକର ସ୍ଥିତି ତଦାରଖ କରି ସେଠାରେ ଆବଶ୍ୟକ ମୌଳିକ ସୁବିଧାସୁଯୋଗର ରିପୋର୍ଟ ପ୍ରସ୍ତୁତ କରିବା ସହ ପଦକ୍ଷେପ ନେବାପାଇଁ ସେ ସମସ୍ତ ବିଡିଓ, ତହସିଲଦାରମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବନ୍ୟା ପରିସ୍ଥିତି ଉପୁଜିଲେ ତୁରନ୍ତ ସମୟ ପୂର୍ବରୁ ଜନସାଧାରଣଙ୍କୁ ବିପଦମୁକ୍ତ ସ୍ଥାନକୁ ସ୍ଥାନାନ୍ତରିତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଏନେଇ ସଚେତନତା ବାର୍ତ୍ତା ଜରିଆରେ ପ୍ରଚାର କରିବା ପାଇଁ ସେ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ବୈଠକରେ ଏସ୍‌ପି ରାହୁଲ ପିଆର୍, ଅତିରିକ୍ତ ଜିଲାପାଳ ସମ୍ମିତ କୁମାର ରାଉତ, ଅତିରିକ୍ତ ଜିଲାପାଳ (ପାରାଦୀପ) ଲଳିତ ମୋହନ ବେହେରା, ଜିଲା ପରିଷଦ ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ରବି ନାରାୟଣ ଜେଠୀ, କୋଷ୍ଟଗାର୍ଡ ଡେପୁଟି କମାଣ୍ଡର, ତହସିଲଦାର, ବିଡିଓ ଏବଂ ଓଡ୍ରାଫ କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ରହି ଜିଲାପାଳଙ୍କୁ ସମସ୍ତ ଆବଶ୍ୟକ ସୂଚନା ଦେଇଥିଲେ। ଶେଷରେ ଜିଲାପାଳ ଜିଲାର ଉତ୍ତରୋତ୍ତର ଉନ୍ନତି ନିମନ୍ତେ ସମସ୍ତଙ୍କ ସହଯୋଗ କାମନା କରି ଧନ୍ୟବାଦ ଦେଇଥିଲେ।

# ରେଟ୍ ଚାର୍ଟ ଝୁଲାଇବାକୁ ପଛଘୁଞ୍ଚା

## ସଂକ୍ଷେପରେ

### ଅବସରପ୍ରାପ୍ତ ଶିକ୍ଷକଙ୍କ ପରଲୋକ

ନୟାଗଡ଼,୧୦।୮ (ଲୋକନାଥ ମିଶ୍ର)

ଗୋଡିପଡ଼ା ସର୍ଦ୍ଦାର ପଟେଲ ବିଦ୍ୟାପୀଠର ପୂର୍ବତନ ହିନ୍ଦୀ ଶିକ୍ଷକ ମହାଦେବ ରାଉତ(୭୮)ଙ୍କ ଶନିବାର ପରଲୋକ ହୋଇ ଯାଇଛି । ତାଙ୍କୁ ୭୦ ବର୍ଷ ହୋଇଥିଲା। ତାଙ୍କ ମୃତ୍ୟୁରେ ଗୋଡିପଡ଼ା, ନୟାଗଡ଼ ଅଞ୍ଚଳରେ ଶୋକଛାୟା ଖେଳି ଯାଇଛି । ସର୍ଦ୍ଦାର ପଟେଲ ବିଦ୍ୟାପୀଠର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ହରିହର ପାତ୍ର, ଶିକ୍ଷକ ସୁବାସ ଚନ୍ଦ୍ର ଦାଶ, ବିଦ୍ୟାଧର ରଥ, ପଞ୍ଚାନନ ସାହୁ, ଦୟାନିଧି ମହାପାତ୍ର, ଜନାର୍ଦ୍ଦନ ପରିଡ଼ା ଓ ଦାଶରଥି ମହାରଣା ଶୋକ ପ୍ରକାଶ କରିଛନ୍ତି। ମହାଦେବ ରାଉତଙ୍କର ଘର ନୟାଗଡ଼ ବ୍ଲକର ବେଗୁନିଆପାଟଣାରେ। ଗାଁ ଶ୍ମଶାନରେ ତାଙ୍କର ମୃତଦେହ ଦାହ କରାଯାଇଛି। ଦୁଇ ପୁଅ ମୃତ୍ୟୁଶଯ୍ୟା ନିକଟରେ ଉପସ୍ଥିତ ଥିଲେ। ସେ ଗୋଡିପଡା ସର୍ଦ୍ଦାର ପଟେଲ ବିଦ୍ୟାପୀଠରେ ୧୯୭୦ ଚାକିରି ଆରମ୍ଭ କରି ପରେ ମଧୁକେଶ ବିଦ୍ୟାପୀଠ ନାଗମୁଣ୍ଡଳୀ ହାଇସ୍କୁଲରେ ଶିକ୍ଷକତା କରି ଅବସର ନେଇଥିଲେ।


ମହାଦେବ ରାଉତ

### ଛାତ୍ରୀ ଛାତ୍ରଙ୍କ ଅଭ୍ୟାସ ପରେଡ

ଖଣ୍ଡପଡ଼ା,୧୦।୮ (ଅଜୟ କୁମାର ମହାରଣା)

ସ୍ୱାଧୀନତା ଦିବସ ପାଳନ ପରିପ୍ରେକ୍ଷୀରେ ବିଭିନ୍ନ ଅନୁଷ୍ଠାନର ଛାତ୍ରୀଛାତ୍ରମାନେ ଏବେ ପରେଡ ଅଭ୍ୟାସରେ ବ୍ୟସ୍ତ ରହିଛନ୍ତି ଖଣ୍ଡପଡ଼ା ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ବିଦ୍ୟାଳୟ କ୍ରୀଡାଙ୍ଗନରେ ପ୍ୟାରେଡ ଅଭ୍ୟାସ କରୁଛନ୍ତି। କ୍ରୀଡା ଶିକ୍ଷୟିତ୍ରୀ ସଞ୍ଜୁବାଳା ନାଥ, ଶିକ୍ଷକ ବିଶ୍ୱମ୍ଭର ପ୍ରଧାନ, ପ୍ରତାପ କୁମାର ସାହୁ ଓ ଶିକ୍ଷୟିତ୍ରୀ କବିତା ଜେନାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ର ମାନେ ପ୍ୟାରେଡ ଅଭ୍ୟାସ କରୁଛନ୍ତି ।

---

ନୟାଗଡ଼,୧୦।୮ (ଲୋକନାଥ ମିଶ୍ର)


ତଦନ୍ତ ସମୟରେ ଲାଗିଛି ରେଟ୍ ଚାର୍ଟ।


ତଦନ୍ତ ପରେ ଦୋକାନରେ ରେଟ୍ ଚାଟ୍ ନାହିଁ।

- ଚଢ଼ାଉ ସମୟରେ ଝୁଲିଲା, ପରେ ଗାଏବ
- ଆଳୁ ଓ ପିଆଜ ଦୋକାନରେ ଚଢ଼ାଉର ସୁଫଳ ମିଳିଲାନି
- ସକାଳେ ଆଳୁ କେଜି ୪୦, ଅପରାହ୍ନରେ ୫୦ଟଙ୍କା

ନୟାଗଡ଼ ଜିଲା ସଦର ମହକୁମାରେ ପନିପରିବା ଦୋକାନରେ ଆଳୁର ରେଟ୍ ଚାର୍ଟ ଝୁଲାଇବାକୁ ବ୍ୟବସାୟୀ ଅରାଜି ହେଉଛନ୍ତି। ଶନିବାର ଚଢ଼ାଉ ସମୟରେ ଦୋକାନରେ ରେଟ୍‌ଚାର୍ଟ ଝୁଲିଲା। ଚଢ଼ାଉ ପରେ ଦୋକାନରୁ ରେଟ୍ ଚାର୍ଟ ଗାଏବ ହୋଇଗଲା। ସକାଳେ ଚଢ଼ାଉ ଯୋଗୁ ଆଳୁ କେଜି ୪୦ ଟଙ୍କାରେ ବିକ୍ରି ହେଲା। ଚଢ଼ାଉ ବନ୍ଦ ହୋଇ ଯିବା ପରେ ଅପରାହ୍ନରୁ ଦୋକାନରେ ଆଳୁ କେଜି ୫୦ ଟଙ୍କା ହୋଇଗଲା। ଗ୍ରାମାଞ୍ଚଳ ବଜାରରେ ଆଳୁ କେଜି ୬୦ରୁ ୭୦ ଟଙ୍କାରେ ବିକ୍ରି ହେଉଛି।

ଜିଲା ସଦର ମହକୁମାରେ ଆଳୁ ହୋଲସେଲର ଓ ଖୁଚରା ବ୍ୟବସାୟୀ ଠକି ଚାଲିଥିବା ପରି ଅଭିଯୋଗ ମିଳୁଛି। ହୋଲସେଲର ଓ ଖୁଚରା ବ୍ୟବସାୟୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନ ଥିବାରୁ ଆଳୁ ପରି ପରିବା ଦର ହ୍ରାସ ପାଇବାର ନାଁ ଧରୁନି। ଖୁଚୁରା ଦୋକାନ ଓ ହୋଲସେଲ ଦୋକାନରେ ଦର ତାଲିକା ଝୁଲା ଯାଉନି। ଦର ତାଲିକା ଝୁଲାଇବା ବାଧ୍ୟତାମୂଳକ ଥିବାବେଳେ କାହିଁକି ଝୁଲା ଯାଉନି ସେନେଇ ତଦନ୍ତ କି କାର୍ଯ୍ୟାନୁଷ୍ଠାନ ନାହିଁ। ପୁଣି ହୋଲସେଲମାନେ ଆଳୁର ୱେ ବିଲ୍ ଦେଖାଉ ନାହାନ୍ତି। ଏଣୁ ଆଳୁରେ ଖାଉଟିଙ୍କଠାରୁ ହୋଲସେଲର ଓ ଖୁଚରା ବ୍ୟବସାୟୀ ଅଧିକ ଦର ନେଇ ଚାଲିଥିବା ଅଭିଯୋଗ ହୋଇଆସୁଛି। ଜିଲା ଯୋଗାଣ ବିଭାଗର ଲୋକ ଦେଖାଣିଆ ଚଢ଼ାଉ ବର୍ଦ୍ଧିତ ଆଳୁ ଦରକୁ ରୋକିବାରେ ସକ୍ଷମ ହୋଇ ପାରୁନି। ଏପରିପ୍ରେକ୍ଷୀରେ ଶନିବାର ଜିଲା ଯୋଗାଣ ବିଭାଗ ପକ୍ଷରୁ ଜିଲା ସଦର ମହକୁମାର ଆଳୁ ଓ ପିଆଜ ହେଲସେଲର ଏବଂ ଖୁଚୁରା ଦୋକାନ ଉପରେ ଚଢ଼ାଉ କରାଯାଇ ରେଟ୍ ଚାର୍ଟ ଝୁଲାଇବାକୁ ନିର୍ଦ୍ଦେଶ ଦେଇଥିଲେ। ଚଢ଼ାଉ ସମୟରେ ରେଟ୍ ଚାର୍ଟ ଝୁଲିଲା। ଗୋଦାମରେ ଆଳୁର ମୂଲ୍ୟ ୩୩ ଟଙ୍କା ୫୦ ରହିଥିବାବେଳେ ଗ୍ରାହକମାନଙ୍କ ପାଇଁ ୪୦ ଟଙ୍କା କରାଗଲା। ଆଳୁ କିଲୋ ୪୦ ଓ ଅଢ଼େଇ କିଲୋ ଆଳୁର ଦାମ ୯୦ ଟଙ୍କା ବୋଲି ରେଟ୍ ଚାର୍ଟରେ ଲେଖାଗଲା। ସରକାରଙ୍କ ନିର୍ଦ୍ଦେଶକୁ ଅଣଦେଖା କଲେ କାର୍ଯ୍ୟାନୁଷ୍ଠାନ ହେବବୋଲି ତାଗିଦ୍ କରାଗଲା।

ଯୋଗାଣ ବିଭାଗର ଅଫିସର ଓ କର୍ମଚାରୀ ଚଢ଼ାଉ ସାରି ଫେରିବା ପରେ ପରେ ଅପରାହ୍ନରୁ ଜିଲା ସଦର ମହକୁମାରେ ଆଳୁ କିଲୋ ୫୦ ଟଙ୍କାରେ ବିକ୍ରି କରାଗଲା। ଏନେଇ ନୟାଗଡ଼ ଷ୍ଟେଟ ବ୍ୟାଙ୍କ ସମ୍ମୁଖ ପନିପରିବା ଦୋକାନୀଙ୍କୁ ବର୍ଦ୍ଧିତ ଦରରେ ଆଳୁ ବିକ୍ରି ନେଇ ପଚାରିବାରୁ କହିଥିଲେ ସରକାର ଗାଡ଼ି କରି ୩୮ ଟଙ୍କାରେ ବିକ୍ରି କରନ୍ତୁ। ଆମେ ୫୦ ଟଙ୍କାରୁ ୫ ଟଙ୍କା କାଟି ପାରିବୁ ନାହିଁ। ଦୋକାନରେ ରେଟ୍ ଚାର୍ଟ ଝୁଲାଇବୁ ନାହିଁ। ତୁମେ କ'ଣ କରୁଛ କର। ଯୋଗାଣ ବିଭାଗର ଚଢ଼ାଉ ଯୋଗୁ ସକାଳେ ଆଳୁ କିଲୋ ୪୦ ଟଙ୍କା କରିଥିଲୁ। ହେଲେ ସବୁବେଳେ ୪୦ ଟଙ୍କାରେ ବିକ୍ରି କରି ପାରିବୁ ନାହିଁ। କେତେଜଣ ଦୋକାନୀ କହିଥିଲେ ୪୦ ଟଙ୍କାରେ ଆଳୁ ଯଦି ଦେବୁ ବାଛି କରୁ ନେବେ ନାହିଁ। ଆପଣ ମାନେ ମନକୁ ପାଇଲେ ନିଅନ୍ତୁ ନ ହେଲେ ଚାଲି ଯାଆନ୍ତୁ ବୋଲି କହିଥିଲେ। ଏନେଇ ଗ୍ରାହକ ମନୋଜ ମହାପାତ୍ର, ସତ୍ୟଭାମା ପାତ୍ର, ବିନୋଦିନି ସ୍ୱାଇଁ, ରାମକୃଷ୍ଣ ପ୍ରଧାନ କୁହନ୍ତି, ଆଳୁ ଦର ବୃଦ୍ଧି ବେଳେ ପନିପରିବା ବ୍ୟବସାୟୀ ଗ୍ରାହକଙ୍କୁ ଭଲ ଲୁଟୁଛନ୍ତି।

ଚଢ଼ାଉ ସମୟରେ ଡରୁଛନ୍ତି। ପରେ ମନଇଚ୍ଛା ଦରରେ ଗ୍ରାହକଙ୍କୁ ଆଳୁ ବିକୁଛନ୍ତି। ସକାଳେ ୪୦ ବିକ୍ରି କରି ଅପରାହ୍ନରେ ୫୦ ଟଙ୍କାରେ ବିକ୍ରି କରାଯାଉଛି। ପଚାରିଲେ ଖରାପ ବ୍ୟବହାର ଦେଖାଉଛନ୍ତି। ଦୋକାନୀମାନଙ୍କ ଟ୍ରେଡ୍ ଲାଇସେନ୍ସ ବାତିଲ କରାଯାଇ ଦଣ୍ଡିତ କରା ନ ଗଲେ ସେମାନଙ୍କର ଉତ୍ପାତ କମିବ ନାହିଁ। ଏନେଇ ଜିଲା ଯୋଗାଣ ଅଧିକାରୀ(ସିଏସଓ) ବ୍ରଜେନ୍ଦ୍ର କୁମାର ମହାନ୍ତି କୁହନ୍ତି, ଚଢ଼ାଉ ସମୟରେ ରେଟ୍‌ଚାର୍ଟ ଝୁଲିଲା। ଆଳୁ କିଲୋ ୪୦ ଟଙ୍କାରେ ବିକ୍ରି ହେଲା। ତେବେ ଆଳୁ କିଲୋ ୫୦ ଟଙ୍କା ବିକ୍ରି କରିବା, ରେଟ୍‌ଚାର୍ଟ ଗାଏବ କରିବା ଘଟଣାରେ ଅସନ୍ତୋଷ ପ୍ରକାଶ କରିଥିଲେ। ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀଙ୍କ ସହ ଆଲୋଚନା କରି ପନିପରିବା ଟ୍ରେଡ୍ ଲାଇସେନ୍ସ ବାତିଲ କରାଯିବାକୁ ଉଦ୍ୟମ କରାଯିବ ବୋଲି ସେ କହିଛନ୍ତି।

## ଶ୍ରାବଣର ୪ର୍ଥ ସୋମବାର ପାଇଁ କାଉଡିଆଙ୍କ ଭିଡ଼

ଖଣ୍ଡପଡ଼ା,୧୦।୮ (ଅଜୟ କୁମାର ମହାରଣା)

କେବଳ ଜାତୀୟ ରାଜପଥ ନୁହେଁ । ଗାଁ ଗହଳିର ଅଙ୍କାବଙ୍କା ରାସ୍ତାରେ ଏବେ କାଉଡିଆଙ୍କ ଓଁ ନମଃ ଶିବାୟ ଧ୍ୱନି । ଗତ ୩ ପାଳି ହେବ ଭକ୍ତମାନେ କଣ୍ଟିଲୋ ନୀଳମାଧବ ପୀଠ ମହାନଦୀ ଘାଟ ସମେତ ଖଣ୍ଡପଡ଼ା ଅଞ୍ଚଳର ବିଭିନ୍ନ ନଦୀରୁ ବାହୁଙ୍ଗିରେ ଜଳଭାର ନେବା ପାଇଁ ଆସିଥାଆନ୍ତି। ଆସନ୍ତା ୧୯ ତାରିଖ ଶ୍ରାବଣ ପୂର୍ଣ୍ଣମୀ ପଡୁଥିବାରୁ ଏଥିପାଇଁ ଶ୍ରାବଣର ୪ର୍ଥ ତଥା ଶେଷ ସୋମବାର ପାଇଁ ଶନିବାର କଣ୍ଟିଲୋ ନୀଳମାଧବ ଜୀଉଙ୍କ ପାଦଦେଶରେ ପ୍ରବାହିତ ମହାନଦୀ ଘାଟରେ ବହୁ ସଂଖ୍ୟକ କାଉଡିଆ ପାଣି ଉଠାଇବା ପାଇଁ ଭିଡ ଜମାଇଥିଲେ । ଏବେ ବହୁ ମହିଳା, କଲେଜ ପଢୁଆ ଝିଅ, ଯୁବତୀ ମଧ୍ୟ ସାମିଲ ହୋଇଥିଲେ । ଅପରପକ୍ଷେ କାଉଡିଆମାନେ ନଦୀରୁ ଜଳାଭାର ନେଇ ଗାଁ ଦାଣ୍ଡରେ ଯିବା ସମୟରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଛି ।


ପାଣି ଉଠାଇବା ପାଇଁ ମହାନଦୀ ଘାଟରେ କାଉଡ଼ିଆଙ୍କ ଭିଡ଼।

## ଜନକଲ୍ୟାଣ ଯୋଜନାକୁ ନେଇ ବୈଠକ



ବୈଠକରେ ଯୋଗଦେଇଥିବା ପ୍ରଶାସନିକ ଅଧିକାରୀଙ୍କ ସହ ଜନପ୍ରତିନିଧି।

ଭାପୁର,୧୦।୮ (ଭରତ କୁମାର ବେହେରା)

ନୟାଗଡ଼ ଜିଲା ଭାପୁର ବ୍ଲକର ସମସ୍ତ ନିର୍ବାଚିତ ସରପଞ୍ଚ, ସମିତି ସଭ୍ୟ ଓ ପଞ୍ଚାୟତ ସଭାପତିମାନଙ୍କୁ ନେଇ ଶନିବାର ଭାପୁର ପଞ୍ଚାୟତ ସମିତି ସଭା ଗୃହରେ ସରକାରଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନା ସଫଳ ରୂପାୟନ ନେଇ ବୈଠକ ଅନୁଷ୍ଠିତ ହୋଇଯାଇଛି। ଭାପୁର ବ୍ଲକ୍ ଉପାଧ୍ୟକ୍ଷ ବେଣୁଧର ପ୍ରଧାନଙ୍କ ସଭାପତିତ୍ୱରେ ଏହି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଆଗାମୀ ଦିନରେ ସରକାରଙ୍କ ଦ୍ୱାରା ପ୍ରଣୀତ ବିଭିନ୍ନ ଯୋଜନାର ସଫଳ ରୂପାୟନ କିପରି ଜନସାଧାରଣ ଠିକ ଭାବେ ପାଇ ପାରିବେ ଓ ସାଧାରଣ ଜନତା କିଭଳି ଉପକୃତ ହୋଇପାରିବେ ସେ ନେଇ ଆଲୋଚନା ହୋଇଥିଲା। ବାସହୀନ ଲୋକଙ୍କୁ ଚିହ୍ନଟ କରିବା, ଗରିବ ଅସହାୟ ଲୋକ ରାଶନ କାର୍ଡର ସୁବିଧା ପାଇବେ, ମୃତ ବ୍ୟକ୍ତିଙ୍କୁ ଚିହ୍ନଟ କରି ରାଶନରୁ ବାଦ ଦେବା ଓ ପଞ୍ଚାୟତର ବିଭିନ୍ନ ଉନ୍ନୟନ କାମ ଗୁଡିକ କରିବା ନେଇ ଆଲୋଚନା ହୋଇଥିଲା। । ସାଧାରଣ ନିର୍ବାଚନ ପରେ ପ୍ରଥମେ ଆହୁତ ବୈଠକ ହୋଇଥିବାରୁ ସମସ୍ତ ସରପଞ୍ଚ ଓ ସମିତି ସଭ୍ୟମାନେ ଦେଇଥିଲେ। ଖୁବଶୀଘ୍ର ଜନସାଧାରଣମାନଙ୍କ ସମସ୍ୟା ସମାଧାନ କରାଯିବା ପାଇଁ ଉପାଧ୍ୟକ୍ଷ ପ୍ରତିଶ୍ରୁତି ଦେଇଥିଲ। ଏଥିରେ ସାମାଜିକ କର୍ମୀ ସନ୍ତୋଷ ତ୍ରିପାଠୀ, ବରିଷ୍ଠ ନାଗରିକଙ୍କ ସଭାପତି ଲକ୍ଷ୍ମୀଧର ସାମନ୍ତରାୟ, ସମିତି ସଭ୍ୟ ବାଳଗୋପାଳ ଷଡ଼ଙ୍ଗୀ, ପ୍ରକାଶ ପ୍ରଧାନ, ସରପଞ୍ଚ ସୁରେଶ କୁମାର ରାଉତ, ସୁଧାଂଶୁ ଭୂଷଣ ସ୍ୱାଇଁ,ସୌମ୍ୟ ରଞ୍ଜନ ସାହୁ, ନବ କିଶୋର ସାହୁ, ମୃତ୍ୟୁଞ୍ଜୟ ଷଡ଼ଙ୍ଗୀ, ଅନିଲ କୁମାର ବଇରୀଗାଞ୍ଜନଙ୍କ ସହ ଅନ୍ୟାନ୍ୟ ସରପଞ୍ଚ ସମିତି ସଭ୍ୟ ପଞ୍ଚାୟତ ସଭାପତିମାନେ ଉପସ୍ଥିତ ଥିଲେ।

## ଚିକିତ୍ସା ଅବହେଳାକୁ ନେଇ ରଣପୁରରେ ଉତ୍ତେଜନା

ନୟାଗଡ଼/ରଣପୁର, ୧୦।୮ (ଲୋକନାଥ ମିଶ୍ର/ସୁକାନ୍ତ କିଶୋର ଡାକୁଆ)

- କୃମି ବଟିକା ଖାଇ ଛାତ୍ରୀ ଗୁରୁତର ଘଟଣା
- ଭୁବନେଶ୍ୱରକୁ ସ୍ଥାନାନ୍ତରିତ ହେଲେ ୩ ଅସୁସ୍ଥ ଛାତ୍ରୀ

କୃମି ବଟିକା ଖାଇ ଗୁରୁତର ଥିବା ୩ ଛାତ୍ରୀ ନୟାଗଡ଼ ଜିଲା ରଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଥିବାବେଳେ ଚିକିତ୍ସା ଅବହେଳାକୁ ନେଇ ଶନିବାର ଅପରାହ୍ନରେ ଉତ୍ତେଜନା ପ୍ରକାଶ ପାଇଛି। ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ଭରସା ତୁଟାଇ ଅସୁସ୍ଥ ଛାତ୍ରୀମାନଙ୍କୁ ଶନିବାର ଅପରାହ୍ନରେ ଭୁବନେଶ୍ୱର ସ୍ଥାନାନ୍ତରିତ କରାଯାଇଛି। ପ୍ରକାଶଥାଉକି କୃମି ଔଷଧ ଖାଇ ଶୁକ୍ରବାର ତାରିଆ ବାଇଧର ହାଇସ୍କୁଲର ନବମ ଶ୍ରେଣୀ ଛାତ୍ରୀ ପ୍ରୀତିପ୍ରଜ୍ଞା ସାମନ୍ତରାୟ, ସନ୍ଧ୍ୟାରାଣୀ ମଲ ଓ ଅଞ୍ଜଳୀ ମାଳ ପ୍ରମୁଖ ଅସୁସ୍ଥ ହୋଇଥିଲେ। ସେମାନଙ୍କୁ ଗୁରୁତର ଅବସ୍ଥାରେ ରଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ମିଶାଇ ୫ଜଣ ଡାକ୍ତର ଥିବାବେଳେ ଶନିବାର ଚିକିତ୍ସା ସମୟରେ ଡାକ୍ତର ଅନୁପସ୍ଥିତ ଥିଲେ। ରୋଗୀଙ୍କ ଅବସ୍ଥା ଗୁରୁତର ହେବାବେଳେ ଡାକ୍ତର ଚିକିତ୍ସା କରିବା ବଦଳରେ ନର୍ସ ଚିକିତ୍ସା ଆରମ୍ଭ କରିବାରୁ ଉତ୍ତେଜନା ଦେଖା ଦେଇଥିଲା। ଡାକ୍ତରଙ୍କ ଉପରେ ଅସନ୍ତୋଷ ବ୍ୟକ୍ତ କରି ପରିବାର ଲୋକ ୩ ଅସୁସ୍ଥଙ୍କୁ ଭୁବନେଶ୍ୱର ପଠାଇଥିଲେ ।

## ସାପ କାମୁଡ଼ାରେ ମହିଳାଙ୍କ ମୃତ୍ୟୁ

ଗଞ୍ଜାମ,୧୦।୮ (ବିଦ୍ୟାଧର ସାହୁ)

ରମ୍ଭା ଥାନା ଇଲାକା ଏଚ. ବୁରୁଡ଼ି ଗ୍ରାମରେ ସାପ କାମୁଡ଼ାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଉକ୍ତ ଗ୍ରାମର ସୁକାନ୍ତ ଦଳାଇଙ୍କ ସ୍ତ୍ରୀ ପୁଷ୍ପାଲତା ଦଳାଇ(୪୫)। ଶନିବାର ସକାଳ ପୁଷ୍ପା ନିଜ ଚାଷ ଜମିରେ କାର୍ଯ୍ୟରତ ଥିବା ସମୟରେ ଏକ ବିଷଧର ସାପ ତାଙ୍କ ଗୋଡ଼କୁ କାମୁଡ଼ି ଦେଇଥିଲା। ପଡ଼ୋଶୀ ଚାଷୀମାନେ ଗୁରୁତର ମହିଳାଙ୍କୁ ଉଦ୍ଧାର କରି ପରିବାରକୁ ଖବର ଦେବା ସହ ତୁରନ୍ତ ଛତ୍ରପୁର ସରକାରୀ ମେଡିକାଲକୁ ନେଇଥିଲେ। ସେଠାରେ ଡାକ୍ତର ଗୁରୁତର ପୁଷ୍ପାଙ୍କୁ ମୃତ ଘୋଷଣା କରିଥିଲେ।

## ସମୁଦ୍ରରେ ମେରାଇନ୍ ପୋଲିସର ପାଟ୍ରୋଲିଂ

ଛତ୍ରପୁର,୧୦।୮ (ସନ୍ତୋଷ ପାଢୀ/ଦିଲୀପ ସାମଲ)

ବାଂଲାଦେଶ ଅଶାନ୍ତ ରହିଛି । ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ଥିବାରୁ ବାଂଲାଦେଶୀମାନେ ଦେଶ ଛାଡି ଭାରତ ଆସିବା ସମ୍ଭାବନା ରହିଛି। ଅନୁପ୍ରବେଶକାରୀମାନେ ସମୁଦ୍ରପଥ ଦେଇ ବୋଟ୍ ଯୋଗେ ଆସି ପାରନ୍ତି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ଅତିରିକ୍ତ ପୋଲିସ ଡିଜି (ରେଲୱେ ଓ କୋଷ୍ଟାଲ ସିକ୍ୟୁରିଟି)ଙ୍କ ପକ୍ଷରୁ ଗଞ୍ଜାମ ପୋଲିସକୁ ଆଲର୍ଟ ମେସେଜ୍ ଆସିଛି। ଏହି ପରିପ୍ରେକ୍ଷୀରେ ଗଞ୍ଜାମ ପୋଲିସ ଅଧୀନ ଆର୍ଯ୍ୟପଲ୍ଲୀ ମେରାଇନ୍ ଥାନା ପକ୍ଷରୁ ସମୁଦ୍ରରେ ପାଟ୍ରୋଲିଂ ଜାରି ରହିଥିବା ଶନିବାର ସୂଚନା ଦିଆଯାଇଛି । ଗଞ୍ଜାମ ଏସ୍‌ପି ଜଗମୋହନ ମୀନା କହିଛନ୍ତି, ରାଜ୍ୟ ପୋଲିସ ହେଡକ୍ୱାର୍ଟରରୁ ହାଇଆଲର୍ଟ ମେସେଜ୍ ଆସିଥିଲା ଏବଂ ମେରାଇନ୍ ଥାନା ପୋଲିସ ପକ୍ଷରୁ ସମୁଦ୍ରରେ ପାଟ୍ରୋଲିଂ କରାଯାଉଛି । ଏଥିସହ ମାଛ ଧରା କେନ୍ଦ୍ର ଓ ଫିସିଂ ହାରବରରେ ପୋଲିସ ଫୋର୍ସ ମୁତୟନ କରାଯାଇଛି । ଏଥିସହ ସାଗର ମିତ୍ର ମାନଙ୍କୁ ସତର୍କ କରାଯାଇଛି।

## ସ୍କୁଲ, ଅଙ୍ଗନୱାଡି ପିଲାଙ୍କୁ କୃମିନାଶକ ଔଷଧ ପ୍ରଦାନ

ଖଣ୍ଡପଡା,୧୦।୮ (ଅଜୟ କୁମାର ମହାରଣା)

ଶନିବାର ଜାତୀୟ କୃମୀ ଦିବସ ଅବସରରେ ଖଣ୍ଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧୀନରେ ଥିବା ସମସ୍ତ ଉପସ୍ୱାସ୍ଥ୍ୟକେନ୍ଦ୍ର ଓ ବିଦ୍ୟାଳୟ, ଅଙ୍ଗନୱାଡ଼ି କେନ୍ଦ୍ରର ପିଲା, ପରିବାର ସଦସ୍ୟଙ୍କୁ କୃମିନାଶକ ଔଷଧ ପ୍ରଦାନ କରାଯାଇଛି । ଖଣ୍ଡପଡ଼ା ବ୍ଲକ ତଥା ଗଡିଆସାହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ଥିବା ୧୮୯ଟି ଅଙ୍ଗନୱାଡ଼ି କେନ୍ଦ୍ରରେ ସମସ୍ତ ଅଙ୍ଗନୱାର୍ଡୀ କର୍ମୀ, ଆଶାକର୍ମୀ ଓ ଆଶାଦିଦିମାନେ ଏବଂ ବିଦ୍ୟାଳୟମାନଙ୍କରେ ଶିକ୍ଷୟିତ୍ରୀ ଓ ଶିକ୍ଷକମାନେ ଏହି ଔଷଧ ବିତରଣ କରିବେ ବୋଲି ଗଡିଆସାହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଡ.ଅଭିଷାର ପଣ୍ଡା ସୂଚନା ଦେଇଛନ୍ତି। ଶନିବାର ୯୦ ପ୍ରତିଶତ ଔଷଧ ବିତରଣ କରାଯିବାର ବ୍ୟବସ୍ଥା କରାଯାଇଥିବା ସେ ପ୍ରକାଶ କରିଛନ୍ତି। ଏହି ଅବସରରେ ୧ରୁ ୨ବର୍ଷର ଶିଶୁଙ୍କୁ କୃମି ନାଶକ ସିରପ ଓ ଅନ୍ୟମାନଙ୍କୁ ବଟିକା ପ୍ରଦାନ କରାଯାଇଥିବା ବେଳେ ଗର୍ଭବତୀ, ରୋଗଗ୍ରସ୍ତ ବ୍ୟକ୍ତିଙ୍କୁ ବାଦ୍ ଅନ୍ୟ ସମସ୍ତବର୍ଗର ଲୋକଙ୍କୁ ଏହି କାର୍ଯ୍ୟକ୍ରମରେ ସାମିଲ କରାଯିବ ବୋଲି ଡ ପଣ୍ଡା ପ୍ରକାଶ କରିଛନ୍ତି। ଖଣ୍ଡପଡ଼ା ବ୍ଲକ ଅଧୀନ ସମସ୍ତ ବିଦ୍ୟାଳୟ, ଅଙ୍ଗନୱାର୍ଡି କେନ୍ଦ୍ରରେ ପିଲାମାନ(୧ରୁ ୧୯ ବର୍ଷ ପର୍ଯ୍ୟ')ଙ୍କୁ ଶନିବାର କୃମି ନାଶକ ଔଷଧ ପ୍ରଦାନ କରାଯାଇଛି । ଖଣ୍ଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଡଃ ଅଭିଷାର ପଣ୍ଡା ଓ ସହଯୋଗୀମାନେ ଆଦର୍ଶ ବିଦ୍ୟାଳୟରେ ପହଞ୍ଚି ଛାତ୍ରୀଛାତ୍ରମାନଙ୍କୁ କୃମି ନାଶକ ଔଷଧ ପ୍ରଦାନ କରିଥିବା ଅନୁଷ୍ଠାନର ଅଧ୍ୟକ୍ଷ ମନୋଜ କୁମାର ବିଶ୍ୱାଳଙ୍କଠାରୁ ପ୍ରକାଶ। ପର୍ଯ୍ୟାୟ କ୍ରମେ ସମସ୍ତ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କୁ କୃମି ନାଶକ ଔଷଧ ପ୍ରଦାନ କରାଯିବ ବୋଲି ଖଣ୍ଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସୂତ୍ରରୁ ଜଣାପଡିଛି ।

## ଡାଲା ଅଟୋରୁ ଡେଇଁ ଗୁରୁତର ଯୁବକଙ୍କ ମୃତ୍ୟୁ

ବୁଗୁଡା,୧୦।୮ (କାଳିଚରଣ ଦାଶ)

ଚଳନ୍ତା ଡାଲା ଅଟୋରୁ ଡେଇଁ ଗୁରୁତର ହୋଇଥିବା ଜଣେକ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବୁଗୁଡା ଏନ୍ଏସି ଅନ୍ତର୍ଗତ ହରିଶରଣପୁର ଶାସନର ବିବାହିତ ଯୁବକ ବାବୁ ଗୌଡ (୪୦)। ଶନିବାର ଏଠାକାର ଗୋଲାବଞ୍ଚର ଗାଁ ନିକଟସ୍ଥ ବିଲରେ ଧାନ ତଳି ଘରା ଭାଙ୍ଗି ବାବୁ ଘରକୁ ଫେରିଥିଲା। ଘରୁ କିଛି ଟଙ୍କା ନେଇ ପ୍ରଚୁର ମଦ୍ୟପାନ କରି ପୁଣି ବିଲକୁ ଯାଉଥିବା ବେଳେ ବେତାରସିଂ ପଟକୁ ଯାଉଥିବା ଏକ ଡାଲା ଅଟୋକୁ ଅଟକାଇ ସେଥିରେ ଚଢିଥିଲା। କିଛି ସମୟ ପରେ ଗୋଲାବଞ୍ଚର ଗାଁ ଆସିଯିବାରୁ ସେ ଚଳନ୍ତା ଅଟୋରୁ ଡେଇଁ ପଡିଥିଲେ। ଫଳରେ ମୁଣ୍ଡ ଫାଟି ପ୍ରଚୁର ରକ୍ତସ୍ରାବ ହେବା ସହ ଅଚେତ ହୋଇଯାଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ସେଠାରୁ ବୁଗୁଡା ମେଡିକାଲକୁ ଆଣିଥିଲେ। ପରେ ବ୍ରହ୍ମପୁର ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ତେବେ ବ୍ରହ୍ମପୁର ଯିବା ବାଟରେ ତାଙ୍କର ମୃତ୍ୟୁ ଘଟିଥିବା ଜଣାଯାଇଛି।

## ୨ ବର୍ଷ ହେଲା ସରୁନି ପ୍ରାଣୀ ଚିକିତ୍ସା କେନ୍ଦ୍ର ନିର୍ମାଣ କାର୍ଯ୍ୟ

ଗଞ୍ଜାମ,୧୦।୮ (ବିଦ୍ୟାଧର ସାହୁ)

ଗଞ୍ଜାମ ବ୍ଲକ ପାଲୁର ଜଙ୍କସନ ହୁମ୍ମା ରେଲୱେ ଷ୍ଟେଶନ ନିକଟରେ ଥିବା ପ୍ରାଣୀ ଚିକିତ୍ସା କେନ୍ଦ୍ର କାମ ଅଧାପନ୍ତରିଆ ହୋଇ ରହିଛି। ଦୁଇ ବର୍ଷରୁ ଊର୍ଦ୍ଧ୍ୱ ସମୟ ହେବ ଏହି କେନ୍ଦ୍ରଟିର ଠିକା କାମ ଶେଷ ହେଉନାହିଁ। ବ୍ଲକ ଓ ଜିଲା ପ୍ରଶାସନ ଏହାର ଯାଞ୍ଚ କରୁନଥିବା ଅଭିଯୋଗ ହୋଇଛି। କେବେ ଏହାର ନିର୍ମାଣ କାର୍ଯ୍ୟ ଶେଷ ହେବ ସନ୍ଦେହରେ ଅଞ୍ଚଳବାସୀ। ହୁମା ଓ ପାଲୁର ଜଙ୍କ୍ସନ ଅଞ୍ଚଳର ସାଧାରଣ ଲୋକଙ୍କ ଗୃହପାଳିତ ପଶୁ ଅସୁସ୍ଥ କିମ୍ବା ଦୁର୍ଘଟଣା ଘଟିଲେ ରମ୍ଭା ପ୍ରାଣୀ ଚିକିତ୍ସା କେନ୍ଦ୍ରରୁ କର୍ମଚାରୀମାନେ ଆସିବାର ବିଳମ୍ବ ଯୋଗୁ ଗୃହପାଳିତ ପଶୁଙ୍କ ମୃତ୍ୟୁ ଘଟୁଥିବା ମଧ୍ୟ ଅଭିଯୋଗ ହୋଇଛି। ସେପଟେ ରମ୍ଭା ପ୍ରାଣୀ ଚିକିତ୍ସା କେନ୍ଦ୍ରରେ ଡାକ୍ତର ଓ କର୍ମଚାରୀ ଅଭାବ ହେତୁ ବିଳମ୍ବ ହେଉଛି ବୋଲି ଜଣେ କର୍ମଚାରୀ କହିଛନ୍ତି। ହୁମ୍ମା ରେଲୱେ ଷ୍ଟେସନ ନିକଟରେ ନିର୍ମାଣ କାର୍ଯ୍ୟ ଚାଲିଥିବା ପ୍ରାଣୀ ଚିକିତ୍ସା କେନ୍ଦ୍ର ନୁହେଁ, ଅନେକ ସ୍ଥାନରେ ଅଧାପନ୍ତରିଆ ଥିବା ଦେଖିବାକୁ ମିଳୁଛି। ଚିକିତ୍ସା କେନ୍ଦ୍ରଟି କେତେ ଟଙ୍କା ବିନିମୟରେ ଟେଣ୍ଡର ଆସିଥିବାର କୌଣସି ସୂଚନାଫଳକ ବୋର୍ଡରେ ଲେଖା ଯାଇନାହିଁ। ଗଞ୍ଜାମ ଜିଲା ପ୍ରଶାସନ ଏହାର ତଦନ୍ତ କରିବା ସହ ଶୀଘ୍ର ଏହି ପ୍ରାଣୀ ଚିକିତ୍ସା କେନ୍ଦ୍ରର ନିର୍ମାଣ କାର୍ଯ୍ୟ ସାରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।


ଅଧାପନ୍ତରିଆ ପ୍ରାଣୀ ଚିକିତ୍ସା କେନ୍ଦ୍ର।

# ସମସ୍ୟାଘେରରେ ବ୍ରହ୍ମବରଦା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ

- ୧୦ ଅଧ୍ୟାପକରେ ଚାଲିଛି ପାଠପଢ଼ା
- ୧୯ ପଦବୀ ଖାଲି ପଡ଼ିଛି
- ଆବଶ୍ୟକ ଶ୍ରେଣୀଗୃହ ନାହିଁ

**ବ୍ରହ୍ମବରଦା,୧୦।୮(ଯଯାତି କେଶରୀ ବେହେରା):**

ରସୁଲପୁର ବ୍ଲକ୍ ଅଧୀନ ବ୍ରହ୍ମବରଦା ପଞ୍ଚାୟତରେ ଥିବା ବ୍ରହ୍ମବରଦା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ନାନା ସମସ୍ୟା ଘେରରେ ରହିଛି। ଏଠାରେ ଅଧ୍ୟାପକ, କର୍ମଚାରୀଙ୍କ ଅଭାବ ରହିଛି। ସେହିପରି ଆବଶ୍ୟକ ଶ୍ରେଣୀ ଗୃହ ନ ଥିବାରୁ ପାଠପଢ଼ା ବାଧାପ୍ରାପ୍ତ ହେଉଛି। ଅନେକ ଭଲ ଛାତ୍ରୀଛାତ୍ର ଏହି ବିଦ୍ୟାଳୟରୁ ମୁହଁ ଫେରାଇ ନେଉଛନ୍ତି। ଉକ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଚଳିତ ବର୍ଷ କଳା, ବାଣିଜ୍ୟ ଓ ବିଜ୍ଞାନରେ ମୋଟ୍ ୧୧୭୪ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ସେମାନଙ୍କ ଲାଗି ମୋଟ୍ ୮ ଶ୍ରେଣୀ ଗୃହ ରହିଛି। ବିଭିନ୍ନ ବିଭାଗର ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ଅବସର ନେବାପରେ ମୋଟ୍ ୧୯ ପଦବୀ ଖାଲି ପଡ଼ିଛି। ମାତ୍ର ୧୦ ଜଣ ଅଧ୍ୟାପକରେ ପାଠପଢ଼ା ଚାଲିଛି। ଶିକ୍ଷାଦାନ ପାଇଁ ଆହୁରି ୫ରୁ୬ଟି ବଡ଼ ଶ୍ରେଣୀଗୃହ ଆବଶ୍ୟକ ରହିଛି।

୧୯୮୬ରେ ବ୍ରହ୍ମବରଦା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ନିର୍ମାଣ କରାଯାଇଥିଲା। ବିଭିନ୍ନ ବିଭାଗ ପାଇଁ ମୋଟ ୪୬ ଅଧ୍ୟାପକ ଓ କର୍ମଚାରୀଙ୍କୁ ନିଯୁକ୍ତି ଦିଆଯାଇଥିଲା। ବିଗତ କିଛି ବର୍ଷ ହେବ ଏହି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରୁ ଜଣେ ଦୁଇ ଜଣ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ଅବସର ନେଉଥିବାବେଳେ ଆଉ ନୂତନ ନିଯୁକ୍ତି ହେଉନାହିଁ।

୨୦୨୩/୨୪ ଶିକ୍ଷା ବର୍ଷରେ ମୋଟ୍ ୧୧୭୪ ଛାତ୍ରୀଛାତ୍ର ଅଧ୍ୟୟନ କରୁଥିବାବେଳେ ସେଥିମଧ୍ୟରୁ କଳାରେ ୭୪୮, ବାଣିଜ୍ୟରେ ୨୧୦ ଓ ବିଜ୍ଞାନରେ ୨୧୬ ଛାତ୍ରୀଛାତ୍ର ରହିଛନ୍ତି। ହେଲେ ୧୦ ଜଣ ଅଧ୍ୟାପିକାଅଧ୍ୟାପକ ଏତେ ଛାତ୍ରୀଛାତ୍ରଙ୍କୁ ଶିକ୍ଷାଦାନ କରିବାରେ ସମସ୍ୟା ସୃଷ୍ଟି ହେଉଛି।

ମୋଟ ୩୪ ଜଣ ଶିକ୍ଷା କର୍ମଚାରୀଙ୍କ ଆବଶ୍ୟକ ଥିବାବେଳେ ମାତ୍ର ୧୫ ଜଣ ଏହି କାର୍ଯ୍ୟକୁ ତୁଲାଉଛନ୍ତି। ଅର୍ଥନୀତି ବିଭାଗରେ ୩ ଅଧ୍ୟାପକଙ୍କ ଆବଶ୍ୟକ ଥିବାବେଳେ ମାତ୍ର ଜଣକରେ ଚାଲିଛି ପାଠପଢ଼ା। ସେହିପରି ଓଡ଼ିଆରେ ୨ଜଣ ଆବଶ୍ୟକ ଥିବାବେଳେ ଜଣେ ଅଧ୍ୟାପକରେ ଶିକ୍ଷାଦାନ ଚାଲୁ ରହିଛି। ଇଂଲିଶରେ ୩ ସ୍ଥାନରେ ୨ ଅଧ୍ୟାପକ ରହିଛନ୍ତି। ସେଥିମଧ୍ୟରୁ ଜଣେ ଅଧ୍ୟାପକ ଆସନ୍ତାବର୍ଷ ଅବସର ଗ୍ରହଣ କରିବେ। ରାଜନୀତି ବିଜ୍ଞାନରେ ୨ ଅଧ୍ୟାପକଙ୍କ ସ୍ଥାନରେ ଜଣେ ରହିଛନ୍ତି। ଇତିହାସରେ ୨ ଅଧ୍ୟାପକ ବଦଳରେ ଜଣେ ରହିଛନ୍ତି।

ବ୍ରହ୍ମବରଦା ଏକ ମୁସଲମାନ ବହୁଳ ଅଞ୍ଚଳ ହୋଇଥିବାରୁ ଉକ୍ତ ଉଚ୍ଚ ବିଦ୍ୟାଳୟରେ ଉର୍ଦ୍ଦୁରେ ମୁସଲିମ ଛାତ୍ରୀଛାତ୍ର ପଢୁଥିବାବେଳେ ଏହି ବିଷୟରେ ଜଣେ ହେଲେ ଅଧ୍ୟାପକ ନାହାନ୍ତି। କ୍ରୀଡ଼ା ଅଧ୍ୟାପକଙ୍କ ଅବସର ପରେ ଉକ୍ତ ପଦବୀ ବହୁଦିନ ହେବ ଫାଙ୍କା ପଡ଼ିଛି। ସେହିପରି ଲାଇବ୍ରେରିରେ କୌଣସି କର୍ମଚାରୀ ନାହାନ୍ତି। ଅଫିସ କାର୍ଯ୍ୟ ପାଇଁ ୪ ଜଣ ହେଡ୍ କ୍ଲର୍କଙ୍କ ଆବଶ୍ୟକ ସ୍ଥଳରେ ୨ ଅଛନ୍ତି। ୫ ଜଣ ପିଅନଙ୍କ ବଦଳରେ ୨ ଜଣ ଅଛନ୍ତି। ଛାତ୍ରୀମାନଙ୍କ ପାଇଁ ଜଣେ ମହିଳା ପରିଚାଳକଙ୍କ ରହିବା କଥା। ତାହା ନାହିଁ। ସୁଇପର ପଦବୀ ଫାଙ୍କା ପଡ଼ିଛି। ଏହିପରି ମୋଟ ୧୯ଜଣ ଅଧ୍ୟାପକଙ୍କ ସହ କର୍ମଚାରୀଙ୍କ ଅଭାବ ଯୋଗୁ ଶିକ୍ଷାଦାନ କ୍ଷେତ୍ରରେ ବଡ଼ ସମସ୍ୟା ସୃଷ୍ଟି କରିଛି।

୮ଟି ଶ୍ରେଣୀରେ ଶିକ୍ଷାଦାନ ବଡ଼ ସମସ୍ୟା ପାଲଟିଛି। ବିଦ୍ୟାଳୟର ଗୋଟିଏ ପାର୍ଶ୍ୱ ପାଚେରି ଭାଙ୍ଗିଗଲାଣି। ଛାତ୍ରମାନଙ୍କ ପାଇଁ କମନ ରୁମନାହିଁ। ସ୍ୱତନ୍ତ୍ର ଲାଇବ୍ରେରୀ ନାହିଁ। ଛାତ୍ରୀଛାତ୍ରଙ୍କ ପାଇଁ ଖେଳ ପଡ଼ିଆ କି ଆବଶ୍ୟକ ପରିମାଣର ଖେଳ ସରଞ୍ଜାମ ନାହିଁ। ବିଜ୍ଞାନ ଛାତ୍ରୀଛାତ୍ରୀଙ୍କ ପାଇଁ ଆବଶ୍ୟକ ଗବେଷଣା ଯନ୍ତ୍ରାଂଶର ଆବଶ୍ୟକ କଣ ରହିଛି। ଛାତ୍ରୀମାନଙ୍କ ପାଇଁ ସ୍ୱଳ୍ପ ପରିମାଣର ଶୌଚାଳୟ ଥିବାବେଳେ ଛାତ୍ରଙ୍କ ପାଇଁ ଶୌଚାଳୟ ନାହିଁ। ଏସବୁ ପୂରଣ ହେଲେ ଏହି ବିଦ୍ୟାଳୟ ବହୁ ଆଗକୁ ଯାଇପାରନ୍ତା ବୋଲି ଗ୍ରାମର ଶିକ୍ଷାବିତ ଆଲ୍ଲାଉଦ୍ଦିନ ଖାଁ, ପଞ୍ଚାନନ ରାଉତ, ଶିଶୁକବି ନିମାଇଁ ଚରଣ ଦାସ ଓ ସାମାଜିକ କର୍ମୀ ପ୍ରଦୀପ ଦାସ ପ୍ରମୁଖ ମତ ରଖିଛନ୍ତି। ଏ ସମ୍ପର୍କରେ ଅଧ୍ୟକ୍ଷ ଅକ୍ଷୟ କୁମାର ସାହୁଙ୍କୁ ପଚାରିବାରୁ ସେ କହିଛନ୍ତି, ଏହି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଜାତୀୟସ୍ତରରେ ବ୍ରହ୍ମବରଦାର ଟେକ ରଖିଥିବା ଛାତ୍ରୀଛାତ୍ରଙ୍କୁ ତିଆରି କରିଛି। ଏବେ ଏହି ସବୁ ସମସ୍ୟା ବହୁ ଅସୁବିଧାର ପକାଉଛି। ସରକାର ତୁରନ୍ତ ଶ୍ରେଣୀଗୃହ ନିର୍ମାଣ କରିବା ସହ ଅଧ୍ୟାପକ, କର୍ମଚାରୀ ଯୋଗାଇ ଦେଲେ ସମସ୍ୟାର ସମାଧାନ ହେବ।




# ଚଣ୍ଡିଖୋଲ ଛକରୁ ହଟିବ ଅବରୋଧ

**ଚଣ୍ଡିଖୋଲ/ବଡ଼ଚଣା,୧୦।୮(ପ୍ରଦୀପ୍ତ କୁମାର ପୃଷ୍ଟି/ଦିଲୀପ କୁମାର ମହାନ୍ତି):**

୫୩ନଂ. ଜାତୀୟ ରାଜପଥର ଚଣ୍ଡିଖୋଲଠାରୁ ଦୁବୁରୀ ପର୍ଯ୍ୟନ୍ତ ୬ ଥାକିଆ ରାସ୍ତା ନିର୍ମାଣ ହେବ। ସେହିପରି ଚଣ୍ଡିଖୋଲରୁ ପାରାଦୀପ ୮ ଥାକିଆ ରାସ୍ତା ନିର୍ମାଣ କାର୍ଯ୍ୟ ଏବେ ଚାଲୁରହିଛି। ଉଭୟ ରାସ୍ତା ୫୩ନଂ. ଜାତୀୟ ରାଜପଥ ଅଧୀନରେ ରହିଛି। ରାସ୍ତା ସମ୍ପ୍ରସାରଣ କାର୍ଯ୍ୟ ପାଇଁ ଚଣ୍ଡିଖୋଲ ଛକରେ ଜାତୀୟ ରାଜପଥ କଡ଼ରେ ଅସ୍ଥାୟୀ ଦୋକାନ କରିଥିବା ବ୍ୟବସାୟୀମାନଙ୍କୁ ହଟାଯିବ। ଜାତୀୟ ରାଜପଥ କର୍ତ୍ତୃପକ୍ଷ ସ୍ଥାନ ଚିହ୍ନଟ କରିବା ପରେ ଏହି ଅବରୋଧକୁ ହଟାଇ ଦିଆଯିବ। ଚଣ୍ଡିଖୋଲ ଛକରେ ଦୁଇଟି ନୂତନ ପୋଲ ନିର୍ମାଣ ହେବ। ୧୬ନଂ. ଜାତୀୟ ରାଜପଥର କଟକ-ବାଲେଶ୍ୱର ରାସ୍ତା ବନ୍ଦ ରହିବ। ଯାତାୟାତ ପାଇଁ ଅସ୍ଥାୟୀ ରାସ୍ତା ନିର୍ମାଣ ହେବ। କେନ୍ଦ୍ରାପଡ଼ା ପଟକୁ ଯିବାକୁ ଥିବା ବସ୍‌ଷ୍ଟାଣ୍ଡ ସମ୍ମୁଖରେ ଥିବା ଖାଲକୁ ପୋତିବାକୁ ପଡିବ। ଏହି ଖାଲଗୁଡିକ ପୋତିବା ପରେ ଏଠାରେ ଅସ୍ଥାୟୀ ଦୋକାନୀମାନଙ୍କୁ ଭେଣ୍ଡିଂ ଜୋନ ମାଧ୍ୟମରେ ଜାଗା ଦିଆଯିବ। ସେଥିପାଇଁ ବିଭାଗୀୟ ଅଧିକାରୀମାନେ କ୍ଷେତ୍ର ପରିଦର୍ଶନ କରି ସାରିଛନ୍ତି। ଏନେଇ ଚଣ୍ଡିଖୋଲ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପରିସରରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଯାଜପୁର ନୂତନ ଜିଲାପାଳ ପି. ଅନ୍ୱେଷା ରେଡ୍ଡି ଏଥିରେ ଯୋଗଦେଇ ତୁରନ୍ତ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ କରିବାକୁ ଦର୍ପଣ ତହସିଲଦାର ଓ ଚଣ୍ଡିଖୋଲ ଆଞ୍ଚଳିକ ପରିବହନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ଦର୍ପଣ ତହସିଲଦାର ମାନସ ରଞ୍ଜନ ତ୍ରିପାଠୀ, ଆରଟିଓ ସମ୍ବିତ କୁମାର, ଜାତୀୟ ରାଜପଥ ସହକାରୀ ଯନ୍ତ୍ରୀ ମନୋଜ କୁମାର, ବିଶ୍ୱପ୍ରକାଶ ତ୍ରୀପାଠୀ, ସରପଞ୍ଚ ଅଞ୍ଜୁଲତା ସ୍ୱାଇଁ, ଅସ୍ଥାୟୀ ବଣିକ ସଂଘ ସଭାପତି ମହେଶ୍ୱର ବଳ, ସମ୍ପାଦକ ସଞ୍ଜୟ ସ୍ୱାଇଁ, ସ୍ଥାୟୀ ବଣିକ ସଂଘ ସଭାପତି କ୍ଷୀରୋଦ ମହଲା ଓ ପୂର୍ବତନ ସରପଞ୍ଚ ଅକ୍ଷୟ କୁମାର ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ।


ଅଧିକାରୀମାନେ ଚଣ୍ଡିଖୋଲ ଛକ ପରିଦର୍ଶନ କରୁଛନ୍ତି।

## ପାଣିରେ ବୁଡ଼ି ସପ୍ତମ ଶ୍ରେଣୀ ଛାତ୍ର ମୃତ

**ଡେରାବିଶ,୧୦।୮(ବେବର୍ତ୍ତା ଅଜୟ ଦାସ)**

କେନ୍ଦ୍ରାପଡ଼ା ସଦର ଥାନା ଚାନ୍ଦୋଳ ଫାଣ୍ଡି ଡେରାବିଶ ବ୍ଲକ୍ ଚାନ୍ଦୋଳ ପଞ୍ଚାୟତ ପନାପଡ଼ା ଗ୍ରାମ ପାଖଦେଇ ବହିଯାଇଥିବା ୧୯ନଂ. ଡ୍ରେନେଜ୍‌କଟ୍‌ରେ ଶନିବାର ସନ୍ଧ୍ୟାରେ ବୁଡ଼ି ଜଣେ ଛାତ୍ରଙ୍କ ମୃତ୍ୟୁ ଘଟିଛି। ମୃତକ ଜଣକ ହେଉଛନ୍ତି ପନାପଡ଼ା ଗ୍ରାମର ପ୍ରଭାତ କୁମାର ବିଶ୍ୱାଳଙ୍କ ପୁଅ ପାର୍ଥ ମହର୍ଷି (୧୨) । ଶନିବାର ଅପରାହ୍ନରେ ପାର୍ଥ ଟ୍ୟୁଶନ ଯିବା ପୂର୍ବରୁ ନିକଟସ୍ଥ ଡ୍ରେନେଜକଟ୍‌କୁ ଶୌଚ ପାଇଁ ଯାଇଥିଲେ। ଶୌଚ ସମୟରେ ଡ୍ରେନେଜକଟ୍‌ର ଗଭୀର ଜଳକୁ ସେ ଖସି ପଡ଼ିଥିଲେ । ପାର୍ଥ ଘରକୁ ନ ଫେରିବାରୁ ପରିବାର ଲୋକ ଖୋଜାଖୋଜି କରିଥିଲେ।। ତାଙ୍କ ସାଇକେଲ୍ ଓ ଚପଲ ଡ୍ରେନେଜକଟ୍ ତୁଠ ନିକଟରେ ଥିବା ଦେଖିବାକୁ ମିଳିଥିଲା । ସନ୍ଦେହରେ ଡ୍ରେନେଜକଟ୍‌ରେ ଗ୍ରାମବାସୀ ପଶି ଖୋଜିଥିଲେ। ତାଙ୍କୁ ଅଚେତ ଅବସ୍ଥାରେ ଉଦ୍ଧାରକରି ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଥିଲା । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ପାର୍ଥ ନୂଆପଡ଼ା ପ୍ରାଥମିକ ବିଦ୍ୟାଳୟର ସପ୍ତମ ଶ୍ରେଣୀ ଛାତ୍ର ଥିଲେ ।



ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ଅଭୟ


@ ଦେବୀପ୍ରସାଦ


@ ଜୀବନଜ୍ୟୋତି


@ ସୁକାନ୍ତି

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଦୋକାନରେ ପଶି ବ୍ୟବସାୟୀଙ୍କୁ ବାଂଲାଦେଶୀ କହି ଆକ୍ରମଣ

## ଥାନାରେ ୨ ପୃଥକ୍ ମାମଲା ରୁଜୁ

**ରାଜନଗର,୧୦।୮ (ଭାସ୍କର ରାଉତରାୟ):**

ପଡ଼ୋଶୀ ବାଂଲାଦେଶରେ ରାଜନୈତିକ ସଙ୍କଟ ସାଙ୍ଗକୁ ଆନ୍ଦୋଳନକାରୀମାନେ ଉଗ୍ର ହୋଇ ହିଂସା ଜାରି ରଖିଛନ୍ତି। ସେଠାକାର ନିରୀହ ହିନ୍ଦୁମାନଙ୍କୁ ଅକଥନୀୟ ନିର୍ଯାତନା, ପାଶବିକ ଅତ୍ୟାଚାର ଚରମ ସୀମାରେ ପହଞ୍ଚିଛି। ଏହାକୁ ନେଇ ଭାରତର ସଂସଦରେ ମଧ୍ୟ ଉଦ୍‌ବେଗ ପ୍ରକାଶ ପାଇଛି। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ରାଜନଗର ବାସିନ୍ଦା ବାଙ୍ଗଭାଷୀ ବ୍ୟବସାୟୀଙ୍କୁ ଦୋକାନ ଭିତରେ ମରଣାନ୍ତକ ଆକ୍ରମଣ କରାଯାଇଥିବା ରାଜନଗର ଥାନାରେ ଲିଖିତ ଅଭିଯୋଗ ହୋଇଛି। ଏଥିରେ ସମ୍ପୃକ୍ତ ବ୍ୟବସାୟୀ ଓ ତାଙ୍କ ପୁଅ ଆହତ ହୋଇଛନ୍ତି।

ଅଭିଯୋଗ ଅନୁଯାୟୀ, ରାଜନଗର ଗ୍ରାମର ସଦାନନ୍ଦ ମଣ୍ଡଳ ତାଙ୍କ ପରିବାର ସହ ବହୁ ବର୍ଷରୁ ରହି ଆସୁଛନ୍ତି । ସେ ଲକ୍ଷ୍ମୀନାରାୟଣ ବଜାରରେ ଲୁହା ସାମଗ୍ରୀ ଦୋକାନ କରି ପରିବାର ପ୍ରତିପୋଷଣ କରୁଛନ୍ତି। ଶୁକ୍ରବାର ସନ୍ଧ୍ୟାରେ ସେହି ଗ୍ରାମର ଜୀବନ ସେଠୀ ତାଙ୍କ ସାଙ୍ଗ ତଥା ରାଜନଗର ଥାନା କୋଇଲିପୁର ପଞ୍ଚାୟତ ତେତେଲଙ୍ଗା ଗ୍ରାମର ଶ୍ରୀଧର ମଳିକ ତାଙ୍କ ଦୋକାନରେ ପହଞ୍ଚି ତୁମେ ବାଂଲାଦେଶୀ, ଆଧାର କାର୍ଡ ଦେଖାଅ, ନଚେତ୍ ଏଠୁ ଛାଡି ପଳାଅ ବୋଲି କହିଥିଲେ । ଏହାପରେ ତୁମେ ଚାନ୍ଦା ଦିଅ କହି ଗାଳିଗୁଲଜ କରିଥିଲେ। ଏହାକୁ ସଦାନନ୍ଦ ଓ ତାଙ୍କ ପୁଅ ବିରୋଧ କରିଥିଲେ । ହେଲେ ଜୀବନ ଓ ଶ୍ରୀଧର ଉଭୟଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ ବୋଲି ସଦାନନ୍ଦଙ୍କ ସ୍ତ୍ରୀ କବିତା ମଣ୍ଡଳ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏନେଇ ପୋଲିସ ଏକ ମାମଲା(ନଂ.୩୦୪/୨୪) ରୁଜୁ କରି ତଦନ୍ତ ଆରମ୍ଭ କରିଛି । ଅପରପକ୍ଷେ ସୀତା ସେଠୀଙ୍କ ଲିଖିତ ଅଭିଯୋଗକୁ ଭିତ୍ତି କରି ପୋଲିସ ଅନ୍ୟ ଏକ ମାମଲା(ନଂ.୩୦୩/୨୪) ରୁଜୁ କରିଛି ବୋଲି ଆଇଆଇସି ଅଜୟ କୁମାର ଜେନା ସୂଚନା ଦେଇଛନ୍ତି।

# ରୋଗୀଙ୍କୁ ଗୁଣାତ୍ମକ ଚିକିତ୍ସା ସେବା ଯୋଗାଇଦିଅ: ମନ୍ତ୍ରୀ ସମ୍ପଦ

**୩ ସ୍ୱାସ୍ଥ୍ୟକେନ୍ଦ୍ରର ସ୍ୱାସ୍ଥ୍ୟ ସେବା ସମ୍ପର୍କିତ ସମୀକ୍ଷା**

- ଭିତ୍ତିଭୂମି ଓ କର୍ମଚାରୀ ଅଭାବ

**କୁଜଙ୍ଗ, ୧୦।୮(ମନୋଜ ପ୍ରଧାନ):**

କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସଭାଗୃହରେ ପାରାଦୀପ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ କୁଜଙ୍ଗ, ମଣିଜଙ୍ଗା ଗୋଷ୍ଠୀସ୍ୱାସ୍ଥ୍ୟକେନ୍ଦ୍ର ଓ ପାରାଦୀପ ଅଠରବାଙ୍କୀସ୍ଥିତ ବିଜୁ ସ୍ମାରକୀ ଡାକ୍ତରଖାନାର ସ୍ୱାସ୍ଥ୍ୟସେବା ଓ ଭିତ୍ତିଭୂମି ସମ୍ପର୍କରେ ପାରାଦୀପ ବିଧାୟକ ତଥା ଶିଳ୍ପମନ୍ତ୍ରୀ ସମ୍ପଦ ସ୍ୱାଇଁ ସମୀକ୍ଷା କରିଛନ୍ତି। ଏନେଇ କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସଭାଗୃହରେ ଆୟୋଜିତ ବୈଠକରେ ମନ୍ତ୍ରୀ ସମ୍ପଦ ଯୋଗଦେଇ ଗୁଣାତ୍ମକ ଚିକିତ୍ସା ଉପରେ ଗୁରୁତ୍ୱାରୋପ କରିଥିଲେ। ସେ ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତରଙ୍କ ସଂଖ୍ୟା ଓ ଭିତ୍ତିଭୂମି ସମ୍ପର୍କରେ ପଚାରି ବୁଝିଥିଲେ । ସେଠାରେ ଉପସ୍ଥିତ ଥିବା ୩ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀକ୍ଷକମାନେ ଭିତ୍ତିଭୂମି ଓ କର୍ମଚାରୀଙ୍କ ଅଭାବ ଗୁଣାତ୍ମକ ଚିକିତ୍ସା ଯୋଗାଇ ଦେବାରେ ଅନ୍ତରାୟ ସୃଷ୍ଟି କରୁଥିବା କହିଥିଲେ।

ସେମାନଙ୍କ ଅଭିଯୋଗ ଅନୁଯାୟୀ, ଜଣେ କର୍ମଚାରୀ ଅବସର ନେବା ପରେ ଉକ୍ତ ସ୍ଥାନରେ ସରକାର ନୂଆ ନିଯୁକ୍ତି ଦେଉନାହାନ୍ତି। ପାରାଦୀପ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଅଧୀକ୍ଷକ ଡା. ବସନ୍ତ ରାଉତ କହିଥିଲେ, ଅଠରବାଙ୍କୀ ଡାକ୍ତରଖାନା ଜିଲାର ଦ୍ୱିତୀୟ ବ୍ୟସ୍ତବହୁଳ ଡାକ୍ତରଖାନା। ପାରାଦୀପ ଏକ ଶିଳ୍ପ ବହୁଳ ଅଞ୍ଚଳ ହୋଇଥିବାରୁ ଏଠାରେ ପ୍ରତ୍ୟହ ଦୁର୍ଘଟଣାମାନ ଘଟୁଛି। ଦୁର୍ଘଟଣାଗ୍ରସ୍ତମାନଙ୍କୁ କମ୍ପାନୀ ଲୋକମାନେ ଆଣି ଡାକ୍ତରଖାନାରେ ଛାଡ଼ିଦେଇ ଯାଉଛନ୍ତି। ସେମାନଙ୍କ ନିକଟରେ କେହି ନିଜର ସହାୟକ ରହୁନାହାନ୍ତି । ଡାକ୍ତରଖାନାରେ ଆଟେଣ୍ଡାଣ୍ଟଙ୍କ ସଂଖ୍ୟା କମ୍‌ଥିବାରୁ ଏଭଳି ସ୍ଥିତିରେ ବହୁତ ହଟହଟା ହେବାକୁ ପଡୁଛି । ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକରେ ଭିତ୍ତିଭୂମିର ଅଭାବ ରହିଛି। ଯେଉଁଠି ଏମ୍‌ବିବିଏସ୍ ଡାକ୍ତରମାନେ ଯୋଗ ଦେଉଛନ୍ତି, ୨ରୁ ୩ ମାସ କାର୍ଯ୍ୟ କଳାପରେ ଉଚ୍ଚ ଶିକ୍ଷା ପାଇଁ ପଳାଉଛନ୍ତି । ଫଳରେ ଗୁଣାତ୍ମକ ଚିକିତ୍ସାଦେବା ସମ୍ଭବ ହେଉନାହିଁ । ଯେଉଁଠାରେ ଶବ ସେଣ୍ଟର ଗୃହ ନିର୍ମାଣ କରାଯାଉଛି ସେ ଜାଗାର ପଟ୍ଟା ନ ଥିବାରୁ ବିଦ୍ୟୁତ୍ ସଂଯୋଗ ହୋଇ ପାରୁନାହିଁ ବୋଲି ମନ୍ତ୍ରୀଙ୍କ ଦୃଷ୍ଟିଆକର୍ଷଣ କରିଥିଲେ। ସମୀକ୍ଷା ବୈଠକରେ ଉପସ୍ଥିତ ବୁଦ୍ଧିଜୀବୀ ଓ ନିର୍ବାଚିତ ପ୍ରତିନିଧିମାନେ ଅଭିଯୋଗ କରିଥିଲେ ଯେ, ଡାକ୍ତରମାନେ ନିୟମିତଭାବେ ଡାକ୍ତରଖାନା ଆସୁନାହାନ୍ତି । କୁଜଙ୍ଗ ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରରେ ନିଯୁକ୍ତ ପାଇଥିବା ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞା ସପ୍ତାହକୁ ୨ଦିନ ଆସୁଛନ୍ତି । ଡେଲିଭରି ସମୟରେ ଡାକ୍ତର ନ ଥିବାରୁ ବିଭିନ୍ନ ଆଳଦେଖାଇ ଜଗତ୍‌ସିଂହପୁରକୁ ପଠାଇ ଦେଉଛନ୍ତି। ଡାକ୍ତରମାନେ ପାଳିକରି ଡାକ୍ତରଖାନାକୁ ଆସୁଛନ୍ତି ବୋଲି ଅଭିଯୋଗ କରିଥିଲେ।

ସମସ୍ତ ବିଷୟ ଶୁଣିବାପରେ ମନ୍ତ୍ରୀ ସମ୍ପଦ କହିଥିଲେ, ଡାକ୍ତର ଅଭାବ ରାଜ୍ୟର ସମସ୍ୟା। ଯେତିକି ଡାକ୍ତର ଅଛନ୍ତି, ସେମାନେ ଘରେ ରୋଗୀ ନ ଦେଖି ଡାକ୍ତରଖାନାରେ ଦେଖିବାକୁ ପରାମର୍ଶ ଦେଇଥିଲେ । ଅନ୍ୟପଟେ ଯେଉଁ ଡାକ୍ତରମାନେ ଡାକ୍ତରଖାନା ଆସୁନାହାନ୍ତି ସେମାନଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ନେବାକୁ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଗରିବ ଲୋକମାନେ ଏକ୍ସରେ ଓ ଅଲଟ୍ରାସାଉଣ୍ଡ ପାଇଁ ଖର୍ଚ୍ଚାନ୍ତ ନହେବା ନିମନ୍ତେ ଭାରତୀୟ ତୈଳନିଗମ ପକ୍ଷରୁ ଏହା ଯୋଗାଇଦେବା ପାଇଁ ତୈଳନିଗମ ଅଧିକାରୀମାନଙ୍କୁ କହିଥିଲେ । ସେଠାରେ ଉପସ୍ଥିତ ଥିବା ତୈଳନିଗମର ସାଧାରଣ ପରିଚାଳକ (ମାନବ ସମ୍ବଳ) ମମତା ସାହୁ କହିଥିଲେ, ଗୃହ ନିର୍ମାଣ ଓ କର୍ମଚାରୀ ନିଯୁକ୍ତି ପାରିପାର୍ଶ୍ୱିକ ଉନ୍ନୟନ ପାଣ୍ଠିରୁ ହୋଇପାରିବ ନାହିଁ, ଯାହାସବୁ ଯନ୍ତ୍ରପାତି ଆବଶ୍ୟକ ତା'ର ଲିଷ୍ଟ ଦିଆଗଲେ ପର୍ଯ୍ୟାୟକ୍ରମେ ପୂରଣ କରାଯିବ ବୋଲି କହିଥିଲେ। ମନ୍ତ୍ରୀ ସମ୍ପଦ ଆବଶ୍ୟକ ଯନ୍ତ୍ରପାତି ସମ୍ପର୍କରେ ଜଣାଇବାକୁ ଅଧୀକ୍ଷକମାନଙ୍କୁ କହିଥିଲେ ।

ବୈଠକରେ କୁଜଙ୍ଗ ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରର ଅଧୀକ୍ଷକ ଡା. ପ୍ରସନ୍ନ ପଣ୍ଡା ଅଧ୍ୟକ୍ଷତା କରିଥିବା ବେଳେ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଶତ୍ରୁଘନ ଦାସ, ମଣିଜଙ୍ଗା ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରର ଅଧୀକ୍ଷକ ଡା. ଶୁଭ୍ରଜ୍ୟୋତି ମହାନ୍ତି, ତୈଳନିଗମ ଡିଜିଏମ (ସିଏସଆର) ବିଦ୍ୟୁତ୍ ପ୍ରକାଶ ସୁବୁଦ୍ଧି ଯୋଗଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ କୁଜଙ୍ଗ ସରପଞ୍ଚ ବନ୍ଦିତା ଦାସ, ଗୋପିଆକୁଦ ସରପଞ୍ଚ ଶ୍ରୀନିବାସ ସ୍ୱାଇଁ, ଭୂତମୁଣ୍ଡାଇ ସରପଞ୍ଚ ରୋହିତ ଜେନା, ପ୍ରଜ୍ଞାଦୀପ୍ତ ପଟ୍ଟନାୟକ, ତପନ ତ୍ରିପାଠୀ, ଦୁଷ୍ମନ୍ତ ନାଥଶର୍ମା ପ୍ରମୁଖ ଉପସ୍ଥିତ ଥିଲେ।



ଆୟୋଜିତ ସମୀକ୍ଷା ବୈଠକରେ ମନ୍ତ୍ରୀ ସମ୍ପଦ ସ୍ୱାଇଁ ଉଦ୍‌ବୋଧନ ଦେଉଛନ୍ତି।

# ଲଗାଣ ବର୍ଷା ପରେ ଚାଷକାର୍ଯ୍ୟ ଆରମ୍ଭ

ଖଣ୍ଡପଡ଼ା,୧୦।୮
(ଅଜୟ କୁମାର ମହାରଣା)

ଗତ ୪ଦିନ ଧରି ଖଣ୍ଡପଡ଼ା ଓ ଏହାର ଆଖପାଖ ଅଞ୍ଚଳରେ ଲଗାଣ ବର୍ଷା ଯୋଗୁଁ ଚାଷ କାର୍ଯ୍ୟ ଆରମ୍ଭ ହେବା ସହ ଚାଷୀଙ୍କ ମୁହଁରେ ହସ ଫୁଟିଛି । ଲଗାଣ ବର୍ଷା ଫଳରେ ଚାଷ ଜମିରେ ଧାନ ତଳି ରୁଆ ସହ ଡିପ ଜମିରେ ତଳିପକା କାର୍ଯ୍ୟରେ ଚାଷୀ ଭାଇ ଲାଗି ପଡିଛନ୍ତି । ଖାଲୁଆ ଅଞ୍ଚଳରେ ଥିବା ଶତାଧିକ ହେକ୍ଟର ଚାଷ ଜମିରେ ବର୍ଷା ପାଣି ଲହଡି ଭାଙ୍ଗୁଛି । କୃଷି ପ୍ରଧାନ ଅଞ୍ଚଳ ଭାବେ ଜଣାଶୁଣା ଖଣ୍ଡପଡ଼ା ବ୍ଲକ୍ ଅଞ୍ଚଳର ୭୦ ପ୍ରତିଶତ ଚାଷୀ ଧାନ ଚାଷ ଉପରେ ନିର୍ଭର କରି ପରିବାର ପ୍ରତିପୋଷଣ କରୁଥିବା କୃଷି ବିଭାଗ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡିଛି । ବର୍ଷା ପରେ ଗଜା ମରୁଡ଼ି ଆଶଙ୍କା ଦୂର ହୋଇଛି।

# ଗାଁରେ ପଶିଲେ ହାତୀପଲ

ଶରଣକୁଳ,୧୦।୮(ଦୀପକ କର)

## ପଞ୍ଚୁରିଡ଼ା ବନାଞ୍ଚଳରୁ ହାତୀ ଘଉଡ଼ାଗଲାନି



ଆଜକୁ ୮ ଦିନ ହେଲା ନୟାଗଡ଼ ଜିଲା ପଞ୍ଚିରିଡା ବନାଞ୍ଚଳ ଅଧୀନ ଜାକେଡା, କୋମଣ୍ଡା, ଦୟାଣାଝରୀ, ଡମସାହି ଆଦି ଗ୍ରାମରେ ନିକଟସ୍ଥ ଜଙ୍ଗଲରୁ ୧୭ଟିକିଆ ହାତୀପଲ ଗାଁ ଭିତରେ ପଶି ଫସଲ ନଷ୍ଟ କରୁଛନ୍ତି । ଏଥିପାଇଁ ସେହି ଅଞ୍ଚଳରେ ଆତଙ୍କ ପ୍ରକାଶ ପାଇଛି । ସନ୍ଧ୍ୟା ହେଲେ ଗ୍ରାମବାସୀ ଭୟଭୀତ ଅବସ୍ଥାରେ ଘର ଭିତରେ ରହୁଛନ୍ତି । ଜରୁରୀ କାମ ଥିଲେ ବି କେହି ପଦାକୁ ବାହାରୁ ନାହାନ୍ତି । ଅନ୍ୟପକ୍ଷେ ହାତୀପଲ ଲକ୍ଷାଧିକ ଟଙ୍କାର ଫସଲ ଖାଇ, ଚଢ଼ି ନଷ୍ଟ କରିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି ।

ରାଜ୍ୟ ସରକାର ଜଙ୍ଗଲରେ ରହୁଥିବା ହାତୀମାନଙ୍କ ଖାଦ୍ୟ ବ୍ୟବସ୍ଥା ନିମନ୍ତେ ଲକ୍ଷାଧିକ ଟଙ୍କା ପ୍ରତିବର୍ଷ ଖର୍ଚ୍ଚ କରୁଛନ୍ତି । ହେଲେ ପଞ୍ଚିରିଡ଼ା ବନାଞ୍ଚଳରେ ଥିବା ବଣୁଆ ହାତୀମାନଙ୍କ ପାଇଁ କୌଣସି ବ୍ୟବସ୍ଥା ନାହିଁ । ଫଳରେ ସେହି ହାତୀମାନେ ଖାଦ୍ୟାଭାବ ଯୋଗୁ ଜନବସତି ମୁହାଁ ହେଉଛନ୍ତି । ଏଥିପାଇଁ ହାତୀ ଓ ମଣିଷଙ୍କ ମଧ୍ୟରେ ଲଢେଇ ଚାଲିଛି । ହାତୀମାନେ ଗାଁମୁହାଁ ହେବା ଦ୍ୱାରା ଗାଁରେ ଥିବା ବାଡି ବଗିଚା ସବୁ ନଷ୍ଟ କରିଦେଉଛନ୍ତି । ଚାଷୀମାନଙ୍କ ଧାନ ତଳି, କଦଳୀ ଗଛ, ବାଇଗଣ ଆଦି ଫସଲ ହାତୀମାନେ ନଷ୍ଟ କରିଛନ୍ତି । ପଞ୍ଚିରିଡା ବନାଞ୍ଚଳର ବନ କର୍ମଚାରୀମାନେ ହାତୀ ଘଉଡାଇବା ପରିବର୍ତ୍ତେ ନିଜ ଘରେ ବସିରହୁଛନ୍ତି । ଅଧିକାଂଶ ବନ କର୍ମଚାରୀ ସରକାରୀ ବାସଗୃହରେ ନ ରହି ନିଜ ବାସଭବନରେ ରହି ଦିନ ବିତାଉଛନ୍ତି। ହାତୀ ଘଉଡାଇବା ପାଇଁ କାହାର ତିଳେ ମାତ୍ର ଆନ୍ତରିକତା ନାହିଁ ବୋଲି ଗ୍ରାମବାସୀ କହିଛନ୍ତି। କେବଳ ସେମାନେ ସରକାରୀ ଗାଡ଼ିରେ ଯାଇ ବୁଲି ଆସୁଛନ୍ତି। ଗ୍ରାମବାସୀ ସନ୍ଧ୍ୟା ହେଲେ ଏକାଠି ହୋଇ ନିଆଁ ହୁଳା ଧରି ହାତୀମାନଙ୍କୁ ଘଉଡାଇବା ପାଇଁ ଚେଷ୍ଟା କରୁଛନ୍ତି । ହାତୀମାନଙ୍କୁ ଘଉଡାଇବା ପାଇଁ ଆବଶ୍ୟକ ସରଞ୍ଜାମ, ବାଣ, ଲାଇଟ୍ ଥିଲେ ମଧ୍ୟ ସେଗୁଡିକୁ କାର୍ଯ୍ୟକାରୀ କରାଯାଉନାହିଁ। ଏ ସମ୍ପର୍କରେ ଡମସାହି ବନପାଳ ଲୋକମାନ୍ ଅଲିଙ୍କୁ ପଚାରିବାରେ ସେ କହିଲେ ମୁଁ ଏବଂ ସ୍କ୍ୱାର୍ଡଙ୍କୁ ଧରି ହାତୀ ଘଉଡାଇବା ପାଇଁ ଯାଇଥିଲି କିନ୍ତୁ ପଞ୍ଚିରିଡା ବନାଞ୍ଚଳ କାର୍ଯ୍ୟାଳୟରୁ ଅନ୍ୟ କୌଣସି ଅଧିକାରୀ ଆସି ନ ଥିଲେ।

ସେଲ୍ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com


@ ଅଭୟ


@ ଦେବୀପ୍ରସାଦ


@ ଜୀବନଜ୍ୟୋତି


@ ସୁକାନ୍ତି

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# କୃମିନାଶକ ଔଷଧ ବଣ୍ଟନ ଆରମ୍ଭ


ଜଣେ ଛାତ୍ରୀଙ୍କୁ କୃମିନାଶକ ଔଷଧ ପ୍ରଦାନ କରାଯାଉଛି ।

ନୟାଗଡ଼,୧୦।୮(ଲୋକନାଥ ମିଶ୍ର)

ନୟାଗଡ଼ ବ୍ଲକ ବଡ଼ପଣ୍ଡୁସର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପକ୍ଷରୁ ଶନିବାର କୃମିନାଶକ ଔଷଧ ବଣ୍ଟନ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏହି କାର୍ଯ୍ୟକ୍ରମ ଆସନ୍ତା ୧୭ ତାରିଖରେ ଶେଷ ହେବ। ଏଥିରେ ସମ୍ପ୍ରସାରଣ ଅଧିକାରୀ ସୁରେନ୍ଦ୍ର ପ୍ରଧାନ ଓ ପ୍ରଭାକର ପଲେଇ ଯୋଗ ଦେଇ କହିଥିଲେ, କୃମି ମୃତ୍ତିକା ମାଧ୍ୟମରେ ସଂକ୍ରମିତ ହୋଇ ମନୁଷ୍ୟ ଶରୀରରେ ପ୍ରବେଶ କରି ଶାରୀରିକ ଏବଂ ଜ୍ଞାନଗତ ବିକାଶରେ କ୍ଷତିସାଧନ କରୁଛି । ଜନ୍ମରୁ ୧୯ ବର୍ଷ ବୟସର ଶିଶୁ, ଗର୍ଭବତୀ ନ ଥିବା ମହିଳା, ୨୦ରୁ ୨୪ ବର୍ଷ ବୟସର ଯୁବତୀ, ପ୍ରଜନନକ୍ଷମ ମହିଳାଙ୍କୁ ଏହି କୃମିନାଶକ ଔଷଧ ବଣ୍ଟନ କରାଯାଉଛି ବୋଲି ଜାତୀୟ ସ୍ୱାସ୍ଥ୍ୟ ମିଶନରେ କାର୍ଯ୍ୟରତ ବ୍ଲକ କାର୍ଯ୍ୟକ୍ରମ ପରିଚାଳିକା ନିବେଦିତ ପ୍ରଧାନ କହିଥିଲେ । ସୂଚନାଯୋଗ୍ୟ, କୃମିନାଶକ ଔଷଧ ଆଲବେଣ୍ଡାଜୋଲ ସେବନ କରିବା ଦ୍ୱାରା ପିଲାମାନଙ୍କର ନିରାପଦ ଜୀବନ ଯାପନ ସହିତ ଶିକ୍ଷା, ରୋଜଗାର ଏବଂ ଦୀର୍ଘକାଳୀନ ସୁସ୍ଥତାର ସୂଚକାଙ୍କ ଫଳାଫଳଗୁଡିକରେ ଉଲ୍ଲେଖନୀୟ ଉନ୍ନତି ଆସିଥାଏ । ଅଙ୍ଗନୱାଡି କେନ୍ଦ୍ର ଓ ବିଦ୍ୟାଳୟରେ ଏହି କୃମିନାଶକ ଔଷଧ ବଣ୍ଟନ କରୁଥିବା ଶିକ୍ଷକ, ସ୍ୱାସ୍ଥ୍ୟକର୍ମୀ, ଅଙ୍ଗନୱାଡି କର୍ମୀ ଆଦିଙ୍କୁ ଜନସାଧାରଣ ଆବଶ୍ୟକ ସହଯୋଗ କରିବା ପାଇଁ ଅନୁରୋଧ କରିଛନ୍ତି। କୁଜବନ ପ୍ରଧାନ, ମମତା ସାମନ୍ତରା, ଦୀପକ ଦଳବେହେରା ଓ ସ୍ୱାସ୍ଥ୍ୟ କେନ୍ଦ୍ର ଏବଂ ସ୍କୁଲର ସମସ୍ତ କର୍ମଚାରୀ ଓ ଅଧିକାରୀ ଉପସ୍ଥିତ ଥିଲେ ।

# ଶ୍ରବଣବାଧିତଙ୍କୁ ଶ୍ରବଣ ଉପକରଣ ବଣ୍ଟନ ଶିବିର

ନୂଆଗାଁ,୧୦।୮(ଧନେଶ୍ୱର ସାହୁ)

## ଭତ୍ତା କଟିଯିବା ଭୟରେ ଫେରିଗଲେ ଜାଲ୍ ଶ୍ରବଣ ବାଧିତ


ଶ୍ରବଣବାଧିତଙ୍କୁ ଡାକ୍ତର ପରୀକ୍ଷା କରୁଛନ୍ତି ।

ନୟାଗଡ ଜିଲା ନୂଆଗାଁ ବ୍ଲକ ପରିସରରେ ଶନିବାର ଶବଣ ବାଧିତଙ୍କୁ ଶ୍ରବଣ ଉପକରଣ ବଣ୍ଟନ ଶିବିର ଅନୁଷ୍ଠିତ ହୋଇ ଯାଇଛି । ଶିବିରକୁ ଅନେକ ଜାଲ ଭିନ୍ନକ୍ଷମ ବ୍ୟକ୍ତି ଆସିଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ଶିବିର ଛାଡି ପଳାଇ ଯାଇଥିଲେ।

ସରକାର ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଜରିଆରେ ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ସକ୍ଷମ କରାଇବାର ପ୍ରୟାସ ଜାରି ରଖିଛନ୍ତି । ସେହି କ୍ରମରେ ଶ୍ରବଣ ବାଧିତ ବ୍ୟକ୍ତିମାନଙ୍କୁ ଶ୍ରବଣ ଉପକରଣ ଯୋଗାଇ ଦେବାର କାର୍ଯ୍ୟକ୍ରମ କରାଯାଇଛି। ନୂଆଗାଁ ବ୍ଲକ ପ୍ରଶାସନ ଦ୍ୱାରା ଏବଂ ବ୍ଲକ ସାମାଜିକ ସୁରକ୍ଷା ବିଭାଗ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ନୂଆଗାଁ ବ୍ଲକର ୧୪୯ ଜଣ ଶ୍ରବଣ ବାଧିତ ଭିନ୍ନକ୍ଷମ ବ୍ୟକ୍ତି ପଞ୍ଜିକରଣ କରିଥିଲେ । ସେମାନଙ୍କ ମଧ୍ୟରୁ ୧୧୩ଜଣଙ୍କୁ ଶ୍ରବଣଯନ୍ତ୍ର ପ୍ରଦାନ କରାଯାଇଥିଲା । ପଞ୍ଜିକୃତ ବ୍ୟକ୍ତିମାନଙ୍କୁ ବିଭାଗୀୟ ଡାକ୍ତରଙ୍କ ଦ୍ୱାରା ପରୀକ୍ଷା କରାଯାଇ ଶ୍ରବଣ ଉପକରଣ ଯୋଗାଇ ଦିଆଯାଇଥିଲା । ନୂଆ ସରକାର ଭତ୍ତା ବଢାଇବା ନେଇ କାର୍ଯ୍ୟକ୍ରମ ହେଉଥିବା ଗୁଜବ ଶୁଣି ଅନେକ ଜାଲ ଶ୍ରବଣ ବାଧିତ ହିତାଧିକାରୀ ଶିବିରରେ ପହଞ୍ଚି ଥିଲେ । ତେବେ ପ୍ରତ୍ୟେକ ହିତାଧିକାରୀଙ୍କର ଶ୍ରବଣ ପରୀକ୍ଷା କରାଯିବା କଥା ଶୁଣିବା ପରେ ସେମାନଙ୍କର ଜାଲିଆତି ଧରା ପଡିଲେ ଭତ୍ତା କଟିଯିବା ଭୟରେ ଅନେକ ଶିବିର ଛାଡି ପଳାଇ ଥିଲେ । ଏହି କାର୍ଯ୍ୟକ୍ରମକୁ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଆଦିପତି କହଁର, ନୂଆଗାଁ ବ୍ଲକ ଚେୟାରମ୍ୟାନ, ନୂଆଗାଁ ବିଡିଓ ବାସୁଦେବ ନାୟକ ପ୍ରମୁଖ ଉଦ୍‌ଘାଟନ କରିଥିଲେ । ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା ପହଞ୍ଚି ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ଶ୍ରବଣ ଉପକରଣ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମରେ ଅଡିଓଲୋଜିଷ୍ଟ ନିଷ୍ଠାରଞ୍ଜନ ଦାଶ, ପ୍ରଭାତ କୁମାର ନାଥ, ଲକ୍ଷ୍ମୀପ୍ରିୟା ମଲିକ, ଆସିଷ୍ଟାଣ୍ଟ ଅଡିଓଲୋଜିଷ୍ଟ ପଲ୍ଲବୀ ବଡପଣ୍ଡା ପ୍ରମୁଖ ଯୋଗ ଦେଇ ଥିବା ବେଳେ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସ୍ୱର୍ଣ୍ଣସାରିକା ଜେନା, ବିଭାଗ କନିଷ୍ଠ ରଘୁନାଥ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ହରିଣର ପିଛାକରି ବନ ବିଭାଗ,ପୋଲିସ ନାକେଦମ

ଖଣ୍ଡପଡ଼ା,୧୦।୮(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ସହର ସନ୍ନିକଟ ସୁନାମୁହିଁ ପରିବେଶ ପର୍ଯ୍ୟଟନସ୍ଥଳୀ ପରିସରକୁ ନିକଟସ୍ଥ ସଂରକ୍ଷିତ ଜଙ୍ଗଲରୁ ଏକ ହରିଣ ଶନିବାର ମଧ୍ୟାହ୍ନରେ ଚାଲି ଆସିଥିଲା। ଜନସାଧାରଣଙ୍କ ନଜରକୁ ହରିଣଟି ଆସିବା ପରେ କେତେଜଣ ଅସାମାଜିକ ବ୍ୟକ୍ତି ହରିଣଟିକୁ ପିଛାକରିବାରୁ ହରିଣଟି ଏଣେତେଣେ ଦୌଡିଥିଲା। ପରେ ଜୀବନ ବିକଳରେ ହରିଣଟି ସୁନାମୁହିଁ ଜଳଭଣ୍ଡାରରେ ପହଁରୁ ଥିବା ବେଳେ ଖବର ପାଇ ବନ ବିଭଗ ଓ ପୋଲିସ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ପୋଲିସ ଓ ବନ ବିଭାଗ ଅଧିକାରୀଙ୍କୁ ଦେଖି ଅସାମାଜିକ ବ୍ୟକ୍ତିମାନେ ସେଠାରୁ ପଳାଇ ଯାଇଥିଲେ। ପରେ ସୁରକ୍ଷିତ ଅବସ୍ଥାରେ ହରିଣଟି ସଂରକ୍ଷିତ ଜଙ୍ଗଲ ମଧକୁ ଚାଲି ଯାଇଥିବା ଖଣ୍ଡପଡ଼ା ବନପାଳ ସନାତନ ସ୍ୱାଇଁ କହିଛନ୍ତି। ସୂଚନାଯୋଗ୍ୟ ସଂରକ୍ଷିତ ଜଙ୍ଗଲ ମଧରୁ ବିଭିନ୍ନ ସମୟରେ ବନ୍ୟଜନ୍ତୁ ଜନବସତି ଅଞ୍ଚଳକୁ ଚାଲିଆସି ଜନସାଧାରଣଙ୍କ ହାବୁଡରେ ପଡୁଥିବା ନଜିର ରହିଛି।

# ବର୍ଷା ପବନରେ ଭାଙ୍ଗିଗଲା ବିଜିପୁର ବସ୍‌ଷ୍ଟପ୍


ଭାଙ୍ଗିପଡ଼ିଥିବା ବସ୍‌ଷ୍ଟପ୍ ସେଡ୍।

ନୟାଗଡ଼,୧୦।୮(ଲୋକନାଥ ମିଶ୍ର)

## ମରାମତି ହୋଇ ନ ଥିବାରୁ ଲୁହାର ଉପକରଣ ଖତ ଖାଉଛି

ବଲାଙ୍ଗୀର-ଖୋର୍ଦ୍ଧା ୫୭ନଂ.ଜାତୀୟ ରାଜପଥର ବିଜିପୁରସ୍ଥିତ ବସ୍‌ଷ୍ଟପ୍ ବର୍ଷା ପବନରେ ଭାଙ୍ଗି ଯାଇଛି। ପ୍ରାୟ ୧ମାସ ହେଲା ବସ୍‌ଷ୍ଟପଟି ଭାଙ୍ଗି ପଡିଥିବାବେଳେ ଏହାର ମରାମତି କରାଯାଉନି। ଏଭଳିସ୍ଥଳେ ବସ୍‌ଷ୍ଟପର ଲୁହା ଉପକରଣ ନଷ୍ଟ ହେବାରେ ଲାଗିଛି। ଏପରିକି କେତେଜଣ ବ୍ୟକ୍ତି ବିଭିନ୍ନ ଲୁହା ସାମଗ୍ରୀ ଚୋରାଇ ନେବାକୁ ଉଦ୍ୟମ କରି ବିଫଳ ହୋଇଥିବା ଜଣା ପଡିଛି। ଜାତୀୟ ରାଜପଥ କଡରେ ବସ୍‌ଷ୍ଟପ ଭାଙ୍ଗି ପଡିଥିଲେ ମଧ ଅଣଦେଖା କରାଯାଉଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି।

# ଡାଳ ପଡ଼ି ଭାଙ୍ଗିଲା ବନ ବିଭାଗ ପାଚେରି

ଦଶପଲ୍ଲା,୧୦।୮(ପ୍ରକାଶ କୁମାର ପାଣି)

ଦଶପଲ୍ଲା ବ୍ଲକର ବାଣିଗୋଛା ଥାନା ସମ୍ମୁଖରେ ଥିବା ଏକ ଆମ୍ବଗଛର ଡାଳ ଭାଙ୍ଗିପଡ଼ିବା ଦ୍ୱାରା ବନବିଭାଗ କାର୍ଯ୍ୟାଳୟର ପାଚେରି ଭାଙ୍ଗିପଡିଛି । ଏହି ରାସ୍ତାଦେଇ ଲୋକମାନେ ସ୍ୱାସ୍ଥ୍ୟକେନ୍ଦ୍ର ଓ ଥାନାକୁ ଯାତାୟାତ କରିଥାନ୍ତି । ହେଲେ ସେ ସମୟରେ ଉକ୍ତ ରାସ୍ତାରେ କେହି ଚଳାଚଳ କରୁ ନ ଥିଲେ । ଫଳରେ ଏକ ବଡ଼ ଦୁର୍ଘଟଣାରୁ ରକ୍ଷା ମିଳିଛି । ମଧ୍ୟାହ୍ନ ପ୍ରାୟ ୧୨ଟା ସମୟରେ ହଠାତ୍ ଗଛର ଏକ ବଡ଼ ଡାଳ ଛିଣ୍ଡି ପଡ଼ିଥିଲା । ସେହି ଡ଼ାଳଟି ବାଣିଗୋଛା ସେକ୍ସନ କାର୍ଯ୍ୟାଳୟର ପାଚେରି ଉପରେ ପଡ଼ିଥିଲା ।

# ଶାନ୍ତି ବଜାୟ ରଖିବା ପାଇଁ ଉଦ୍ୟମ


ଥାନା ଅଧିକାରୀ ଲୋକମାନଙ୍କ ସହ ଶାନ୍ତି ବଜାୟ ରଖିବାକୁ ଆଲୋଚନା କରୁଛନ୍ତି।

ନୟାଗଡ଼/ରଣପୁର, ୧୦।୮
(ଲୋକନାଥ ମିଶ୍ର/ସୁକାନ୍ତ କିଶୋର ଡାକୁଆ)

ବାଂଲାଦେଶରେ ହିନ୍ଦୁମାନଙ୍କ ଉପରେ ଚାଲିଥିବା ଆକ୍ରମଣ ଓ ଲୁଟ ଚିନ୍ତାର କାରଣ ପାଲଟିଥିବାବେଳେ ସୋସିଆଲ ମିଡ଼ିଆରେ ଏହାର ପ୍ରଚାରପ୍ରସାର ବିବାଦୀୟ ପରିସ୍ଥିତି ସୃଷ୍ଟି କରୁଛି । ଏହାର କୁପ୍ରଭାବରୁ ମୁକ୍ତି ପାଇଁ ନୟାଗଡ଼ ଜିଲାର ରଣପୁର ଥାନା ପୋଲିସ ହିନ୍ଦୁ ଓ ସଂଖ୍ୟାଲଘୁ ସମ୍ପ୍ରଦାୟର ଲୋକଙ୍କ ମଧରେ ଭ୍ରାତୃଭାବ ଓ ଭାଇଚାରା ବଜାୟ ରଖିବା ପାଇଁ ଉଦ୍ୟମ ଜାରି ରଖିଛି। ଏନେଇ ଶନିବାର ରଣପୁର ଥାନା ପରିସରରେ ରଣପୁର ସହରସ୍ଥିତ ସଂଖ୍ୟାଲଘୁସାହିର ମୁଖ୍ୟ ମୁଖ୍ୟ ଲୋକଙ୍କୁ ଡକାଇ ଆଇଆଇସି ଦିଲୀପ କୁମାର ସ୍ୱାଇଁ ଆଲୋଚନା କରିଛନ୍ତି । କିଛି ସୁବିଧା ଅସୁବିଧା ହେଲେ ତୁରନ୍ତ ପୋଲିସ ସହ ଯୋଗାଯୋଗ କରିବାକୁ ଅନୁରୋଧ କରିଛନ୍ତି । ପ୍ରକାଶଥାଉକି ନୟାଗଡ଼ ଜିଲାର ସୀମାନ୍ତ ଗାଁ ଖୋର୍ଦ୍ଧା ଜିଲା ଜଙ୍କିଆ ଥାନା ଛଣଗିରିରେ ଗତ ଶୁକ୍ରବାର ରାତିରେ ହିନ୍ଦୁ ଓ ସଂଖ୍ୟାଲଘୁ ସମ୍ପ୍ରଦାୟ ମଧ୍ୟରେ ସଂଘର୍ଷ ଘଟି ୧୫ରୁ ଉର୍ଦ୍ଧ୍ୱ ଗାଡ଼ି ଭଙ୍ଗା ଯାଇଥିବାବେଳେ ସ୍ଥାନୀୟ ବଜାରର ଦୋକାନ ପୋଡ଼ା ଜଳା କରାଯାଇଥିଲା। ଏଥିରେ କେତେଜଣ ଲୋକ ଆହତ ହୋଇଥିଲେ। ଏବେବି ସେହି ଗାଁରେ ପୋଲିସ ମୁତୟନ ଥିବାବେଳେ ରଣପୁର ଥାନା ଠାରୁ ସେହି ଗାଁ ପ୍ରାୟ ୧୦ କିମି ହୋଇଥିବାରୁ ଏହାର ପ୍ରଭାବକୁ ଏଡାଇବା ପାଇଁ ରଣପୁର ଥାନା ପୋଲିସ ପକ୍ଷରୁ ଏଭଳି ପଦକ୍ଷେପ ନିଆଯାଇଛି।

# ବିଦ୍ୟୁତ୍ ଅଫିସ ସମ୍ମୁଖରେ ଆଦିବାସୀ ମହିଳାଙ୍କ ଧାରଣା

ନୂଆଗାଁ,୧୦।୮(ଧନେଶ୍ୱର ସାହୁ)


ବିଦ୍ୟୁତ୍ କାର୍ଯ୍ୟାଳୟ ସମ୍ମୁଖରେ ମହିଳାମାନେ ଧାରଣାରେ ବସିଛନ୍ତି ।

- ଦିନ ତମାମ ଧାରଣାରେ ବସିଲେ
- କୌଣସି ଅଧିକାରୀ ଆସିଲେନାହିଁ

ନୟାଗଡ଼ ଜିଲା ନୂଆଗାଁ ବ୍ଲକ୍ ଆଦିବାସୀ ଅଧ୍ୟୁଷିତ ଜାକେଡା ପଞ୍ଚାୟତର ଅନେକ ଗ୍ରାମରେ ଦୀର୍ଘ ଦିନ ହେଲା ବିଦ୍ୟୁତ୍ ନ ଥିବା ନେଇ ଅଭିଯୋଗ ହୋଇଥିଲା । କିନ୍ତୁ ବିଭିନ୍ନ କାରଣ ଦେଖାଇ ବିଦ୍ୟୁତ୍ ବିଭାଗ କର୍ମଚାରୀ ଆଦିବାସୀମାନଙ୍କୁ ଠକିଚାଲିଥିଲା । ଫଳରେ ଆଦିବାସୀମାନେ ବିଦ୍ୟୁତ ବିଭାଗ ଉପରେ ଅସନ୍ତୋଷ ପ୍ରକାଶ କରି ଶନିବାର ନୂଆଗାଁ ବିଦ୍ୟୁତ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ । ସକାଳ ୧୦ଟାରୁ ଆସି ଦିନ ତମାମ ବସି ରହିଥିଲେ ମଧ୍ୟ କୌଣସି ଅଧିକାରୀ ଧାରଣାକାରୀଙ୍କ ନିକଟକୁ ଆସି ନ ଥିଲେ । ଗାଁରେ ବିଦ୍ୟୁତ ବ୍ୟବସ୍ଥା ସ୍ୱାଭାବିକ ହେବା ଯାଏ ଆମ୍ଭେମାନେ ଗାଁକୁ ଫେରିବୁ ନାହିଁ ବୋଲି ଧାରଣାକାରୀମାନେ ରୋକ୍‌ଠୋକ୍ କହିଥିଲେ।

ନୂଆଗାଁ ବ୍ଲକ ଆଦିବାସୀ ଅଧ୍ୟୁଷିତ ଜାକେଡା ପଞ୍ଚାୟତର ଅନେକ ଗ୍ରାମରେ ବିଦ୍ୟୁତ ବିଭାଗ ନିଜର ମନମାନୀ ଚଳାଇଛି। ଇଚ୍ଛା ହେଲେ ବିଦ୍ୟୁତ ସଂଯୋଗ କରାଯାଉଛି । ଏ ନେଇ ଆଦିବାସୀମାନେ ବାରମ୍ବାର ଅଭିଯୋଗ କରି ଆସୁଥିଲେ ମଧ୍ୟ କୌଣସି ସ୍ଥାୟୀ ସମାଧାନ କରାଯାଉ ନାହିଁ । ଦିନେ ଦୁଇ ଦିନ ବିଦ୍ୟୁତ ବ୍ୟବସ୍ଥା ସ୍ୱାଭାବିକ ହେଉଥିଲେ ମଧ୍ୟ ୧୫ ଦିନ ରାତିରେ ଗାଁ ଅନ୍ଧାରରେ ରହୁଛି । ଜାକେଡା ପଞ୍ଚାୟତର ବିଭିନ୍ନ ଗ୍ରାମରେ କିଛି ଦିନ ହେଲା ବାଘ ଆତଙ୍କ ସୃଷ୍ଟି ହେଉଛି । ସେହି ଭୟରେ ଲୋକେ ଦିନରେ ମଧ୍ୟ ଘରୁ ବାହାରକୁ ଯିବାକୁ ଭୟ କରୁଛନ୍ତି। ଏପରି ସ୍ଥିତିରେ ଜାକେଡା ପଞ୍ଚାୟତର କେନ୍ଦୁବଣିଆ, କୁଶିବିଡା, ଗୁଣ୍ଡୁରାସାହି, ଚଡକମରା, ରାମପଲି ଓ କଣ୍ଟିଆମା ଗ୍ରାମରେ ଆଜକୁ ପ୍ରାୟ ୧୫ ଦିନ ହେଲା ବିଦ୍ୟୁତ ନାହିଁ । କିରୋସିନି ମିଳୁ ନ ଥିବାରୁ ଲୋକମାନେ କାଠ ଜାଳି ସେହି ଆଲୁଅରେ ଖାଇ ବସୁଛନ୍ତି ବୋଲି ଧାରଣାକାରୀ ମହିଳାମାନେ କହିଛନ୍ତି । ମୋବାଇଲ ଚାର୍ଜ କରିବା ପାଇଁ ବିଦ୍ୟୁତ ନ ଥିବାରୁ କୌଣସି ରୋଗ ହେଲେ କାହାରିକୁ ଖବର ଦେବା ଅସମ୍ଭବ ହେଉଛି। ପିଲାମାନେ ପାଠ ପଢି ପାରୁ ନାହାନ୍ତି । ବାରମ୍ବାର ଅଭିଯୋଗ କଲେ ମଧ୍ୟ ଆମେ ଆଦିବାସୀ ବୋଲି ଆମ କଥା ଶୁଣୁ ନାହାନ୍ତି ବୋଲି କାଞ୍ଚନବାଳା ଜାନୀ, ନିରୋଳା ଡାକୁଆ, ବିନିତା ମଲିକ, ମାଳତୀ ମଲିକ, ରମା ପ୍ରଧାନ ପ୍ରମୁଖ ଅଭିଯୋଗ କରିଛନ୍ତି। ଆମ୍ଭେମାନେ ସକାଳ ୧୦ଟାରୁ ଆସି ଅଖିଆ ଅପିଆ ଅଫିସ ଆଗରେ ବସିଥିଲେ ମଧ୍ୟ କୌଣସି ଅଧିକାରୀ ଆମ କଥା ବୁଝୁ ନାହାନ୍ତି ବୋଲି ମହିଳାମାନ କହିଛନ୍ତି ।

ଏ ବାବଦରେ ବିଦ୍ୟୁତ ବିଭାଗ ଯନ୍ତ୍ରୀ ଶ୍ରୀନିବାସ ରାଓଙ୍କୁ ଯୋଗଯୋଗ କରିଥିଲେ ମଧ୍ୟ ସେ ଫୋନ ଉଠାଇ ନ ଥିଲେ । ଅଫିସ ଗାଡ଼ି ନ ଥିବାରୁ କାମ କରିବାକୁ ଯାଇ ନ ଥିଲୁ । ବର୍ତ୍ତମାନ ଯାଇ ବିଦ୍ୟୁତ୍ ବ୍ୟବସ୍ଥାରେ ଥିବା ତ୍ରୁଟିକୁ ମରାମତି କରିବୁ ବୋଲି ଜଣେ ବିଦ୍ୟୁତ କର୍ମଚାରୀ କହିଛନ୍ତି। ଜାକେଡା ପଞ୍ଚାୟତକୁ ଶୀଘ୍ର ବିଦ୍ୟୁତ୍ ବ୍ୟବସ୍ଥାକୁ ସ୍ୱାଭାବିକ କରିବାକୁ ନୂଆଗାଁ ଥାନା ଅଧିକାରୀ ଶରତ ଚନ୍ଦ୍ର ସେଠୀ ବିଦ୍ୟୁତ ସୁପରଭାଇଜରଙ୍କୁ ଅନୁରୋଧ କରିଛନ୍ତି ।

